

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୭ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 17 MARCH 2022
Vol.No. 33 ■ No. 73 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ, ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


## ତୁରନ୍ତ ଯୁଦ୍ଧ ବନ୍ଦ ପାଇଁ ରୁଷକୁ ଆଇସିଜେଙ୍କ ନିର୍ଦ୍ଦେଶ



ମସ୍କୋ,୧୬/୦୩ (ନି.ପ୍ର): ୟୁକ୍ରେନ ଉପରେ ଫେବୃଆରୀ ୨୪ ଠାରୁ ରୁଷ କରୁଥିବା ହମଲାକୁ ତୁରନ୍ତ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଇଣ୍ଟରନ୍ୟାଶନାଲ କୋର୍ଟ ଅଫ ଜଷ୍ଟିସ ବା ଆଇସିଜେ। ରୁଷ ହମଲାକୁ ରୋକିବା ପାଇଁ ୟୁକ୍ରେନ ଆଇସିଜେଙ୍କ ଦ୍ୱାରସ୍ଥ ହୋଇଥିଲା। ଏହାର ଶୁଣାଣି କରି ଆଇସିଜେ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆଇସିଜେ କହିଛନ୍ତି, ଏହି ରାୟକୁ ଉଭୟ ପକ୍ଷ ମାନିବା ଦରକାର। ରୁଷ ତୁରନ୍ତ ୟୁକ୍ରେନରେ ଚଳାଇଥିବା ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରୁ। ସେହିପରି ରୁଷ ସପକ୍ଷରେ କୌଣସି ରାଷ୍ଟ୍ର ପକ୍ଷରୁ ୟୁକ୍ରେନକୁ ସୈନ୍ୟ ପଠା ନ ଯାଉ। ବିବାଦ ବଢ଼ିବା ଭଳି କୌଣସି ପଦକ୍ଷେପ ଉଭୟ ଦେଶ ନିଅନ୍ତୁ ନାହିଁ ବୋଲି ଆଇସିଜେ କହିଛନ୍ତି। ଏଥିସହ ଏପରି ଯୁଦ୍ଧ ଦ୍ୱାରା ସାଧାରଣ ଲୋକମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ମିଲିଟାରୀ ଆକ୍ସନ ବର୍ତ୍ତମାନ ସୁଦ୍ଧା ଅନେକ ଲୋକଙ୍କ ଜୀବନ ନେଇ ସାରିଲାଣି। ସେହିପରି ଅନେକ ଲୋକ ଆହତ ହୋଇଛନ୍ତି। ଲୋକମାନେ ସେମାନଙ୍କ ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୋଇଛନ୍ତି। ବିଶାଳ ସଂଖ୍ୟାରେ ଲୋକ ଦେଶ ଛାଡ଼ିବାକୁ ବାଧ ହେଉଥିବା ମଧ ଆଇସିଜେ କହିଛନ୍ତି। ଆଇସିଜେ ରୁଷକୁ ଯୁଦ୍ଧ ବନ୍ଦ କରିବାକୁ କହିବା ପରେ ୟୁକ୍ରେନ ରାଷ୍ଟ୍ରପତି ଭୋଲଦିମି ଜେଲେନସ୍କି ଉତ୍ସାହିତ ହୋଇ ପଡ଼ିଛନ୍ତି। ଆଇସିଜେରେ ୟୁକ୍ରେନର ସଂପୂର୍ଣ୍ଣ ବିଜୟ ହୋଇଥିବା ସେ ଟ୍ୱିଟ କରି କହିଛନ୍ତି। ସେ କହିଛନ୍ତି, ଇଣ୍ଟରନ୍ୟାଶନାଲ କୋର୍ଟ ଅଫ ଜଷ୍ଟିସରେ ୟୁକ୍ରେନ ଆକ୍ରମଣକାରୀ ରୁଷ ବିରୋଧରେ କରିଥିବା ଆବେଦନକୁ ସଂପୂର୍ଣ୍ଣ ଭାବେ ଜିତି ନେଇଛି। ଆକ୍ରମଣକୁ ତୁରନ୍ତ ବନ୍ଦ କରିବାକୁ ଆଇସିଜେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ତର୍ଜାତୀୟ ଆଇନ ଅନୁସାରେ ଏହାକୁ ପାଳନ କରିବାକୁ ସମସ୍ତେ ବାଧ। ତୁରନ୍ତ ରୁଷ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁ। ଯଦି ରୁଷ ଏହାକୁ ନ ମାନିବ, ତା'ହେଲେ ଅନ୍ତର୍ଜାତୀୟ ସ୍ତରରେ ମସ୍କୋ ଆହୁରି ଏକ ଘରକିଆ ହେବ ବୋଲି ଜେଲେନସ୍କି କହିଛନ୍ତି।

## ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ ଭଗୱନ୍ତ ମାନ



ନୂଆଦିଲ୍ଲୀ, ୧୬/୦୩ : ପଂଜାବକୁ ମିଳିଲା ନୂଆ ମୁଖ୍ୟମନ୍ତ୍ରୀ । ଭଗୱନ୍ତ ମାନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ସର୍ବକନିଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ମାନ ପଂଜାବର ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ସହିଦ ଭଗତ ସିଂଙ୍କ ବାସସ୍ଥଳୀ ଖଟକର କାଲାନରେ ଶପଥ ପାଠ ଉତ୍ସବ ଆୟୋଜିତ । ଏଥରକ ବିଧାନସଭା ନିର୍ବାଚନରେ ଆପ ଯେଉଁଭଳି ଭାବେ ବିପୁଳ ବିଜୟ ହାସ କରି ସରକାର ଗଠନ କରିଛି ତାହା ଦେଶର ପୁରୁଣା ଓ ବଡ ରାଜନୈତିକ ଦଳଙ୍କୁ ମଧ ପଛରେ ପକାଇ ଇତିହାସ ରଚିଛି । ପଂଜାବର ୧୭ତମ ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ପାଠ କରିଛନ୍ତି ଭଗୱନ୍ତ ମାନ୍ । ସହିଦ ଭଗତ ସିଂଙ୍କ ପୈତୃକବାସସ୍ଥଳୀ ଖଟକର କାଲାନରେ ଶପଥ ପାଠ ଉତ୍ସବ ଆୟୋଜିତ ହୋଇଛି । ରାଜ୍ୟପାଳ ବନୱାରୀ ଲାଲ ପୁରୋହିତ ମାନଙ୍କୁ ରାଜ୍ୟର ୧୭ତମ ମୁଖ୍ୟମନ୍ତ୍ରୀ ଭାବେ ଗୋପନୀୟତାରେ ଶପଥ ପାଠ କରାଇଛନ୍ତି । ଆଜି ମାନ କେବଳ ଶପଥ ଗ୍ରହଣ କରିଥିବାବେଳେ ନୂଆ ମନ୍ତ୍ରୀମଣ୍ଡଳ ନୂଆ ମନ୍ତ୍ରୀଙ୍କ ଶପଥ ପାଠ ପାଇଁ ଅନ୍ୟ ଏକ ଦିନ ଧାର୍ଯ୍ୟ ହୋଇଛି । ଆପର ପୂର୍ବ ଘୋଷଣା ମୁତାବକ କାର୍ଯ୍ୟକ୍ରମରେ କୌଣସି ଭିଭିଆଇପି ଅତିଥି ସାମିଲ ହୋଇନଥିଲେ । ତେବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ । ଆଜିର କାର୍ଯ୍ୟକ୍ରମରେ ମାନଙ୍କ ଭୂରୀ ପ୍ରଂଶସା କରିବା ସହ ଆପର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲ ସେଠାରେ ଉପସ୍ଥିତ ଥିବା ଲୋକଙ୍କୁ ମାନଙ୍କ ପାଇଁ କରତାଳି ମାରିବାକୁ ମଧ କହିଥିଲେ । ସେପଟେ କେଜ୍ରିୱାଲଙ୍କୁ ଧନ୍ୟବାଦ ଜଣାଇଥିଲେ ପଂଜାବର ନୂଆ ମୁଖ୍ୟମନ୍ତ୍ରୀ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ପୁରୁଷ ଅତିଥି ହଳଦୀ ରଙ୍ଗର ପଗଡି ଓ ମହିଳାମାନେ ସମାନ ରଙ୍ଗର ଓଢଣୀ ପରିଧାନ କରିଥିଲେ । ହଳଦୀ ରଙ୍ଗ ଶିଖ ସମ୍ପ୍ରଦାୟର ଧାର୍ମିକ ରଙ୍ଗ ଓ ଏହାକୁ ଶପଥ ପାଠ ଦିନ ପରିଧାନ କରିବାକୁ ପୂର୍ବରୁ ଅପିଲ କରିଥିଲେ ମୁଖ୍ୟମନ୍ତ୍ରୀ ମାନ୍ । ପଂଜାବ ବିଧାନସଭା ନିର୍ବାଚନରେ ଆମ ଆଦମୀ ପାର୍ଟି ଯେଉଁଭାବେ ▶▶ପୃଷ୍ଠା ୭

## ସେବାୟତ କୃଷ୍ଣଚନ୍ଦ୍ର ପ୍ରତିହାରିଙ୍କୁ ଗୁଳି କରି ହତ୍ୟା : ଜଣେ ଅଟକ

ପୁରୀ, ୧୬/୦୩ (ନି.ପ୍ର): ପୁରୀ ମହାସୁଆର ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରିଙ୍କୁ ଗୁଳି କରି ହତ୍ୟା ମାମଲାରେ ଜଣଙ୍କୁ ଅଟକ ରଖିଛି ପୋଲିସ । କୃଷ୍ଣଚନ୍ଦ୍ର ପ୍ରତିହାରୀଙ୍କ ମୁଣ୍ଡରେ ଓ ଛାତିରେ ୪ଟି ଗୁଳି ବାଜିଥିବା ଜଣାପଡିଛି । ଗୁଳିକାଣ୍ଡ ପରେ ତାଙ୍କୁ ହସ୍ପିଟାଲରେ ମୃତ ଘୋଷଣା କରିଥିଲେ ଡାକ୍ତର । ହତ୍ୟାକାଣ୍ଡ ଘଟିଥିବା ପୁରୀ ବାରବାଟି ଜାଗାରେ ଫରେନସିକ ଟିମ ପହଂଚି ଛାନଭିନ୍ କରୁଛି । ଘଟଣାସ୍ଥଳରୁ ରକ୍ତ ଜୁଡୁବୁଡ଼ କାଗଜ, ୪ହଳ ଚପଲ ଓ ୪ଟି ଖୋକା ଜବତ କରିଛି ଫରେନସିକ୍ ଟିମ୍ ।

## ଆଉ ୬ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର




ଭୁବନେଶ୍ୱର, ୧୬/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସାଧାରଣ ଜୀବନରେ କ୍ଷେତ୍ରରେ ଉଚ୍ଚ ନୈତିକତା ଓ ସାଧୁତା ବଜାୟ ରଖିବା ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ସବୁବେଳେ ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଉପରେ ଜୋର ଦେଇଆସିଛନ୍ତି । ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି। ରାଜ୍ୟ ସରକାରଙ୍କ ଏହି ଆଭିମୁଖ୍ୟ ଅନୁଯାୟୀ ଏବେ ଆଉ ୬ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ଏବଂ ଏଥିରେ ବିଭିନ୍ନ କ୍ଷେତ୍ରରେ ଥିବା ଅଧିକାରୀ, ଯଥା - ୩ ଜଣ ଏକ୍ଜିକ୍ୟୁଟିଭ ଇଞ୍ଜିନିୟର, ଜଣେ ପୋଲିସ ଇନ୍ସପେକ୍ଟର, ଅତିରିକ୍ତ ଯୋଗାଣ ଅଧିକାରୀ ଓ ଜିଲ୍ଲା କଲ୍ୟାଣ ଅଧିକାରୀ ପ୍ରମୁଖ ଅନ୍ତର୍ଭୁକ୍ତ । ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୫୮ ଜଣ ଅଧିକାରୀଙ୍କୁ ଚାକିରୀରୁ ବରଖାସ୍ତ ବା ବାଧ୍ୟତାମୂଳକ ଅବସର ଦିଆଯାଇଛି । ଏହି ୬ ଜଣଙ୍କ ମଧ୍ୟରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିନସ୍ଥ ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ କ୍ୟାଡରର ୩ ଜଣ ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ରହିଛନ୍ତି। ଏମାନଙ୍କ ମଧ୍ୟରୁ ଶ୍ରୀ ସରୋଜ କୁମାର ଦାସଙ୍କ କାର୍ଯ୍ୟଶୈଳୀ ଆଦୌ ସନ୍ତୋଷଜନକ ନ ଥିଲା ଏବଂ ତାଙ୍କର ଅତୀତର ରେକର୍ଡରୁ ଜଣାଯାଇଛି ଯେ କାର୍ଯ୍ୟ କ୍ଷେତ୍ରରେ ଅତ୍ୟନ୍ତ ଅପାରଗ ଥିଲେ। ତାଙ୍କ କାର୍ଯ୍ୟଶୈଳୀରେ ଅସଙ୍ଗତି, ନିଷ୍ଠାର ଅଭାବ ଏବଂ ଅପାରଗତା ଯୋଗୁ ସେ ଜଣେ ▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ନିର୍ବାହୀ ଯନ୍ତ୍ରୀ, ୪ଟି ସ୍ଥାନରେ ଏକକାଳୀନ ଚଢାଉ

ଭୁବନେଶ୍ୱର ୧୬/୦୩ (ନି.ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକରେ କାର୍ଯ୍ୟରତ ଡ୍ରେନେଜ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ବେହେରାଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି । କଟକ, ଭୁବନେଶ୍ୱର ସମେତ ୪ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଛି । ଭିଜିଲାନ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ଚଢାଉରେ ୪ ଜଣ ଡିଏସ୍‌ପି, ୮ ଜଣ ଇନସ୍ପେକ୍ଟର ଏବଂ ଅନ୍ୟ କର୍ମଚାରୀ ସାମିଲ ଅଛନ୍ତି ।

## ଆରମ୍ଭ ହେଲା ୧୨ରୁ ୧୪ ବର୍ଷ ପିଲାଙ୍କର ଟିକାକରଣ



ଭୁବନେଶ୍ୱର, ୧୬/୦୩ (ନି.ପ୍ର): ରାଜ୍ୟରେ ବୁଧବାର ଠାରୁ ୧୨ ରୁ ୧୪ ବର୍ଷ ପିଲାଙ୍କ ଟିକାକରଣ ଆରମ୍ଭ ହୋଇଛି। ରାଜ୍ୟର ୫୪ ଟି କେନ୍ଦ୍ରରେ ଏହି ଟିକାକରଣ କାର୍ଯ୍ୟ ଚାଲିଛି । ଯେଉଁ ପିଲାମାନେ ୨୦୧୦ ମାର୍ଚ୍ଚ ୧୫ ପୂର୍ବରୁ ଜନ୍ମ ହୋଇଥିବେ ସେମାନଙ୍କୁ ଟିକା ଦିଆଯାଉଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ପୂର୍ବରୁ ୬୦ ବର୍ଷରୁ ଉର୍ଧ କୋମୋର୍ବିଡ ରୋଗୀଙ୍କୁ ପ୍ରିକସନ ଡୋଜ ଦିଆଯାଉଥିବା ବେଳେ ଆଜି ୬୦ ବର୍ଷରୁ ଅଧିକ ସମସ୍ତ ବ୍ୟକ୍ତିଙ୍କ ପାଇଁ ପ୍ରିକସନ ଡୋଜ ଟୀକାକରଣ ଆରମ୍ଭ ହୋଇଛି । ଏହା ବାଦ ୧୮ ବର୍ଷରୁ ଅଧିକ ଓ ୧୫ ରୁ ୧୭ ବର୍ଷ ପିଲାଙ୍କର ଟିକାକରଣ ପୂର୍ବ ଭଳି ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୬ କୋଟି ୨୧ ଲକ୍ଷ ଟିକା ଦିଆଯାଇଛି। ଯେଉଁଥିରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ପ୍ରଥମ ଡୋଜ ନେଇଛନ୍ତି ୯୫.୪% । ଦ୍ୱିତୀୟ ଡୋଜ ନେଇଛନ୍ତି ୮୪%। ସେହିଭଳି ୧୫ ରୁ ୧୭ ବର୍ଷ ପିଲାଙ୍କ ମଧ୍ୟରୁ ୮୨% ପ୍ରଥମ ଡୋଜ ନେଇଥିବାବେଳେ ୬୩% ଦ୍ୱିତୀୟ ଡୋଜ ନେଇସାରିଛନ୍ତି।

## ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟିହେଲା ଲଘୁଚାପ କ୍ଷେତ୍ର
## ୨୧ ତାରିଖ ସୁଦ୍ଧା ନେଇପାରେ ବାତ୍ୟାର ରୂପ



ଭୁବନେଶ୍ୱର, ୧୬/୦୩ (ନି.ପ୍ର): ଭାରତୀୟ ମହାସାଗର ଓ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ବ ବୁଲେଟିନରେ ଏହି ସୂଚନା ଦିଆ ଯାଇଛି। ବୁଲେଟିନରେ କୁହା ଯାଇଛି ଏହା ଧୀରେ ଧୀରେ ପୂର୍ବ ଉତର-ପୂର୍ବ ଦିଗରେ ଗତି କରି ଆସନ୍ତା ୧୯ ତାରିଖ ସୁଦ୍ଧା ଦକ୍ଷିଣପୂର୍ବ ବଙ୍ଗୋପସାଗର ଓ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଏକ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେବ । ଏହା ପରେ ଏହା ଉତର-ପଶ୍ଚିମ ଦିଗରେ ଗତି କରିହ ଓ ୨୦ ତାରିଖ ସୁଦ୍ଧା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଉପକୂଳରେ ଏକ ଡିପ୍ରେସନରେ ପରିଣତ ହେବ । ବୁଲେଟିନରେ ଆହୁରି କୁହା ଯାଇଛି ଯେ ଏହା ପରେ ଅର୍ଥାତ ୨୧ ମାର୍ଚ୍ଚ ସୁଦ୍ଧା ଏହା ଆହୁରି ଘନୀଭୂତ ହୋଇ ହୋଇ ଏକ ବାତ୍ୟା ରୂପ ନେବ । ୨୨ ତାରିଖ ପର୍ଯ୍ୟନ୍ତ ଏହା ଉତର ଉତର-ପଶ୍ଚିମ ଦିଗରେ ଗତି କରିବ ଓ ଧୀରେ ଧୀରେ ଉତର-ପୂର୍ବ ଦିଗରେ ଗତି କରି ୨୩ ତାରିଖ ବାଂଲାଦେଶ ଓ ମିଆଁମାର ଉପକୂଳରେ ପହଂଚିବ ।

## ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଦୁଇଜଣଙ୍କୁ ନିଲମ୍ବିତ କଲେ ବିଜେଡି ମୁଖ୍ୟ

ଭୁବନେଶ୍ୱର, ୧୬/୦୩ (ନି.ପ୍ର): ଦଳ ବିରୋଧୀ କାର୍ଯ୍ୟ ପାଇଁ ଅନୁଗୁଳ ଜିଲ୍ଲାର ଆଠମଲିକ ଏନ୍‌ଏସ୍‌ସିର ନିହାର ହୋତା ଓ ସନ୍ତୋଷ ହୋତାଙ୍କୁ ବିଜୁ ଜନତା ଦଳରୁ ନିଲମ୍ବନ କରାଯାଇଛି । ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ଏମାନଙ୍କୁ ନିଲମ୍ବିତ କରିଛନ୍ତି । ଏନେଇ ଦଳ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ବିଦେଶରେ କରୋନା ସଂକ୍ରମଣ ବଢ଼ିବା ପରେ ଭାରତରେ ସତର୍କ କଲେ ବିଶେଷଜ୍ଞ



ନୂଆଦିଲ୍ଲୀ, ୧୬/୦୩ : ସମଗ୍ର ବିଶ୍ୱରେ କରୋନା ମହାମାରୀ ପୁଣିଥରେ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ଚୀନରେ କରୋନାର ନୂଆ ଭାରିଆଣ୍ଟ ସବୁ ରେକର୍ଡ ଭାଙ୍ଗୁଛି । ପଶ୍ଚିମ ୟୁରୋପୀୟ ସମେତ ଅନେକ ଦେଶ ଗୁଡ଼ିକରେ କରୋନା ସଂକ୍ରମିତଙ୍କ ସଂଖ୍ୟା ମଧ ଲଗାତର ବଢୁଛି । ଚୀନ୍ ସମେତ ବାକି ଦେଶ ଗୁଡ଼ିକରେ ସଂକ୍ରମଣ ବଢୁଥିବାର ଦେଖି ବିଷେଶଜ୍ଞମାନେ ଚତୁର୍ଥ ଲହରର ସମ୍ଭାବନା ଆଡ଼କୁ ଇସାରା କରିଛନ୍ତି । ନ୍ୟାସନାଲ୍ ଇମ୍ୟୁନାଇଜେସନ୍ ଟେକ୍ନିକାଲ୍ ଆଡଭାଇଜରୀ ଗ୍ରୁପର କୋଭିଡ୍-୧୯ ମୁଖ୍ୟ ଡାକ୍ତର ଏନକେ ଅରୋରା ମଧ ଭାରତରେ କରୋନାର ଏହି ନୂଆ ଲହରକୁ ନେଇ ସତର୍କ କରାଇଛନ୍ତି । ସେ କହିଛନ୍ତି, ତୃତୀୟ ଲହରରେ କରୋନାର ଓମିକ୍ରନ ଇଇ.୨ ଭାରିଆଂଟ ମୋଟ ଜନସଂଖ୍ୟାର ୭୫ ପ୍ରତିଶତଙ୍କୁ ସଂକ୍ରମିତ କରିଛି । ତେଣୁ ଚତୁର୍ଥ ଲହରରେ ନୂଆ ଭାରିଆଂଟ ଦେଖିବାକୁ ମିଳିପାରେ ବୋଲି ଡାକ୍ତର ଏନକେ ଅରୋରା କହିଛନ୍ତି । ତେବେ ଭାରତରେ ଚତୁର୍ଥ ଲହରର କେବେ ଆସିବ, ତାହା କହିହେବ ନାହିଁ । କରୋନା ଚତୁର୍ଥ ଲହର ଚଳିତ ବର୍ଷ ଜୁଲାଇରେ ଆସିପାରେ ବୋଲି ଆଇଆଇଟି କାନପୁରର ଅଧ୍ୟୟନରୁ ଆକଳନ ହୋଇଛି । ତେବେ ଅଧ୍ୟୟନରେ କିଛି ତୃଟି ଥିବା ଡାକ୍ତର ଅରୋରା କହିଛନ୍ତି । ଭାରତୀୟଙ୍କ ଠାରେ ରୋଗ ▶▶ପୃଷ୍ଠା ୭

## ଠାବ ହେଲା କରୋନାର ନୂଆ ରୂପ, ବଢ଼ିଲା ବିଶ୍ୱର ଚିନ୍ତା

ଜେରୁଜେଲମ, ୧୬/୦୩ (ନି.ପ୍ର): ପୁଣିଥରେ ମହାମାରୀ କରୋନାକୁ ନେଇ ଚିନ୍ତା ବଢ଼ିବା ଭଳି ଖବର ସାମ୍ନାକୁ ଆସିଛି। ଇସ୍ରାଏଲରୁ ଠାବ ହୋଇଛି କରୋନାର ନୂଆ ଭାରିଏଣ୍ଟ। ଦୁଇ ଜଣଙ୍କ ଶରୀରରୁ ଏହି ନୂଆ ଭାରିଏଣ୍ଟ ଠାବ ହୋଇଥିବା ଇସ୍ରାଏଲ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ପୂର୍ବରୁ ମିଳିଥିବା ଓମିକ୍ରନର ଦୁଇଟି ସବ୍ ଭାରିଏଣ୍ଟ ମିଳିତ ଭାବେ ଗୋଟିଏ ନୂଆ ରୂପ ଧାରଣ କରିଛନ୍ତି। ବିଏ.୧ ଓ ବିଏ.୨ ଭାବେ ଜଣାଶୁଣା ଏହି ଦୁଇ ଭାରିଏଣ୍ଟ ମିଳିତ ଭାବେ ନୂଆ ଷ୍ଟ୍ରେନରେ ପରିଣତ ହୋଇଛନ୍ତି। ଏବେ ଏହା ଦୁଇ ଜଣ ଇସ୍ରାଏଲ ଫେରନ୍ତାଙ୍କ ଶରୀରରୁ ଠାବ ହୋଇଛି। ଏହି ଦୁଇ ବ୍ୟକ୍ତି ଇସ୍ରାଏଲର ବେନ ଗୁରିଅନ ଏୟାରପୋର୍ଟରେ ଅବତରଣ କରିଥିଲେ। ଏହାପରେ ସେମାନଙ୍କର ଆରଟି ପିସିଆର ଟେଷ୍ଟ କରାଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ଜେନୋମ ସିକ୍ୱେନ୍ସିଂ କରାଯାଇଥିଲା। ଏହି ସମୟ ମିଳିତ ଭାରିଏଣ୍ଟ ଉଭୟଙ୍କ ଶରୀରରୁ ଠାବ ହୋଇଛି। ଏହି ଭାଇରସର ପ୍ରଭାବ ସମ୍ପର୍କରେ ଏଯାଏ ବିଶ୍ୱର କୌଣସି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପାଖରେ ନାହିଁ। ପ୍ରଥମ ଥର ଏପରି କମ୍ବାଇଣ୍ଡ ଭାଇରସ ଠାବ ହୋଇଛି। ମନ୍ତ୍ରଣାଳୟ କହିଛି, କମ୍ବାଇଣ୍ଡ ଭାଇରସରେ ଆକ୍ରାନ୍ତ ହୋଇଥିବା ଦୁଇ ବ୍ୟକ୍ତିଙ୍କ ଶରୀରରେ ମଧ୍ୟମଧରଣର ଜ୍ୱର ରହିଛି। ସେହିପରି ମୁଣ୍ଡ ବିନ୍ଧା ହେବା ସହ ସେମାନେ ଶରୀରରେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ତେବେ ସେମାନଙ୍କୁ ଏଯାଏ ସ୍ୱତନ୍ତ୍ର ମେଡିକାଲ ଚିକିତ୍ସାର ଆବଶ୍ୟକ ପଡ଼ିନି। ତେଣୁ କେହି ବି ଏହାକୁ ନେଇ ବ୍ୟସ୍ତ ହେବାର ଆବଶ୍ୟକ ନଥିବା ମନ୍ତ୍ରଣାଳୟ ଆଶ୍ୱନା ଦେଇଛି।

## ବାଲେଶ୍ୱରରେ ସାରସ୍ୱତ ସମାବେଶ 'ହେ ଫଗୁଣ ତୁମେ ଗଲାପରେ...'



ବାଲେଶ୍ୱର,୧୬/୦୩ (ନି.ପ୍ର): ଋତୁରାଜ ବସନ୍ତକୁ ନେଇ ଫ୍ୟୁଚର ବାଲେଶ୍ୱର ପକ୍ଷରୁ ସାରସ୍ୱତ ସମାବେଶ ' ହେ ଫଗୁଣ ତୁମେ ଗଲାପରେ...'ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ଏଥିରେ ପୌରୋହିତ୍ୟ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କବି କାଳୀପଦ ପଣ୍ଡା, କବି ଅଭୟ ଦାସ, କବି ଓ ଧ୍ୱନି ପ୍ରତିଧ୍ୱନି ସମ୍ପାଦିକା ସୈରିନ୍ଦ୍ରୀ ସାହୁ, ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟ, ଶିକ୍ଷାବିତ ସତ୍ୟଜିତ ମିଶ୍ର ପ୍ରମୁଖ ଏଥିରେ ଅତିଥି-ବକ୍ତା ଭାବେ ଯୋଗଦେଇ ଧରାପୃଷ୍ଠ ତଥା ଜୀବଜଗତ ଉପରେ ବସନ୍ତ ଋତୁର ପ୍ରଭାବ ଓ ଏହାର ସାରସ୍ୱତ ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। ଫାଲଗୁନ ମାସ ଚାଲିଗଲା ପରେ ବି ବସନ୍ତର ସ୍ପର୍ଶରେ ମନ ଓ ଶରୀରର ପ୍ରତିକ୍ରିୟା ଜାରି ରହିଥାଏ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ପୂର୍ବତନ ପୌର ଉପାଧ୍ୟକ୍ଷା ତଥା ଚଳିତ ପୌର ନିର୍ବାଚନର ବିଜେପି ଅଧ୍ୟକ୍ଷା ପ୍ରାର୍ଥିନୀ ରଶ୍ମିରେଖା ଦେବ ଏଥିରେ ବିଶେଷ ଅତିଥି ଭାବେ ଯୋଗଦେଇ ଏଭଳି ନିଆରା କାର୍ଯ୍ୟକ୍ରମ ଆୟୋଜନକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଆୟୋଜିତ ଏକ କବିତା ପାଠ ଉତ୍ସବରେ ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ଓ ରବୀନ୍ଦ୍ର ବିଶ୍ୱାଳ ସଂଯୋଜନା କରିଥିଲେ। ବହୁ କବି ଓ କବୟିତ୍ରୀ ଏଥିରେ ଯୋଗଦେଇ ବସନ୍ତ ଋତୁ ତଥା ଫାଲଗୁନ ମାସ ଉପରେ ଆଧାରିତ ସ୍ୱରଚିତ କବିତା ପାଠ କରିଥିଲେ। ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ।

# ସରପଂଚଙ୍କ ପ୍ରତିନିଧି ନଗେନ୍ଦ୍ରଙ୍କୁ ଜଣାଇଲେ ଶୁଭେଚ୍ଛା



ବାସୁଦେବପୁର,୧୬/୦୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଅରଣ୍ଡୁଆ ପଂଚାୟତର ନବ ନିର୍ବାଚିତ ସରପଂଚ ନିରୂପମା ନାୟକ ଙ୍କ ପ୍ରତିନିଧି ମୁକ୍ତିକାନ୍ତ ନାୟକ ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ଙ୍କୁ ଫୁଲତୋଡା ଦେଇ ଶୁଭେଚ୍ଛା ଓ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ଏଥି ସହିତ ଅରଣ୍ଡୁଆ ପଂଚାୟତର କର୍ମୀ ହେମନ୍ତ ଷଡଙ୍ଗୀ,ପୂର୍ବତନ ସରପଂଚ ବସନ୍ତ ବିଶ୍ୱାଳ, ଶରତ ପଲେଇ,ହିମାଂଶୁ ଷଡଙ୍ଗୀ, ଅମିତ ନାୟକ,ପ୍ରହ୍ଲାଦ ନାୟକ ପ୍ରମୁଖ ବ୍ଲକ ଅଧ୍ୟକ୍ଷ ଙ୍କୁ ଅଭିନନ୍ଦନ ଜଣାଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।

# ଅବାଧ ଓ ନିରପେକ୍ଷ ପୌର ନିର୍ବାଚନ ଉପରେ ଗୁରୁତ୍ୱ

ପୁରୀ,୧୬/୦୩ (ନି.ପ୍ର): ପୁରୀ ଜିଲ୍ଲାର ନିମାପଡା, ପିପିଲି ଓ କୋଣାର୍କ ବିଜ୍ଞାପିତ ଅଂଚଳରେ ନିର୍ବାଚନ ନେଇ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ୨୪ ତାରିଖରେ ମତଦାନ ହୋଇ ଆସନ୍ତା ୨୬ ତାରିଖରେ ଭୋଟ ଗଣତି ହେବ । ନିମାପଡାର ୧୧ଟି ଓ୍ୱାର୍ଡର ୧୯ଟି ବୁଥ୍, ପିପିଲିର ୧୬ଟି ଓ୍ୱାର୍ଡର ୨୦ଟି ବୁଥ୍ ଏବଂ କୋଣାର୍କର ୧୩ଟି ଓ୍ୱାର୍ଡର ୧୫ଟି ବୁଥରେ ମତଦାନ ହେବ । ନିମାପଡାରେ ୧୫୬୮୨, ପିପିଲିରେ ୧୫୫୦୧ ଏବଂ କୋଣାର୍କରେ ୧୨୧୬୧ ଜଣ ମତଦାତା ମତାଧିକାର ସାବ୍ୟସ୍ତ କରିବେ । ନିମାପଡାରେ କାଉଲସିଲର ନିମନ୍ତେ ୨୪ ଜଣ ଓ ଚେୟାରମ୍ୟାନ ନିମନ୍ତେ ୩ ଜଣ, ପିପିଲି ପାଇଁ ୫୧ ଜଣ କାଉନସିଲର ଓ ଚେୟାରମ୍ୟାନ ନିମନ୍ତେ ୫ ଜଣ ଏବଂ କୋଣାର୍କ ନିମନ୍ତେ ୫୦ ଜଣ କାଉନସିଲର ଓ ୬ ଜଣ ଚେୟାରମ୍ୟାନ ଭାବେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ତିନୋଟି ବିଜ୍ଞାପିତ ଅଂଚଳର ୪୦ଟି ଓ୍ୱାର୍ଡର ୫୪ଟି ବୁଥ୍ ରେ ୪୩୪୪୪ ଜଣ ମତାଧିକାର ସାବ୍ୟସ୍ତ କରିବେ । ନିର୍ବାଚନରେ ୧୦୮ଟି ଇଭିଏମ୍ ବ୍ୟବହୃତ ହେବ । ପ୍ରତ୍ୟେକ ବିଜ୍ଞାପିତ ଅଂଚଳରେ ପିଙ୍କ ବୁଥ୍ ଓ ଆଦର୍ଶ ମତଦାନ କେନ୍ଦ୍ର କରାଯିବ । ପ୍ରାୟ ୩୦୦ ଜଣ ପୋଲିଂ ଅଧିକାରୀ ଓ ୬ ଜଣ ସେକ୍ଟର ଅଧିକାରୀ ନିୟୋଜିତ ହେବେ । ପିପିଲି ନିମନ୍ତେ ଜବାହର ବିଦ୍ୟାପୀଠ, ନିମାପଡା ପାଇଁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, କୋଣାର୍କ ନିମନ୍ତେ ଆଶ୍ରମ ସ୍କୁଲରେ ଷ୍ଟ୍ରଙ୍ଗରୁମ କରାଯିବ । ଆସନ୍ତା ୨୩ ତାରିଖ ମଧ୍ୟାହ୍ନ ସୁଦ୍ଧା ପୋଲିଂ ଅଧିକାରୀ ମାନେ ସେମାନଙ୍କ ମତଦାନ କେନ୍ଦ୍ରରେ ପହଂଚିବେ । ସକାଳ ୮ ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ମତଦାନ ହେବ । ଏହି ଅବସରରେ ପୋଲିଂ ଅବାଧ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ନିର୍ବାଚନ ସହ ସଂଶ୍ଳିଷ୍ଟ ସମସ୍ତ ପ୍ରଶାସନିକ ଅଧିକାରୀ, ପୋଲିସ ଏବଂ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଜିଲ୍ଲାପାଳ ଆଲୋଚନା କରିଥିଲେ । ନିର୍ବାଚନର ୪୮ ଘଂଟା ପୂର୍ବରୁ ପ୍ରଚାର କାର୍ଯ୍ୟ ଶେଷ ହେବ । କାଉନସିଲର ମାନଙ୍କ ନିମନ୍ତେ ୫୦ ହଜାର ଓ ଚେୟାରମ୍ୟାନ ମାନଙ୍କ ନିମନ୍ତେ ୨ ଲକ୍ଷ ଟଙ୍କା ନିର୍ବାଚନୀ ଖର୍ଚ୍ଚ ରଖାଯାଇଛି । ସରକାରୀ ସ୍ଥାନରେ ପ୍ରାର୍ଥୀ ମାନେ କୌଣସି ପୋଷ୍ଟର ଓ ବ୍ୟାନର ଲଗାଇ ପାରିବେ ନାହିଁ । ଷ୍ଟ୍ରଙ୍ଗରୁମ ଗୁଡିକରେ ସିସିଟିଭି଼ ଲଗାଯିବ ବୋଲି ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ଜ୍ୟୋତିରଞ୍ଜନ ପ୍ରଧାନ କହିଥିଲେ ।

ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୈଳାଶ ଚନ୍ଦ୍ର ନାୟକ, ଉପ ଜିଲ୍ଲାପାଳ ଭବତାରଣ ସାହୁ, ପିକେଡିଏ ସଚିବ ଲଲାଟେନ୍ଦୁ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜିଲ୍ଲା ନିର୍ବାଚନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର, ପ୍ରତ୍ୟେକ ବିଜ୍ଞାପିତ ଅଂଚଳର ନିର୍ବାଚନ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ଚୋରି ମାମଲାରେ ୪ ଗିରଫ

ଜୟପୁର,୧୬/୦୩ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ମୁଳାସୁରରୁ ଦୃବୁର୍ତ ମାନେ ଚୋରି କରି ଥିଲେ । ଏନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଥିଲା । ଏହି ମାମଲାରେ ୪ ଜଣ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଖ୍ରୀଷ୍ଟିଆନପେଟାର ସଜିଦ ଖାନ(୪୯), ବୋରିଗୁମ୍ମା ଥାନା ଦଣ୍ଡସେନାଗୁଡାର ଡମ୍ବୁ ମୁଦୁଲି(୨୪), ଅନି ମୁଦୁଲି(୨୫) ଓ ଟୁନୁ ମୁଦୁଲି(୨୪) । ସେମାନଙ୍କ ଠାରୁ ପୋଲିସ୍ ଟାଟା ମ୍ୟାଜିକ ଗାଡି, ୪ଟି ଚ୍ୟାନେଲ, ୨୦ ପାଇପ କୁ ଜବତ କରିଛି । ପୋଲିସ ସୂଚନା ଅନୁଯାଇ ଠିକାଦାର ସଞ୍ଜୟ ବୋବାଲି ପାଇପ ଲାଇନ ଓାଟର ଟ୍ୟାଙ୍କ କାମ କରିବାକୁ ମଲୁସୁର ନିକଟରେ ରଖିଥିବା ବେଳେ ଚୋରି ହେଇ ଯାଇଥିବା ନେଇ ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ସେ ମାନେ ଚୋରି ସମଗ୍ରୀ ବିକ୍ରି କରିବାକୁ ଯୋଜନା କରୁଥିବା ପୋଲିସ ଆଗରେ ମାନିଛନ୍ତି । ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସଡିପିଓ ଅରୁପ ଅଭିଷେକ ବେହେରା ସୂଚନା ଦେଇଛନ୍ତି ।

# ବଲାଙ୍ଗୀର ଜିଲ୍ଲା ଦେଷଣ୍ଡ ପଂଚାୟତର ଚାନ୍ଦିଲି ପାହାଡ଼ ଉନ୍ନୟନ ପାଇଁ ଏକ କୋଟି ମଞ୍ଜୁର

ବଲାଙ୍ଗିର ,୧୬/୦୩ (ନି.ପ୍ର): ବଲାଙ୍ଗୀର ଜିଲ୍ଲାରେ ବଣପାହାଡଘେରାରେ ରହିଛି ଅନେକ ମନୋରମ ପର୍ଯ୍ୟଟନସ୍ଥଳୀ । ଏଭଳି ସ୍ଥଳିର ବିକାଶ କରାଗଲେ ଜିଲ୍ଲା ଏକ ସରସ ଓ ସୁନ୍ଦର ଜିଲ୍ଲା ହୋଇପାରିବ । ରାଜ୍ୟସରକାର ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ସ୍ଥଳିଗୁଡିକୁ ଇକୋଟୁରିଜମରେ ସାମିଲ କରି ବିକାଶ କରିବାକୁ ଲକ୍ଷ୍ୟ ରଖିଛନ୍ତି । ସେହିକ୍ରମରେ ବଲାଙ୍ଗୀର ଜିଲ୍ଲା ଦେଷଣ୍ଡ ପଞ୍ଚାୟତର ଚାନ୍ଦିଲି ପାହାଡରେ ଉନ୍ନତିକରଣ ପାଇଁ ରାଜ୍ୟପର୍ଯ୍ୟଟନ ବିଭାଗ ଏକ କୋଟି ଟଙ୍କାର ଅନୁଦାନ ଦେଇଛନ୍ତି । ଗତ ଦୁଇବର୍ଷ ତଳୁ ଏହି ଚାନ୍ଦିଲି ପାହାଡକୁ ପର୍ଯ୍ୟଟନସ୍ଥଳିର ମାନ୍ୟତା ଦେବା ସହିତ ଉନ୍ନୟନ ପାଇଁ ଅନୁଦାନ ଦେବାକୁ ଦାବି ହୋଇଆସୁଥିଲା । ପାଟଣାଗଡ ରେଞ୍ଜ ଅଧିନସ୍ଥ ଦେଷଣ୍ଡ ଗାଁ ପାଖରେ କିରିବାଞ୍ଜି ଜଙ୍ଗଲ ଘେରାରେ ରହିଛି ଚାନ୍ଦିଲି ପାହାଡ । ଏହାର ଅନେକ ଐତିହାସିକ ପୃଷ୍ଠଭୂମୀ ଥିବା ବେଳେ ପାହାଡରେ ଅନେକଗୁମ୍ଫା ଓ ପୁରାତନ ଐତିହ୍ୟ ରହିଛି । ଦେଓଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣକୁମାର ମେହେର, ପୂର୍ବତନ ଅଧ୍ୟକ୍ଷା ଥିବା ତାଙ୍କ ପତ୍ନୀ ରୀନା ମେହେର ଓ ଅଞ୍ଚଳବାସୀ ରାଜ୍ୟସରକାରଙ୍କ ଠାରେ ଦାବି କରୁଥିଲେ । ଲୋକଙ୍କ ଦାବିକୁ ନେଇ ଯୁବନେତା ଅର୍କେଶନାରାୟଣ ସିଂଦେଓ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଜରିଆରେ ପର୍ଯ୍ୟଟନମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଠାରେ ଏଥିପାଇଁ ଦୃଢଦାବି ରଖିଥିଲେ । ଶେଷରେ ମାର୍ଚ୍ଚ ୯ତାରିଖରେ ପର୍ଯ୍ୟଟନବିଭାଗ ଚାନ୍ଦଲିର ବିକାଶ ପାଇଁ ୧କୋଟି ଟଙ୍କାର ଅନୁଦାନ ଦେବାକୁ ପ୍ରଶାସନିକ ମଞ୍ଜୁରି ପ୍ରଦାନ କରିଥିବା ଜଣାଯାଇଛି । ଏହି ଘଟଣା ଜଣାପଡିବା ପରେ ଦେଓଗାଁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ଏହି ମଞ୍ଜୁରି ପରେ ରାଜ୍ୟସରକାରଙ୍କୁ ଲକ୍ଷ୍ମଣକୁମାର ମେହେର, ରୀନା ମେହେର, ଦେଓଗାଁ ବ୍ଲକଯୁବ ବିଜେଡି ସଭାପତି ଶୈଳେନ୍ଦ୍ର ସାହୁ, ପ୍ରମୋଦ ବହିଦାର, ଅନ୍ତର୍ଯ୍ୟାମୀ ଭୋଇ, ବିଧାନ ସେଠ, ପ୍ରଦୀପ ପଧାନ, ଜନ୍ମେଜୟ ପୋଢ, ଅଚ୍ୟୁତ ମିଶ୍ର, ବିଜେଡିଛାତ୍ର ସଭାପତି ଦୀପକ ବେହେରା,ବୀରେନ ଦଳାଇ, ରାଜୀବ ବିଶ୍ୱାଳ, ଅଭିମନ୍ୟୁ ମାଝୀ, ବଡବାହାଲ ସମିତିସଭ୍ୟ ସିତାଂଶୁ ମିଶ୍ର, ଘାସିରାମ ରଣା, ପୂର୍ବତନ ସରପଞ୍ଚ ସ୍ୱୟଂମ୍ବର ମେହେର ଆଗାମୀଦିନରେ ଦେଓଗାଁ ବ୍ଲକର ଭୀମପାହାଡ ଓ ଚାନ୍ଦିଲି ପାହାଡକୁ ଇକୋଟୁରୋଜମରେ ସାମିଲ କରିବାକୁ ଦାବି କରିଛନ୍ତି ।

ଏହି ପ୍ରକଳ୍ପର ପ୍ରଶାସନିକ ମଞ୍ଜୁରି ପରେ ପୂର୍ବତନମନ୍ତ୍ରୀ ଅନଙ୍ଗଉଦୟ ସିଂଦେଓ, ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଓ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ କୃତଜ୍ଞତା ଜଣାଇଛନ୍ତି । ସ୍ଥାନୀୟ ଲୋକଙ୍କ ଦାବିକ୍ରମେ ଜିଲ୍ଲାପାଳ ଓ ବଲାଙ୍ଗୀର ପର୍ଯ୍ୟଟନ ଅଧିକାରୀ ଆର.କେ.ଦଳାଇ ଓ ଡିଏଫଓ ସମୀର ଶତପଥି ଚାନ୍ଦିଲି ପାହାଡକୁ ପରିଦର୍ଶନରେ ଯାଇ ରାଜ୍ୟସରକାରଙ୍କୁ ଆବଶ୍ୟକ ମଞ୍ଜୁରି ପାଇଁ ସୁପାରିଶ କରିଥିଲେ । ମଞ୍ଜୁରି ହୋଇଥିବା ଅନୁଦାନରେ ଚାନ୍ଦିଲି ପାହାଡକୁ ଆପ୍ରୋଚରୋଡ, ପର୍ଯ୍ୟଟକଙ୍କ ପାଇଁ ପିକନିକ ପିଣ୍ଡି, ବିଦ୍ୟୁତିକରଣ, ପାହାଡ ଉପରକୁ କଂକ୍ରିଟ ପାହାଚ ନିର୍ମାଣ କାମ କରାଯିବାକୁ ସ୍ଥିର କରାଯାଇଛି ।

# ବ୍ୟାସନଗର ତହସିଲ ପକ୍ଷରୁ ଚଢ଼ାଉ: ୨ ଟିପର, ୪ ହାଇଓ୍ୱା ବାଲି ଗାଡ଼ି ଜବତ

କୋରେଇ,୧୬/୦୩ (ନି.ପ୍ର): ବ୍ୟାସନଗର ତହସିଲ ପକ୍ଷରୁ ପାଣିକୋଇଲି ପୁଲିସ ସହାୟତାରେ ସେମାବାର ବିଳମ୍ବିତ ରାତ୍ରୀରେ ସଠିପୁର ଠାରେ ଅଚାନକ ଚଢାଉ କରାଯାଇ ୬ଟି ବେଆଇନ ବାଲି ଗାଡି(୨ଟିପର, ୪ ହାଇଓ୍ୱା ) ଜବତ କରାଯାଇଛି । ଜବତ ଗାଡି ଗୁଡିକୁ ପାଣିକୋଇଲି ପୁଲିସ ଜିମା ଦିଆଯାଇଛି । ଜରିମାନା ଆଦାୟ ପରେ ଗାଡି ଗୁଡିକୁ ଛଡାଯିବ ବୋଲି ସୂଚନା ମିଳିଛି । ବ୍ୟାସନଗର ତହସିଲ ପକ୍ଷରୁ ବିଳମ୍ବିତ ରାତ୍ରୀରେ ୪ ହାଇଓ୍ୱା(ଓଡି ୨୨ଏନ ୬୬୩୩, ଓଡି୦୯ ଏ ୩୦୬୧, ଓଡି ୦୯ସି ୫୪୫୫, ଓଆର ୦୪କେ ୭୫୮୫) ଏବଂ ଦୁଇଟି ଟିପର( ଓଆର୦୧୬ ଜି ୯୩୩୯, ଓଆର ୦୯ ଜେ ୫୮୦୮)କୁ ଜବତ କରି ପାଣିକୋଇଲି ପୁଲିସ ଜିମା ଦିଆଯାଇଛି । ଏ ଚଢାଉରେ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝୀ, ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ଆରଆଇ(ରାଜସ୍ୱ ନିରୀକ୍ଷକ) ସୁଜିତ କୁମାର ସାମଲ, କାଟେ ପୂର୍ତି, କିଶୋର ପ୍ରଧାନ, ଏଆର୍ଆଇ ସୁଧିରଂଜନ ମଲ୍ଲିକ, ବାବୁଲାଲ ସାମଡ ପ୍ରମୁଖ ଯୋଗ ଦେଇଥିବାବେଳେ ପାଣିକୋଇଲି ପୁଲିସ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯାଇଥିଲା ।

# ଆଠଗଡ଼ ତାଲୁକା ବିଶ୍ୱକର୍ମା ସମାଜର ବୈଠକ

ଗଞ୍ଜାମ,୧୬/୦୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ସାତନଳ କରଣ ସାହି କୋଠ ଘରେ ଆଠଗଡ଼ ତାଲୁକ ଖଲାଡ଼ି ମୁଠା ବିଶ୍ୱକର୍ମା ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ସତ୍ୟବାଦୀ ମହାରଣା, ସମ୍ପାଦକ ଗୌରାଙ୍ଗ ମହାରଣା ଓ କୋଷାଧ୍ୟକ୍ଷ ଗୋପାଳ କୃଷ୍ଣ ମହାରଣା ଯୋଗଦେଇ ସମାଜର ଆଭିମୁଖ୍ୟ, ସମାଜକୁ ସୁଦୃଢ଼ କରିବା, ପରସ୍ପର ମଧ୍ୟରେ ସଦଭାବ ପ୍ରତିଷ୍ଠା କରିବା ପାଇଁ ଅଲୋଚନା କରିଥିଲେ । ଏହା ପରେ ୨୦୨୧ ବର୍ଷର ଆୟ ବ୍ୟୟ ହିସାବ କରି ସମସ୍ତଙ୍କ ଗୋଚରାର୍ଥେ ଜଣାଇଥିଲେ । ଏଥିରେ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ ।

# ନିରଞ୍ଜନ ମେକାପଙ୍କ ଦ୍ୱାରା ପୁସ୍ତକ ଇତିହାସ ଉନ୍ମୋଚିତ

କେନ୍ଦ୍ରାପଡ଼ା,୧୬/୦୩ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଇଛାପୁର ସ୍ଥିତ ମାଉସୀ ମା ମନ୍ଦିର ବେଢା ପରିସରରେ ଆୟୋଜିତ ଏକ ଉତ୍ସବରେ ଲେଖକ ନିରଞ୍ଜନ ମେକାପଙ୍କ ଦ୍ୱାରା ରଚିତ ଇତିହାସ ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ସଦାନନ୍ଦ ପଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କ୍ୟାପଟେନ ପ୍ରେମାନନ୍ଦ ରାଉତ ମୁଖ୍ୟ ଅତିଥି ପ୍ରଫେସର ନନ୍ଦ କିଶୋର ପରିଡ଼ା, ମୁଖ୍ୟ ବକ୍ତା ଓଡିଆ ସମାଜ ପରିଚାଳନା କମିଟିର ସଦସ୍ୟ ହୃଦାନନ୍ଦ ରାଉତ ପ୍ରମୁଖ ଯୋଗ ଦେଇ ପୁସ୍ତକ ଉନ୍ମୋଚିତ କରିଥିଲେ ।

# ହିଞ୍ଜଳିକାଟୁ ପୌର ନିର୍ବାଚନ ହାଲଚାଲ୍

ଗଞ୍ଜାମ,୧୬/୦୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜଳିକାଟୁ ପୌର ନିର୍ବାଚନ ପାଇଁ ଦିନ ଯେତିକି ପାଖେଇ ପାଖେଇ ଆସୁଛି ରାଜନୈତିକ ମହଲରେ ଉଷ୍ମତା ସେତିକି ବଢି ଚାଲିଛି । ହିଞ୍ଜିଳିକାଟୁ ପୌରାଂଚଳରେ ବିଜେଡି ନିଜ ପ୍ରଚାର ଆରମ୍ଭ କରିସାରିଥିବା ବେଳେ କେଉଁଠି ନା କେଉଁଠି ବିଜେପି ଓ କଂଗ୍ରେସ ପଛରେ ପଡିଯାଇଥିବା ଦେଖିବାକୁ ମିଳୁଛି । ବିଜେଡି ପୌରାଧ୍ୟକ୍ଷ ପ୍ରାର୍ଥୀ ସୁବାସ ଚନ୍ଦ୍ର ପୋଲାଇ ଦୈନନ୍ଦିନ ନିଜ ସମର୍ଥକ ଓ ସମ୍ପୃକ୍ତ ଓ୍ୱାର୍ଡର କାଉନସିଲର ପ୍ରାର୍ଥୀଙ୍କ ସହ ପୌରାଂଚଳର ବିଭିନ୍ନ ଓ୍ୱାର୍ଡରେ ପଦଯାତ୍ରା କରୁଥିବା ବେଳେ ବିଭିନ୍ନ ଚା ଦୋକାନରେ ଜନସାଧାରଣଙ୍କ ସହ ଆଲୋଚନା କରୁଥିବା ଦେଖିବାକୁ ମିଳିଛି । ଫଳରେ ଚର୍ଚ୍ଚାରେ ରହିଛନ୍ତି ହିଞ୍ଜିଳି ପୌରପାଳିକାର ବିଜେଡି ଅଧ୍ୟକ୍ଷ ପ୍ରାର୍ଥୀ ସୁବାସ ପୋଲାଇ ।

# ସୈନିକ ପରି ଦେଶ ପାଇଁ ଜୀବନ ଦେବାକୁ ବିଜୁବାବୁ ପ୍ରସ୍ତୁତ ଥିଲେ : ପୂର୍ବତନ ବିଧାୟକ ଗୁରୁ ଚରଣ ଟିକାୟତ

ଧର୍ମଶାଳା,୧୬/୦୩ (ନି.ପ୍ର): ପୃଥିବୀ ଇତିହାସରେ ଖୁବ କମ ନେତା ଥିବେ ଯିଏ ଦେଶର ସୁରକ୍ଷା ପାଇଁ ଯୁଦ୍ଧକ୍ଷେତ୍ରକୁ ଯାଇଥିବେ । ବିଜୁବାବୁ ସେହିଭଳି ଜଣେ ମହାନ ରାଷ୍ଟ୍ରନାୟକ ଥିଲେ ଯିଏ , ଦେଶର ଘଡିସନ୍ଧି ସମୟରେ ଯୁଦ୍ଧକ୍ଷେତ୍ରକୁ ଯାଇଛନ୍ତି । ସୈନିକ ପରି ବିଜୁବାବୁ ଦେଶ ପାଇଁ ଲଢେଇ କରି ଜୀବନ ଦେବାକୁ ପ୍ରସ୍ତୁତ ଥିଲେ ବୋଲି କହିଛନ୍ତି ଧର୍ମଶାଳାର ପୂର୍ବତନ ବିଧାୟକ ଗୁରୁ ଚରଣ ଟୀକାୟତ । ଭାରତୀୟ ବାୟୁସେନାର ବରିଷ୍ଠ ଅଧିକାରୀ ସୁଦ୍ଧାର୍ଥ କୁମାର ଜେନାଙ୍କ ଚାକିରୀରୁ ଅବସର ଉପଲକ୍ଷେ ତାଙ୍କର ନିଜ ଗ୍ରାମ ଧର୍ମଶାଳାର କୋତପୁରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ବିଜୁବାବୁଙ୍କ ରାଜନୈତିକ ଜୀବନର ଦୀର୍ଘ ୩୦ ବର୍ଷର ରାଜନୈତିକ ସହଯୋଗୀ ଭାବେ କାର୍ଯ୍ୟ କରିଥିବା ଟୀକାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବିଜୁବାବୁ ନିଜେ ଡାକୋଟା ବିମାନ ଚଲାଉଥିଲେ । ମୁଁ ମଧ୍ୟ ଜଣେ ପାଇଲଟ ଭାବେ ଏହି ଡାକୋଟା ବିମାନ ଚଲାଇଛି । ସେଥିପାଇଁ ମୋର ସେ କ୍ଷେତ୍ରରେ ଅଭଜ୍ଞତା ରହିଛି । ବାୟୁସେନାରେ କାର୍ଯ୍ୟ କରିବାରେ ବହୁ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ । ଏ କ୍ଷେତ୍ରରେ ମୋ ଧର୍ମଶାଳାର ପୁଅ ସିଦ୍ଧାର୍ଥ ଦେଶ ପାଇଁ ନିଷ୍ଠାର ସହ କାର୍ଯ୍ୟ କରି ସଫଳତା ପାଇଛନ୍ତି । ସେ ସୁନାମଧନ୍ୟ ଶିକ୍ଷକ ବିନୋଦ ଜେନାଙ୍କ ସୁଯୋଗ୍ୟ ଦାୟାଦ ଭାବେ ନିଜ ଅଂଚଳର ଗୌରବ ଏବଂ ଗରିମା ବଢାଇଛନ୍ତି । ଅତୀତରେ କୋତପୁର ବନ୍ୟା ପ୍ରବଣ ଅଂଚଳ ଥିଲା । ମୁଁ ବିଧାୟକ ଥିବା ସମୟରେ ୧୯୯୨ ମସିହାରେ ଏଭଳି ଅବସ୍ଥା ହୋଇଥିଲା ଯେ, ମୋତେ ଏଠାରେ ହେଲିକାପ୍ଟରରେ ଆସି ଓହ୍ଲାଇବାକୁ ପଡିଥିଲା । ଏହାପରେ ଏଠାରେ ଆଉ ବନ୍ୟା କ୍ଷତି କରିନାହିଁ । ହେଲେ ଗତବର୍ଷ ଘାଇ ଭଙ୍ଗାଯାଇ ଶାନ୍ତ ସରଳ ଲୋକଙ୍କ ଘରେ ପାଣି ପୁରାଇ ଅନେକଙ୍କୁ ସର୍ବସ୍ୱାନ୍ତ କରାଯିବାର ଅଭିଯୋଗ ଅତ୍ୟନ୍ତ ନିନ୍ଦନୀୟ, ଅମାନବୀୟ । ବିଜୁବାବୁ ଓଡିଆ ଜାତିକୁ ସ୍ୱାଭିମାନୀ କରିବାକୁ ଉଦ୍ୟମ କରିଥିଲେ । କୋତପୁର ପରି ସୁନାମଧନ୍ୟ ଗାଁରେ ଜନ୍ମ ହୋଇଥିବା ସିଦ୍ଧାର୍ଥବାବୁ ମଧ୍ୟ ନିଜ ଅଂଚଳର ସ୍ୱାଭିମାନ ବୃଦ୍ଧି ସହ ଅନ୍ୟାୟ ଓ ଭ୍ରଷ୍ଟାଚାର ବିରୋଧରେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂଗ୍ରାମୀ ଯୁବନେତା ତଥା ବରିଷ୍ଠ ସାମ୍ବାଦିକ ସତୀଶ ବିଶ୍ୱାଳ କହିଥିଲେ ଯେ, ୧୯୫୦ ମସିହାରେ କବି ବୀରକିଶୋର ପାଢୀଙ୍କ ଦ୍ୱାରା 'ଗାଁ ଭୂଇଁ' ପତିକାକୁ ଜନ୍ମ ଦେଇଥିବା କୋତପୁର ଅତୀତରେ ମଧ୍ୟ ଦେଶର ମୁକ୍ତି ସଂଗ୍ରାମରେ ଇଂରେଜ ବିରୋଧରେ ବୀରତ୍ୱର ସହ ଲଢେଇ କରିଛି । ଏହି ସଂଗ୍ରାମୀଙ୍କ ଭୂମିରେ ଓଡିଆ ସାହିତ୍ୟ ଋଦ୍ଧିମନ୍ତ ଓ ସମୃଦ୍ଧ ହୋଇଛି । ନିକଟରେ ଥିବା ବଜ୍ରଗିରୀ ପାହାଡ ଶହ ଶହ ବର୍ଷ ପୂର୍ବରୁ ବୌଦ୍ଧଧର୍ମର ବଜ୍ରଯାନ ସନ୍ୟାସୀ ମାନଙ୍କ ସାଧନାର ପୀଠ ଥିଲା । ଏଠାରୁ ସିଦ୍ଧାର୍ଥବାବୁଙ୍କ ପରି ଭାରତୀୟ ବାୟୁସେନାର ଜଣେ ଅଧିକାରୀ ଦେଶ ପାଇଁ ଲଢେଇ କରିବା ଏହି ମାଟିକୁ ଅଧିକ ଗୌରବାନ୍ୱିତ କରିଛି । ଏହି ସଂଗ୍ରାମୀ ମାଟିରୁ ମଧ୍ୟ ଅନ୍ୟାୟ, ଭ୍ରଷ୍ଟାଚାର ବିରୋଧରେ ଲଢେଇର ସ୍ୱର ଅଧିକ ଶାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏଥିରେ ଅବିଭକ୍ତ କଟକ ଜିଲ୍ଲାର ଶିଶୁ ସୁରକ୍ଷା କମିଟିର ଅଧ୍ୟକ୍ଷା ଆଡଭୋକେଟ ମନ୍ଦାକିନୀ ଜେମା, ଲେଖିକା ତଥା ଅଧ୍ୟାପିକା ଡ଼ ଚନ୍ଦ୍ରକଳା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଡଭୋକେଟ ପବିତ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ସମାଜସେବୀ ଅଶୋକ କୁମାର ବଳ ସ୍ୱାଗତ ଭାଷଣ ଏବଂ ସୌଭାଗ୍ୟ ମଂଜରୀ ବଳ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପ୍ରମାଣିକ ଚଳଚିତ୍ର ନିର୍ମାତା ପ୍ରସନଜିତ ହରିଚନ୍ଦନ, ସନ୍ତୋଷ ଜେନା, ଇଶ୍ୱର ବେହେରାଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବହୁ ବିଶିଷ୍ଟ ବ୍ୟକ୍ତି ଆଲୋଚନାରେ ଭାଗ ନେଇଥିଲେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ

କେନ୍ଦ୍ରାପଡ଼ା,୧୬/୦୩ (ନି.ପ୍ର): ଖାଉଟୀ ମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଖାଉଟୀ ସୁରକ୍ଷା ଆଇନ ୨୦୧୯ ପ୍ରଣୟନ କରାଯାଇଛି । ମଙ୍ଗଳବାର ବିଶ୍ୱ ଖାଉଟୀ ଅଧିକାର ଦିବସ ଥିବାରୁ ମାନବ ସେବା ପରିଷଦ ପକ୍ଷରୁ ଏକ ଜିଲ୍ଲା ସ୍ତରୀୟ ଖାଉଟୀ ଅଧିକାର ଦିବସ କଜଳା ସ୍ଥିତ ଭାରତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ବିଜୟିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ଓଜନ ଓ ମାପ ବିଭାଗର ଉପ ନିୟୁକ୍ତକ ସୁରେଖା ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଖାଉଟୀ ଅଧିକାର ନିୟମ ସଂପର୍କରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ଦାସ, ମାନବ ସେବା ପରିଷଦ ର ସଂପାଦକ ମନୋଜ କୁମାର ଶତପଥୀ ପ୍ରମୁଖ ଯୋଗ ଦେଇ ଖାଉଟୀ ସୁରକ୍ଷା ଆଇନ ୨୦୧୯ର ନୂତନ ଧାରା ଏବଂ ତାର ସଠିକ ଉପେଯାଗ ହେଲେ କଳାବଜାରି, ମୁନାଫା ଖୋର ବ୍ୟବସାୟୀଙ୍କ କବଳରୁ ନିରିହ ଖାଉଟୀ ଟିଏ ବଂଚି ପାରିବ । ଏବଂ ଖାଉଟୀ ମାନେ ବିଭିନ୍ନ ସମୟରେ ଠକାମୀର ସମ୍ମୁଖୀନ ହେଉଥିବା ବିବାଦର ସମାଧାନ ପାଇଁ ଜିଲ୍ଲା ଖାଉଟୀ ସୁରକ୍ଷା ପରାମର୍ଶ କେନ୍ଦ୍ରରେ ପହଁଚି ସଠିକ ପରାମର୍ଶ ନେବାପାଇଁ କହିଥିଲେ । ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଅନୁଷ୍ଠାନର ଶିକ୍ଷକ ଲକ୍ଷ୍ମୀଧର ସାହୁ ଓ ଛାତ୍ରଛାତ୍ରୀ ମାନେ ନିଜର ବକ୍ତବ୍ୟ ରଖିଥିଲେ ।

# ମଣିପୁରରେ ଅଗ୍ନିକାଣ୍ଡ: ୨ ବଖରା ସମେତ ଗୁହାଳ ସମ୍ପୂର୍ଣ୍ଣ ଜଳିଗଲା

କୋରେଇ,୧୬/୦୩ (ନି.ପ୍ର): ପାଣିକୋଇଲି ପଂଚାୟତ ଅନ୍ତର୍ଗତ ମଣିପୁର ଗ୍ରାମରେ ସେମାବାର ବିଳମ୍ବିତ ରାତ୍ରୀ ପ୍ରାୟ ୩ଟା ସମୟରେ କାଳନ୍ଦୀ ମଳିକ ଘରେ ଅଗ୍ନିକାଣ୍ଡ ଘଟିଛି । ଫଳରେ ଦୁଇ ବଖରା ଘର ସମତେ ଗୁହାଳ ଓ ସମସ୍ତ ଆସବାସ ପତ୍ର ଜଳି ପାଉଶଁ ହୋଇଯାଇଛି । କାଳନ୍ଦୀ ଏବେ ସମ୍ପୂର୍ଣ୍ଣ ବିପନ୍ନ ହୋଇଯାଇଛନ୍ତି । ବିଦ୍ୟୁତ୍ ସର୍ଟ ସର୍କିଟ ଅବା ଗୁହାଳ ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ଆଜି ସକାଳୁ ଖବର ପାଣି ପାଣଇକୋଇଲି ଆରଆଇ ସୁଧି ରଂଜନ ମଲ୍ଲିକ ଘଟଣାସ୍ଥଳେ ପହଂଚି ତଦନ୍ତ କରିବା ସହ କାଳନ୍ଦୀକୁ ସହାୟତାର ହାତ ବଢାଇଛି । ସେହିପରି ସମାଜସେବୀ ତଥା ପାଣିକୋଇଲି ସରପଂଚ ପଦ୍ମାବତୀ ପଣ୍ଡାଙ୍କ ପ୍ରତିନିଧି ସୂର୍ଯ୍ୟମଣି ପଣ୍ଡା, ନାଏବ ସରପଂଚ ଦେବେନ୍ଦ୍ର ସ୍ୱାଇଁ, ସମାଜସେବୀ ପ୍ରଶାନ୍ତ ନାଥ, ଜଗଦୀଶ୍ୱର ମଲ୍ଲିକ ପ୍ରମୁଖ ପହଂଚି ସହାୟତାର ହାତ ବଢାଇଛନ୍ତି । କଥାରେ ଅଛି ଘୋଡା ଚଢା ଠାରୁ ସମ୍ପତି ନାହିଁ, ଘରପୋଡି ଠାରୁ ବିପତି ନାହିଁ । ଏହାକୁ ମର୍ମେ ମର୍ମେ ଅନୁଭବ କରି ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ ପକ୍ଷରୁ ସମସ୍ତ ସକ୍ରିୟ ସଦସ୍ୟ ମାନେ ଅଗ୍ନି ବିପନ୍ନ କାଳନ୍ଦୀଙ୍କୁ ସହାୟତାର ହାତ ବଢାଇଛନ୍ତି । କଳନ୍ଦୀ ପରିବାରକୁ ଭେଟି ଦୁଇ ମାସର ରାସନ ସମାଗ୍ରୀ ଓ ଲୁଗାପଟା ଯୋଗାଇବାରେ ସକ୍ଷମ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ପାଣିକୋଇଲି ଜାତୀୟ ରାଜପଥ ପୋଟ୍ରୋଲିଙ୍ଗ ସବଇନ୍ସପେକ୍ଟର ଅଶୋକ କୁମାର ବଳ, ସମାଜୀକ କର୍ମି ତାରିଣୀ ପଟ୍ଟନାୟକ, ନେତୃତ୍ୱରେ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଭାପତି ଅଶୋକ କୁମାର ଦାସ, ରମେଶ ଦାସ, ହରେକୃଷ୍ଣ ସାହୁ, ଚିକୁନ ବେହେରା, ସରୋଜ ସାହୁ, ପ୍ରମୋଦ ଦଳାଇ, ଗଦାଧର ଦାସ, ରମେଶ ବୋଷ, ମନୋଜ ଦାସ, ଚନ୍ଦନ ମାଝୀ, ସୁବଳ ବେହେରା, ପ୍ରସଂଜୀତ ପଣ୍ଡା ବିପିନ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ ।

# ଦୁର୍ନୀତିମୁକ୍ତ ପୌରପାଳିକା ଗଠନ ପାଇଁ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ : ନରସିଂହ

ବଲାଙ୍ଗୀର ,୧୬/୦୩ (ନି.ପ୍ର): ପୌର ପରିଷଦ ନିର୍ବାଚନ ପରୀପ୍ରେକ୍ଷୀରେ ବଲାଙ୍ଗୀର ପୌରାଂଚଳ ଅନ୍ତର୍ଗତ ଓ୍ୱାଡ ନଂ୩ ପାଇଁ ପ୍ରାର୍ଥୀନୀ ରଜନୀ ବନଛୋର ଓ ଓ୍ୱାଡ ନଂ୧୧ ର ପ୍ରାର୍ଥୀ ପ୍ରଦୀପ କୁମାର ମିଶ୍ରଙ୍କ ପାଇଁ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ତାଙ୍କର ପ୍ରଚାର ଶୈଳୀକୁ ଆହୁରୀ ଜୋରଦାର କରିଛନ୍ତି । ଓ୍ୱାଡ ନଂ ୩ ର ତାଲପାଲି ପଡା , ଡୁଙ୍ଗୁରିପଡା , କନ୍ଦପାଲି ପଡା ଓ ଓ୍ୱାଡ ନଂ ୧୧ ର ଜଗନ୍ନାଥ ପଡା ଠାରେ ଉଭୟ କାଉନସିଲର ପ୍ରାର୍ଥୀ ଏବଂ ପୌରାଧ୍ୟକ୍ଷା ପ୍ରାର୍ଥିନୀ ମିଳନୀ ସାହୁଙ୍କ ପାଇଁ ପଥପ୍ରାନ୍ତ ସଭା ତଥା ଘରଘର ବୁଲି ଲୋକଙ୍କୁ ସଚେତନତା କରିବା ସମୟରେ ବଲାଙ୍ଗୀର ବିଧାୟକ ଶ୍ରୀ ମିଶ୍ର କହିଥିଲେ ଯେ, ଏକ ଦୁର୍ନିତୀମୁକ୍ତ ପୌର ପରିଷଦ ଗଠନ ପାଇଁ ଆପଣ ମାନଙ୍କ ସମ୍ମୁଖରେ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ । କାରଣ ଅତୀତରେ ଆପଣମାନେ ଦେଖିଛନ୍ତି ବାରମ୍ବାର ଭୋଟ ପାଉଥିବା ସତ୍ତ୍ୱେ ମଧ୍ୟ ଏଠାରେ ପୌର ପରିଷଦ ଶାସନ କ୍ଷମତାରେ ଥିବା ବିଜୁ ଜନତା ଦଳର ନେତାମାମେ ପ୍ରିୟା ପ୍ରୀତିତୋଷଣ , ଦୁର୍ନିତୀ ଓ କଳାବଜାରୀ କରି ଜନସାଧାରଣଙ୍କର ବହୁତ କ୍ଷତି ଘଟାଇଛନ୍ତି । ଆପଣମାନେ ନିର୍ଶ୍ଚିତ ଭାବେ ଜାଣିଛନ୍ତି ଛୋଟଛୋଟ କାମ ପାଇଁ କୌଣସି ଯୋଜନାରେ ଭତା ହେଉ , ରାସନ ହେଉ ହାତଗୁଂଜା ନଦେଲେ ପୌର ପରିଷଦର କୌଣସି ଅଧିକାରୀ ଲୋକଙ୍କ କାମ କରୁନଥିଲେ । ଯଦି ଆପଣମାନେ ଚାହୁଁଛନ୍ତି ଏକ ଦୁର୍ନିତୀମୁକ୍ତ , ପ୍ରିୟା ପ୍ରୀତି ତୋଷଣ ବିହିନ ପୌର ପରିଷଦ ଗଠନ ହେଉ , ଯଦି ଆପଣମାନେ ଚାହୁଁଛନ୍ତି ବଲାଙ୍ଗୀରରେ ଥିବା ରାସ୍ତା , ଘାଟ , ନାଳ ନର୍ଦ୍ଧମା ତଥା ବର୍ଜବସ୍ତୁର ଠିକ ଭାବେ ପରିଚାଳନା ହେଉ , ଏଠାରେ ଥିବା ପୋଖରୀମାନଙ୍କର ପାଣି ଲୋକଙ୍କ ପାଇଁ ବ୍ୟବହାର ଉପଯୋଗୀ ହେଉ ତେବେ ଆପଣମାନେ ନିର୍ଶ୍ଚିତ ଭାବେ ଏହି ନିର୍ବାଚନରେ ନିଜର ବହୁମୂଲ୍ୟ ମତଦାନ କଂଗ୍ରେସ ସପକ୍ଷରେ ଦେବେ । କାରଣ ବଲାଙ୍ଗୀରରେ ବିଜୁ ଜନତାଦଳର ବିଗତ ଦିନମାନଙ୍କରେ ବିଧାୟକ ଥିଲେ , ମନ୍ତ୍ରୀ ଥିଲେ , ସାଂସଦ ଥିଲେ । କିନ୍ତୁ ଦୁଃଖର ବିଷୟ ଗୋଟାଏ ବି ଜନ ହିତକର ପ୍ରକଳ୍ପ ଏହି ସହର ମଧ୍ୟରେ କରି ନାହାନ୍ତି । ତେଣୁ ମୁଁ ଆପଣମାନଙ୍କୁ ପୁଣି ଅନୁରୋଧ କରିବି , ଏଭଳି ଦୁରଦୃଷ୍ଟିହୀନ ନେତା ତଥା ତାଙ୍କ ଅନୁଗାମୀମାନଙ୍କୁ ଭୋଟଦାନ ମାଧମରେ ପୁନଶ୍ଚ ନିର୍ବାଚିତ କରନ୍ତୁ ନାହିଁ । ସଚେତନ ହୁଅନ୍ତୁ ଏବଂ ଆପଣଙ୍କ ଅଂଚଳର ବିକାଶ ପାଇଁ କଂଗ୍ରେସ ଦଳର ପ୍ରାର୍ଥି,ପ୍ରାର୍ଥିମାନଙ୍କୁ ବିପୁଳ ପରିମାଣରେ ଭୋଟ ଦେଇ ବଲାଙ୍ଗୀର ବିକାଶରେ ଭାଗୀଦାରୀ ହୁଅନ୍ତୁ । ଲୋକଙ୍କୁ ବିରୋଧିଙ୍କ ୨୫ ବର୍ଷ ବନାମ ନିଜର ୭ ବର୍ଷର କାର୍ଯକାଳକୁ ତୁଳନା କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ଶ୍ରୀ ମିଶ୍ର ନିବେଦନ କରିଥିଲେ । ଲୋକେ ବିଜେଡିକୁ ୧୫ ବର୍ଷ ପରଖିଲେ , କଂଗ୍ରେସକୁ ଥରେ ଭୋଟ ଦେଇ ପରୀକ୍ଷା କରନ୍ତୁ ବୋଲି ନିଜ ବକ୍ତବ୍ୟରେ ଲୋକଙ୍କୁ ଶ୍ରୀ ମିଶ୍ର ଅନୁରୋଧ କରିଥିଲେ । ପୌରାଧ୍ୟକ୍ଷା ପ୍ରାର୍ଥିନୀ ମିଳନୀ ସାହୁ ମଧ୍ୟ ନିଜ ବକ୍ତବ୍ୟରେ କଂଗ୍ରେସର ସମସ୍ତ ପ୍ରାର୍ଥି ଓ ପ୍ରାର୍ଥିନୀମାନଙ୍କୁ ବିପୁଳ ପରିମାଣରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଅନୁରୋଧ କରିଥିଲେ । ଆଜି ଅନୁଷ୍ଠିତ ସଭାମାନଙ୍କରେ ନଗର ସଭାପତି ବୁଲୁ ଦାନୀ , ଉପ ସଭାପତି ମନୀଷ ମିଶ୍ର, କିଷାନ ସେଲ ସଭାପତି ସାନନ୍ଦ ମିଶ୍ର , ସଂଜୟ ମିଶ୍ର , ପବିତ୍ର ବେହେରା , ଲୋପନ ମିଶ୍ର , ନାସିର ଖାନ , ରୋସନ ମିଶ୍ର ଓ ଟିଟୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରସାଧନ ରସାୟନରୁ ଶୀଘ୍ର ଯୌବନପ୍ରାପ୍ତି



ମହିଳା ବ୍ୟବହାର କରୁଥିବା ମେକଅପ୍, ସାବୁନ, ଲିପଷ୍ଟିକ୍, ପେଷ୍ଟ ଆଦି ଅନେକ ପ୍ରସାଧନ ସାମଗ୍ରୀ ଦ୍ୱାରା ସେମାନଙ୍କ ଗର୍ଭସ୍ଥ କନ୍ୟା ସନ୍ତାନ ଶୀଘ୍ର ଯୌବନାବସ୍ଥା ପ୍ରାପ୍ତ କରିଥାଏ । ଆମେରିକାର କାର୍ଲିଫର୍ଣ୍ଣିଆ ୟୁନିଭର୍ସିଟିର ଗବେଷକମାନେ ଏହା ଜାଣିବାକୁ ପାଇଛନ୍ତି । ଗର୍ଭାବସ୍ଥାରେ ଯେଉଁ ମହିଳାଙ୍କ ଶିଶୁ କନ୍ୟା ଶରୀରରେ ଉଚ୍ଚ ମାତ୍ରାରେ ଡାଇଥିଲ ପିଥାଲେଟ୍ ଓ ଟ୍ରାଇକ୍ଲୋସାନ୍ ଥିଲା, ସେମାନଙ୍କୁ କମ୍ ବୟସରେ ଯୌବନ ପ୍ରାପ୍ତି ହୋଇଥିଲା । ହ୍ୟୁମାନ ରିପ୍ରଡକ୍ସନ୍ ନାମକ ପତ୍ରିକାରେ ଅଧ୍ୟୟନ ପ୍ରକାଶ ପାଇଛି । ୟୁଏସ୍ ସାଲିନାସ୍ ଅଧ୍ୟୟନରୁ ଗବେଷକମାନେ ତଥ୍ୟ ସଂଗ୍ରହ କରିଥିଲେ । ଜନ୍ମ ପୂର୍ବରୁ କିଶୋରାବସ୍ଥା ପର୍ଯ୍ୟନ୍ତ ୩୩୮ ପିଲାଙ୍କୁ ଅଧ୍ୟୟନ କରାଯାଇଥିଲା । ଡାଇଥିଲ୍ ପିଥାଲେଟ୍ ସୁଗନ୍ଧ ଓ ପ୍ରସାଧନ ସାମଗ୍ରୀରେ ସ୍ଥିରତା ଭାବେ କାର୍ଯ୍ୟ କରେ । ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେସନ୍ ୨୦୧୭ରେ ଟ୍ରାଇକ୍ଲୋସାନ୍‌କୁ ନିଷିଦ୍ଧ ଘୋଷଣା କରିଥିଲା, କାରଣ ତାହା ପ୍ରଭାବହୀନ ପରିଲକ୍ଷିତ ହୋଇଥିଲା । ଏହା ସତ୍ତ୍ୱେ କିଛି ଟୁଥ୍‌ପେଷ୍ଟରେ ଟ୍ରାଇକ୍ଲୋସାନ୍ ବ୍ୟବହୃତ ହେଉଥିବା ଗବେଷକମାନେ କହିଛନ୍ତି । ଆମେ ଶରୀରରେ ବ୍ୟବହାର କରୁଥିବା କିଛି ସାମଗ୍ରୀ ଶରୀର ମଧ୍ୟକୁ ପ୍ରବେଶ କରିଥାଏ । ତ୍ୱଚା ଦ୍ୱାରା କିମ୍ବା ପ୍ରଶ୍ୱାସ ସମୟରେ ଏହି ସାମଗ୍ରୀ ଶରୀର ଭିତରକୁ ଯାଇଥାଏ । ତେବେ ଏହି ରସାୟନିକଗୁଡ଼ିକ ଆମ ସ୍ୱାସ୍ଥ୍ୟ ଉପରେ କିଭଳି ପ୍ରଭାବ ପକାଏ, ତାହା ଜାଣିବା ଉଚିତ ବୋଲି କାର୍ଲିଫର୍ଣ୍ଣିଆ ୟୁନିଭର୍ସିଟିର ସହକାରୀ ପ୍ରଫେସର କିମ୍ ହାର୍ଲି କହିଛନ୍ତି । ପ୍ରସାଧନ ସାମଗ୍ରୀରେ ଥିବା ଅନେକ ରସାୟନ ଆମ ଶରୀରର ପ୍ରାକୃତିକ ହର୍ମୋନ୍‌ରେ ହସ୍ତକ୍ଷେପ କରିଥାନ୍ତି । ଏହି ରସାୟନ ସଂସ୍ପର୍ଶରେ ଆସିବା ଦ୍ୱାରା ମୂଷାଙ୍କ ପ୍ରଜନନ ବିକାଶରେ ପରିବର୍ତ୍ତନ ହୋଇଥିବା ଗବେଷକମାନେ ଜାଣିବାକୁ ପାଇଲେ । ଶୈଶବ ବିକାଶ ଉପରେ କୀଟନାଶକର ପ୍ରଭାବ ସମ୍ପର୍କରେ ପରୀକ୍ଷା କରିବା ଅଧ୍ୟୟନର ମୁଖ୍ୟ ଲକ୍ଷ୍ୟ ଥିଲା । ଅନ୍ୟ ରସାୟନିକଗୁଡ଼ିକର ପ୍ରଭାବ ପରୀକ୍ଷା କରିବାର ସୁଯୋଗ ଗବେଷକମାନେ ପାଇଥିଲେ, ଯାହା ଫଳରେ ପ୍ରସାଧନ ସାମଗ୍ରୀ ସମ୍ପର୍କରେ ଏହି ତଥ୍ୟ ଲୋକଲୋଚନକୁ ଆସିପାରିଲା ।

# ଗଧ କ୍ଷୀରକୁ ଉପଯୋଗ କରି ସଫଳ ଯୁବୋଦ୍ୟୋଗୀ



କେତେକ ବର୍ଗର ଯୁବପିଢ଼ି ଉଚ୍ଚଶିକ୍ଷା ଲାଭ କରିବା ପରେ ବିଦେଶରେ ଚାକିରି କରିବାକୁ ପସନ୍ଦ କରୁଥିବାବେଳେ ଅନ୍ୟ କେତେଜଣ ନିଜ ଗାଁ, ସହରରେ ହିଁ ଭବିଷ୍ୟତର ଯୋଜନା ପ୍ରସ୍ତୁତ କରନ୍ତି । ମହାରାଷ୍ଟ୍ରର ସୋଲାପୁର ନିବାସୀ ଯୁବତୀ ପୂଜା କୌଲ୍ ମଧ୍ୟ ଏଇ ଲକ୍ଷ୍ୟରେ ଆଗକୁ ବଢ଼ିଥିଲେ । ଅର୍ଥ ରୋଜଗାର କରି ପ୍ରତିଷ୍ଠିତ ହେବା ତାଙ୍କର ମୂଳ ଲକ୍ଷ୍ୟ ନଥିଲା, ବରଂ ନିଜେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟଙ୍କୁ ସ୍ୱାବଲମ୍ବୀ କରାଇବାର ଯୋଜନା ଥିଲା । ଟାଟା ଇନ୍‌ଷ୍ଟିଚ୍ୟୁଟ୍‌ରୁ ପୋଷ୍ଟ ଗ୍ରାଜୁଏସନ୍ କରିଥିବା ପୂଜା ପାଠ ପଢୁଥିବା ସମୟରୁ ହିଁ ନିଜ ଷ୍ଟାର୍ଟ-ଅପ୍ ଆରମ୍ଭ କରିବାର ଯୋଜନା କରିଥିଲେ । ଘର ପାଖରେ ରହୁଥିବା ଗଧ ବ୍ୟବସାୟୀଙ୍କ ସହ ମିଶି ସେ ଏଇ ଗଧ କ୍ଷୀରର ଉପାଦେୟତା ଜାଣିଥିଲେ । ପଢ଼ା ଶେଷ ପରେ ତାଙ୍କୁ ସରକାରୀ ଚାକିରି ମିଳିଗଲା, କିନ୍ତୁ ସେ ନିଜ ଯୋଜନାରେ ଆଗେଇବାକୁ ଚାହୁଁଥିଲେ । ଘର ଲୋକେ ପ୍ରଥମେ ଏଇ ପ୍ରସ୍ତାବରେ ରାଜି ହୋଇନଥିଲେ, ପରେ ଝିଅର ଇଚ୍ଛାକୁ ସମସ୍ତେ ସବୁଜ ସଙ୍କେତ ଦେଲେ । ପୂଜା ଗଧ କ୍ଷୀରର ଉପଯୋଗର ଏକ ସୌନ୍ଦର୍ଯ୍ୟ ପ୍ରସାଧନ କମ୍ପାନୀ 'ଅର୍ଗାନିକୋ'ର ଶୁଭାରମ୍ଭ କଲେ । ସୋଲାପୁରରେ ନିଜ ଘରେ ହିଁ ଏଇ ବ୍ୟବସାୟ ଆରମ୍ଭ ହେଲା । ମାସ କେଇଟାରେ ତାଙ୍କ କମ୍ପାନୀର ପ୍ରସାଧନ ସାମଗ୍ରୀ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଥିଲା । ଏବେ ପୂଜାଙ୍କ ଟିମ୍‌ରେ ୭ଜଣ ସଦସ୍ୟ କାମ କରୁଥିବାବେଳେ ଦିଲ୍ଲୀରେ ଏହାର ଶାଖା ଖୋଲିଲାଣି । ଅନ୍- ଲାଇନ୍ ସାଇଟ୍ ସହ ସପିଂ ମଲ୍‌ରେ ମଧ୍ୟ ଅର୍ଗାନିକୋ କମ୍ପାନୀ ସାମଗ୍ରୀର ବିକ୍ରି ଆରମ୍ଭ ହୋଇଛି । ପୂଜାଙ୍କ ମତରେ ବର୍ତ୍ତମାନ ସମୟରେ ନିଜ ସାମଗ୍ରୀର ପ୍ରଚାର ନିମନ୍ତେ ସୋସିଆଲ ସାଇଟ୍ ସବୁଠୁ ଅଧିକ ସହାୟତା କରୁଛି । ଏହା ମାଧ୍ୟମରେ ହିଁ ତାଙ୍କ ଗ୍ରାହକଙ୍କ ସଂଖ୍ୟା ଶୀର୍ଷରେ ପହଞ୍ଚିଛି ।

## ଯୁବ ଡାକ୍ତରାଣୀଙ୍କ ସଫଳ ଉଦ୍ୟମ

ଚେନ୍ନାଇ ନିବାସୀ ଯୁବ ଡାକ୍ତରାଣୀ ହେଲେ ଇସା ଫତିମା ଜାସମିନ୍ । ବାପା-ମା' ତାଙ୍କର କର୍ଣ୍ଣାଟକରେ ରହୁଥିବାବେଳେ ଇସା ଡାକ୍ତର ଭାବେ ଚେନ୍ନାଇରେ କାମ ଆରମ୍ଭ କଲେ । ସେଠା ବେସାନ୍ତ ନଗରରେ ଏକ ଫ୍ଲାଟ୍ ଭଡ଼ା ନେଇ ରହିଲେ । ପୂର୍ବରୁ ପରିବାର ସହ ରହୁଥିବା ଇସା ଏକା ରହିବା ପରେ ରୋଷେଇର ଭାଗ ମାପ ଜାଣିପାରୁନଥିଲେ । ପ୍ରତିଦିନ ଆବଶ୍ୟକତାଠାରୁ ଅଧିକ ରାନ୍ଧୁଥିଲେ ସେ । ଯେତେଚେଷ୍ଟା କଲେ ମଧ୍ୟ ଜଣେ ଲୋକ ଖାଇବା ଭଳି ରୋଷେଇ କରିପାରୁନଥିଲେ ଏଇ ଯୁବଡାକ୍ତରାଣୀ । ଏକଥା ନିଜ ମା'ଙ୍କୁ ଫୋନ୍‌ରେ କହିଲେ । ମା' ପରାମର୍ଶ ଦେଲେ ଗରିବ, ଅସହାୟ ଲୋକଙ୍କୁ ନିୟମିତ ଭାବେ ରନ୍ଧା ଖାଦ୍ୟ ବାଣ୍ଟିବେ । କିଛି ଦିନ ପର୍ଯ୍ୟନ୍ତ ଏସବୁ ଠିକ୍ ଚାଲିଲା, କିନ୍ତୁ ପ୍ରତିଦିନ ଗରିବ ଲୋକଙ୍କୁ ଖାଦ୍ୟ ଦେଇ ଯଥା ସମୟରେ ଚିକିତ୍ସାଳୟରେ ପହଞ୍ଚି ପାରୁନଥିଲେ ଇସା । କ'ଣ କରିବେ, ଚିନ୍ତା କଲେ । ଦେଖିଲେ ପାଖଆଖ ପଡ଼ିଶା ଲୋକଙ୍କର ମଧ୍ୟ ନିୟମିତ ଅନେକ ପରିମାଣରେ ଖାଦ୍ୟ ଫିଙ୍ଗାହେଉଛି । ଏସବୁର ଉଚିତ୍ ଉପଯୋଗ କରିବାକୁ ଯୋଜନା କଲେ ଇସା । ଦିନେ ଇଣ୍ଟରନେଟ୍‌ରେ ଖବର ପଢୁଥିଲାବେଳେ ତୁର୍କୀର ଏକ ପ୍ରାନ୍ତରେ ଗରିବ ଲୋକଙ୍କ ପାଇଁ ଥିବା 'କମ୍ୟୁନିଟି ଫ୍ରିଜ୍' ସମ୍ପର୍କରେ ସେ ଜାଣିଲେ । ତାଙ୍କ ସୋସାଇଟି ନିକଟରେ ଏଭଳି ଫ୍ରିଜ୍‌ର ଆବଶ୍ୟକତା ଖୁବ୍ ଅଧିକ ବୋଲି ଇସା ଅନୁଭବ କଲେ । ଏଣୁ ସୋସାଇଟି ମୁଖ୍ୟଙ୍କ ସହ ଆଲୋଚନା କରି ଖବରକୁ ଶୀଘ୍ର ପ୍ରଚାରିତ କଲେ । ଅଧିକାଂଶ ପରିବାର ସ୍ୱଚ୍ଛତାରେ ଏଇ କମ୍ୟୁନିଟି ଫ୍ରିଜ୍ ନିମନ୍ତେ ଅର୍ଥ ସହାୟତା କଲେ । ମାତ୍ର ୨ ସପ୍ତାହରେ 'କମ୍ୟୁନିଟି ଫ୍ରିଜ୍' ସୋସାଇଟିରେ ସ୍ଥାନ ପାଇଲା । ଏବେ ସେଠାରେ ରହୁଥିବା ୧୫୦ ପରିବାର ନିଜ ଘରର ବଳକା ଖାଦ୍ୟ ସାମଗ୍ରୀ ଗରିବଙ୍କ ସାହାଯ୍ୟ ନିମନ୍ତେ ରଖୁଛନ୍ତି । ଯୁବ ଡାକ୍ତରାଣୀଙ୍କ ଏଇ ପଦକ୍ଷେପ ପାଇଁ ତାଙ୍କୁ ଖୁବ୍ ପ୍ରଶଂସା କରାଯାଇଛି ।

# ଦାମୀ ଟାୟାର



ସଂଯୁକ୍ତ ଆରବ ଅମିରାତରେ କାର୍ ଟାୟାରର ଏକ ସେଟ୍ ୪କୋଟିରେ ବିକ୍ରି ହୋଇଛି । ଏହା ଦୁନିଆର ସବୁଠାରୁ ମହଙ୍ଗା କାର୍ ଟାୟାରର ସେଟ୍ । ଏହି ଚାରି ଟାୟାରରେ ୨୪ କ୍ୟାରେଟ୍ ସୁନା ଏବଂ ହିରା ଯୋଡ଼ାଯାଇଛି । ଏହାକୁ ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସବୁଠାରୁ ମହଙ୍ଗା ଟାୟାର ସେଟ୍ ଭାବରେ ସାମିଲ କରାଯାଇଛି । ଏହି ଟାୟାରକୁ ଏକ ଭାରତୀୟ କମ୍ପାନୀ ପ୍ରସ୍ତୁତ କରିଛି । ଦୁବାଇରେ ରହୁଥିବା ଜେଡ୍ ଟାୟାର୍ସ କମ୍ପାନୀ ଏପରି ଟାୟାରକୁ ପ୍ରଥମେ ବିକଶିତ କରିଥିଲେ । କମ୍ପାନୀ ମତରେ ଟାୟାରର ସାଜସଜ୍ୟା ଦୁନିଆର ସବୁଠାରୁ ବଡ଼ ଅଳଙ୍କାରୀ କମ୍ପାନୀ କରିଥିଲେ । ଏହି ଟାୟାର ସେଟ୍‌କୁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସାମିଲ କରାଯାଇଥିଲା । ଏହାକୁ ଦୁବାଇର ଟ୍ରେଡ୍ ଫେୟରରେ ୪.୦୧ କୋଟି ଟଙ୍କାରେ ବିକ୍ରି କରାଯାଇଥିଲା । କମ୍ପାନୀରେ ଏହି ଧନରାଶିକୁ ଜେନିସେସ୍ ଫାଉଣ୍ଡେସନ୍‌କୁ ଦାନ କରିଛି । ରାମଜାନ୍‌ର ପବିତ୍ର ମାସରେ ଜେଡ୍ ଟାୟାର୍ ଏହି ୪କୋଟି ଟଙ୍କାରୁ ଜେନିସେସ୍ ଫାଉଣ୍ଡେସନକୁ ଦାନ କରିଛନ୍ତି । ଏହି ପାଉଣ୍ଡେସ୍‌ନରେ ଅଶିକ୍ଷିତ ଓ ଅନାଥ ପିଲାମାନଙ୍କୁ ପଢ଼ିବାରେ ସାହାଯ୍ୟ କରିଥାଏ ।

# ମାନସିକ ଚାପର ନିରାକରଣ

ମାନସିକ ଚାପ ଆମ ସମସ୍ତଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା । ଏହା କୌଣସି ସମୟ ଦେଖିନଥାଏ । ଯେତେବେଳେ ଆମେ ଦରକାରଠାରୁ ଅଧିକ ଭାବିଥାଉ, ସେହି ସମୟରେ ଆମେ ମାନସିକ ଚାପକୁ ଜନ୍ମ ଦେଇଥାଉ । ତେଣୁ ଆସନ୍ତୁ ଜାଣିବା ଏହାର ନିରାକରଣ ସମ୍ପର୍କରେ-



- ପ୍ରତିଦିନ ବ୍ୟାୟାମ କରିବା ଦ୍ୱାରା ଶରୀରର ଏଣ୍ଡ୍ରୋଫିନ୍ ଦୂର ହୋଇଥାଏ ଯାହା ଫଳରେ ଶରୀର ସୁସ୍ଥ ରହିବା ସହ ମସ୍ତିଷ୍କ ସ୍ଥିର ରହେ ।
- ଯେତେବେଳେ ଆପଣ ମାନସିକ ଚାପରେ ରହୁଛନ୍ତି ସେହି ସମୟରେ ଅତ୍ୟଧିକ ମିଠା ଏବଂ ଫାଷ୍ଟଫୁଡ୍‌ଠାରୁ ଦୂରେଇ ରୁହନ୍ତୁ । କେବଳ ଶରୀର ପାଇଁ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ ।
- ମାନସିକ ଚାପରୁ ଦୂରେଇ ରହିବାକୁ ହେଲେ ବ୍ୟସ୍ତବହୁଳ ଜୀବନରୁ ନିଜ ପାଇଁ ସମୟ କାଢ଼ନ୍ତୁ । ସାଙ୍ଗ ଏବଂ ପରିବାର ସହ ସମୟ ବିତାନ୍ତୁ । ଏଥିସହ ଆପଣ ଭଲ ବହି, ପତ୍ରପତ୍ରିକା ପଢ଼ନ୍ତୁ ।
- ମାନସିକ ଚାପରୁ ମୁକ୍ତି ପାଇବାକୁ ହେଲେ ଶରୀରର ଭଲ ଭାବରେ ମସାଜ୍ କରାନ୍ତୁ ମଦ କିମ୍ବା ସିଗାରେଟ୍ ଆଦି ବଦଅଭ୍ୟାସ ଥିଲେ ଏହାର ମାତ୍ରା କମ୍ କରନ୍ତୁ ।

# ପରିବାରଙ୍କ ସହ ଏକାଠି ରହିଲେ ସୁଖ ମିଳେ



ସିକାଗୋରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ଧର୍ମସଭାରେ ଇଂରେଜମାନେ ସ୍ୱାମୀ ବିବେକାନନ୍ଦଙ୍କର ମଜା ଉଡ଼ାଇଥିଲେ । ସେଠାରେ ଉପସ୍ଥିତ ଜଣେ ଇଂରେଜ ସାମ୍ବାଦିକ ତାଙ୍କର ମଜା ଉଠାଇ କହିଥିଲେ- ମହାଶୟ ! ଆପଣ ତ ବହୁତ ବଡ଼ ଜ୍ଞାନୀ । କ'ଣ ଆପଣ କହିପାରିବେ କନେକ୍ଟ ଏବଂ କନେକ୍ସନ୍ ମଧ୍ୟରେ ପାର୍ଥକ୍ୟ କ'ଣ ? ସାମ୍ବାଦିକଙ୍କର ପ୍ରଶ୍ନ ଶୁଣି ସ୍ୱାମୀଜୀ ସ୍ମିତହାସ୍ୟ ଦେଇ କହିଲେ- ଆପଣ କ'ଣ ନ୍ୟୁୟର୍କରେ ରୁହନ୍ତି ? ସ୍ୱାମୀଜୀଙ୍କ ପ୍ରଶ୍ନରେ ସାମ୍ବାଦିକ କହିଲେ- ହଁ, ମୁଁ ନ୍ୟୁୟର୍କରେ ରୁହେ । ଏହାପରେ ସ୍ୱାମୀଜୀ କହିଲେ- ଆପଣଙ୍କ ପରିବାରରେ କିଏ କିଏ ଅଛନ୍ତି ? ସାମ୍ବାଦିକ କହିଲେ- ମୁଁ, ମୋର ପିତା ଏବଂ ୪ ଭାଇଭାଉଣୀ । ସ୍ୱାମୀଜୀ ପୁଣି ପ୍ରଶ୍ନ କଲେ- ଆପଣ ଆପଣଙ୍କ ପିତାଙ୍କ ସହ ଶେଷଥର ପାଇଁ କେବେ ଦେଖା ହୋଇଥିଲେ ? ଏହି ପ୍ରଶ୍ନରେ ସାମ୍ବାଦିକ ଟିକେ ଦ୍ୱନ୍ଦ୍ୱରେ ପଡ଼ିଗଲେ ଏବଂ ରହି ରହି କହିଲେ- ମାସେ ତଳେ ହେବ ଦେଖା କରିଥିଲି । ସ୍ୱାମୀଜୀ ପ୍ରଶ୍ନ କଲେ- କ'ଣ ଭାଇଭଉଣୀ ସହ ଆପଣ କଥା ହୁଅନ୍ତି ? ଶେଷଥର ପାଇଁ କେବେ ଦେଖା କରିଥିଲେ ? ସାମ୍ବାଦିକଙ୍କ ମୁଣ୍ଡରୁ ଏବେ ଝାଳ ବାହାରିଗଲା । ସେ ଝାଳ ପୋଛି କହିଲେ-ଶେଷ ଖ୍ରୀଷ୍ଟମାସରେ ମୁଁ ସେମାନଙ୍କ ସହ ଦେଖା ହୋଇଥିଲି । ସ୍ୱାମୀଜୀ ପୁଣି ପଚାରିଲେ- କେତେଦିନ ଆପଣମାନେ ମିଶି ରହିଥିଲେ ? ସ୍ୱାମୀଜୀଙ୍କ ପ୍ରଶ୍ନରେ ସାମ୍ବାଦିକ ଅତିଷ୍ଠ ହୋଇ କହିଲେ- ଗଲା ଖ୍ରୀଷ୍ଟମାସରେ ମୁଁ ମୋର ଘରକୁ ଯାଇଥିଲି, ସେଠାକୁ ମୋର ଭାଇଭଉଣୀ ମଧ୍ୟ ଆସିଥିଲେ । ଆମେ ତିନିଦିନ ଏକାଠି ରହିଥିଲୁ । ଏହା କହିବା ସମୟରେ ତାଙ୍କ ଆଖିରେ ଲୁହ ଆସିଯାଇଥିଲା । ସ୍ୱାମୀଜୀ ସାମ୍ବାଦିକଙ୍କୁ କାନ୍ଦୁଥିବା ଦେଖି କହିଲେ- ଆପଣ କାନ୍ଦନ୍ତୁ ନାହିଁ । ମୁଁ ଆପଣଙ୍କୁ କନେକ୍ଟ ଏବଂ କନେକ୍ସନ ମଧ୍ୟରେ ପାର୍ଥକ୍ୟ କହୁଛି । ଆପଣ କ'ଣ କେବେ ଆପଣଙ୍କ ପିତା ସହ ବହୁତ ଦିନ ରହିଛନ୍ତି ! ତାଙ୍କ ସହ ବସି କେବେ ଖାଦ୍ୟ ଖାଇଛନ୍ତି ! କ'ଣ ଆପଣଙ୍କ ମାତା ଯିବା ପରେ ଆପଣ ଜାଣିବାକୁ ଚେଷ୍ଟା କରିଛନ୍ତି କି, ଆପଣଙ୍କ ପିତା ଏକୁଟିଆ କେମିତି ଦିନ କାଟୁଛନ୍ତି ! ସ୍ୱାମୀଜୀଙ୍କ କଥାରେ ସାମ୍ବାଦିକଙ୍କ ମୁଣ୍ଡ ତଳକୁ ହୋଇଗଲା । ସେ କିଛି କହିଲେନାହିଁ । ଏହାପରେ ସ୍ୱାମୀଜୀ କହିଲେ- ଆପଣ ଆପଣଙ୍କ ପିତାଙ୍କ ସହ କନେକ୍ଟ ଅଛନ୍ତି, କିନ୍ତୁ କନେକ୍ସନ ନାହାନ୍ତି । ତାଙ୍କ ସହ ବସି କଥାବାର୍ତ୍ତା କଲେ ଏବଂ ଖିଆପିଆ କଲେ ମନର କନେକ୍ସନ ବଢ଼ିବ । ଏକାଠି ମିଶି ପରିବାର ରହିଲେ ମନରେ ଶାନ୍ତି ଏବଂ ସୁଖ ବଢ଼େ । ଏହାକୁ କନେକ୍ସନ କୁହନ୍ତି । ସାମ୍ବାଦିକ ତାଙ୍କ ଭୁଲ୍ ବୁଝିପାରିଥିଲେ । ସେ ସ୍ୱାମୀଜୀଙ୍କ ପାଣ୍ଡିତ୍ୟ ଜାଣିପାରି ତାଙ୍କୁ କ୍ଷମା ମାଗିଥିଲେ ଏବଂ ପରିବାର ସହ ରହିବାର ନିଷ୍ପତ୍ତି ନେଇଥିଲେ ।



# ଜଣେ କଏଦୀର ଜେଲ୍




ଶୀର୍ଷକ ପଢ଼ି ଆଶ୍ଚର୍ଯ୍ୟ ହେଉଥିବେ; କିନ୍ତୁ ଏହା ସତ । ଏପର୍ଯ୍ୟନ୍ତ ଆପଣମାନେ ଦେଶର ବିଭିନ୍ନ ସ୍ଥାନରେ ଥିବା ଜେଲ୍‌ରେ ଶହଶହ କଏଦୀଙ୍କ ରହଣି ସମ୍ପର୍କରେ ଶୁଣିଥିଲେ । କିନ୍ତୁ ଦୁନିଆରେ ଏମିତି ବି ଗୋଟିଏ ଜେଲ୍ ଅଛି, ଯେଉଁଠାରେ କେବଳ ଜଣେ କଏଦୀ ବନ୍ଦୀ ହୋଇରହିଛି । ଡାମନ୍ ଡିଉରେ ଏହି ଅଦ୍ଭୁତ ଘଟଣା ଦେଖିବାକୁ ମିଳେ । ଏଠାକାର ସମୁଦ୍ର କୂଳରେ ରହିଛି ଏକ ବିରାଟ ଜେଲ୍ । ଜେଲ୍‌ଟି ନିର୍ମାଣଶୈଳୀ ଏତେ ଭବ୍ୟ ଯେ ଆପଣ ବି ନିଜ ଆଖିକୁ ବିଶ୍ୱାସ କରିପାରିବେ ନାହିଁ । ଶୁଣିବାକୁ ମିଳେ, କୌଣସି ଏକ ସମୟରେ ଏହା ପର୍ତ୍ତୁଗାଲ୍‌ର କଲୋନୀ ଭିତରେ ଆସୁଥିଲା । ଜେଲ୍‌ଟି ପ୍ରାୟ ୪୭୫ ବର୍ଷ ପୁରୁଣା । ଏଠାରେ କେବଳ ଜଣେ କଏଦୀ ବନ୍ଦୀ ହୋଇରହିଛି । କଏଦୀର ନାମ ଦୀପକ କାଞ୍ଜି । ବୟସ ୩୦ । ତା' ଉପରେ ସ୍ତ୍ରୀକୁ ବିଷ ଦେଇ ହତ୍ୟା କରିଥିବା ଅଭିଯୋଗ ରହିଛି । ଜେଲ୍‌ରେ ଦୀପକ କେବଳ ଏକୁଟିଆ ରହିଥାଏ । ଏଣୁ ତା'ର ସୁରକ୍ଷାରେ ୫ ଜଣ ସିପାହୀ ଏବଂ ଜଣେ ଜେଲ୍‌ରଙ୍କୁ ନିଯୁକ୍ତ କରାଯାଇଛି । ଜେଲ୍‌ରେ ସମସ୍ତ ଶିଫ୍ଟ ଘଣ୍ଟାଏ ହିସାବରେ କରାଯାଏ । ୨୦୧୩ରେ ଜେଲ୍‌କୁ ବନ୍ଦ କରାଯିବାର ଘୋଷଣା କରାଯାଇଥିଲା । ସେବେଠୁ ଏଠାକୁ କଏଦୀଙ୍କୁ ଆଣିବା ବନ୍ଦ କରିଦିଆଯାଇଛି । କିଛି ବର୍ଷ ପୂର୍ବେ ଏଠାରେ ୭ଜଣ କଏଦୀ ଥିଲେ । ଏମାନଙ୍କ ମଧ୍ୟରେ ୨ଜଣ ମହିଳା ଥିଲେ । କିନ୍ତୁ କୌଣସି କାରଣରୁ ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ଗୁଜୁରାଟ ସ୍ଥାନାନ୍ତରିତ କରାଗଲା । ପରେ ୨ ଜଣଙ୍କ ଦଣ୍ଡ ଅବଧି ପୂରା ହେବାରୁ ସେମାନଙ୍କୁ ମୁକ୍ତ କରିଦିଆଗଲା । ଏବେ କେବଳ ଜଣେ କଏଦୀ ରହିଛି ।

# ଲାଉରେ ରହିଛି ଅନେକ ସବୁ ସୁଗୁଣ



ସବୁଜ ପରିବାଠାରୁ ଭଲ ଖାଦ୍ୟ ମଣିଷ ଶରୀର ପାଇଁ ଆଉ କିଛି ହୋଇପାରେନା। ଆପଣ ଯେତେ ପ୍ରକାରର ବି ଖାଦ୍ୟ ଖାଆନ୍ତୁ ତାହା ପନିପରିବାର ତୁଳନୀୟ ନୁହେଁ। ପରିବା ମଧ୍ୟରୁ ଉନ୍ନତମାନର ପରିବା ମଧ୍ୟରେ ଲାଉ ଅନ୍ୟତମ। ଲାଉରେ ବିଭିନ୍ନ ପ୍ରକାରର ସୁଗୁଣ ରହିଛି, ଯାହାକି ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ। ଲାଉ ଖାଇବା ଦ୍ୱାରା ଆମର ପେଟ ଥଣ୍ଡା ରହିଥାଏ। ଏହା ହୃଦ୍‌ରୋଗୀଙ୍କ ପାଇଁ ବି ଅତ୍ୟନ୍ତ ଭଲ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ୍ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖେ। ଯେଉଁ କାରଣରୁ ମଧୁମେହ ରୋଗୀମାନେ ଅଧିକ ପରିମାଣର ଲାଉ ଖାଇବା ଦରକାର। ଏହା ଲମ୍ବା, ଗୋଲାକାର ଆଦି ବିଭିନ୍ନ ଆକରରେ ଆସେ। ଆପଣ ଯେଉଁ ଧରଣର ବି ଲାଉ ଖାଆନ୍ତୁ ତାହାର ଗୁଣ ସମାନ ହୋଇଥାଏ। କୁହାଯାଏ ଲାଉ ଖାଇବା ଦ୍ୱାରା ମାନସିକ ଚାପ କମ୍ ହୋଇଥାଏ। ଏଥିରେ ଅଧିକ ପରିମାଣର ପାଣି ଭାଗ ଥିବାରୁ ଏହାକୁ ରୀତିମତ ଖାଇଲେ ତ୍ୱଚା ଯୁବା ଦିଶିଥାଏ। ଏହାକୁ ଆପଣ ଓଜନ ହ୍ରାସ ଡଏଟ୍‌ରେ ମଧ୍ୟ ସାମିଲ୍ କରିପାରିବେ। ଲାଉ ଜୁସ୍ ପିଇବା ଦ୍ୱାରା ଓଜନ ହ୍ରାସ ହୋଇଥାଏ। ସେଥିପାଇଁ ଆପଣ ପ୍ରତିଦିନ ସକାଳୁ ୧ ଗ୍ଲାସ୍ ଲାଉ ଜୁସ୍ ପିଇପାରିବେ। ଆପଣଙ୍କୁ ଯଦି ରାତିରେ ସୁନିଦ୍ରା ହେଉନାହିଁ, ତାହାଲେ ମଧ୍ୟ ଆପଣ ଲାଉ ଖାଇବା ଅଭ୍ୟାସ କରନ୍ତୁ। ଲାଉ ଖାଇଲେ ନିଦ୍ରା ସମସ୍ୟା ବି କମ୍ ହୋଇଥାଏ ବୋଲି ଡାକ୍ତରମାନେ ପରାମର୍ଶ ଦିଅନ୍ତି। ଏହା ଛଡ଼ା ଉତ୍ତମ ହଜମ ଓ କଳା କେଶ ଚାହୁଁଥିଲେ ମଧ୍ୟ ଲାଉ ଖାଇବା ଅଭ୍ୟାସ ରଖନ୍ତୁ।

# ଭେଜିଟେବୁଲ ମେୟୋନିଜ୍ ସାଣ୍ଡଉଇଚ୍

**ଆବଶ୍ୟକ ସାମଗ୍ରୀ:** କଟା କ୍ୟାପିକମ୍, କଟା ବନ୍ଧାକୋବି, କଟା ଟମାଟୋ, କଟା ପିଆଜ, କଟା ଗାଜର, କଟା କାକୁଡି, ଲୁଣ ,ଗୋଲମରିଚ ଗୁଣ୍ଡ ଓ ମେୟୋନିଜ୍, ବଟର, ବ୍ରେଡ



**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ କାଟି ରଖିଥିବା କ୍ୟାପିକମ୍, ବନ୍ଧାକୋବି, ଟମଟୋ, ପିଆଜ, ଗାଜର ଓ କାକୁଡିକୁ ଏକ ସାଙ୍ଗରେ ମିଶାଇ ଦିଅନ୍ତୁ। ସେଥିରେ ସ୍ୱାଦ ଅନୁସାରେ ଲୁଣ, ଗୋଲ ମରିଚ ଗୁଣ୍ଡ ଓ ମେୟୋନିଜ୍ ପକାଇ ଗୋଳାଇ ଦିଅନ୍ତୁ।

ଏହାପରେ ଏକ ବ୍ରେଡ ଆଣନ୍ତୁ। ତା'ଉପରେ ବଟର ଲଗାଇ ସାଣ୍ଡଉଇଚ୍ ପାଇଁ କରିଥିବା ମସଲାକୁ ତା' ଉପରେ ରଖି ଦିଅନ୍ତୁ। ଏହାପରେ ଆଉ ଏକ ବ୍ରେଡ ଆଣି ତା' ଉପରେ ରଖି ଦିଅନ୍ତୁ। ତାକୁ ସାଣ୍ଡ ଉଇଚ୍ ଶେପ୍‌ରେ କାଟନ୍ତୁ। ପରେ ତାୱାରେ ବଟର ପକାଇ ଅଳ୍ପ ଗରମ କରନ୍ତୁ। ଏହାପରେ ସାଣ୍ଡ ଉଇଚ୍‌କୁ ପକାଇ ସେକନ୍ତୁ। ଦୁଇ ପାଖ ସେକି ହେଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଭେଜିଟେବୁଲ ମେୟୋନିଜ୍ ସାଣ୍ଡ ଉଇଚ୍।

CMYK

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସେମି ଫାଇନାଲର ଭବିଷ୍ୟତ...

ତ୍ରିସ୍ତରୀୟ ୟୁପି ସମେତ ପାଞ୍ଚଟି ରାଜ୍ୟରେ ଏବେ ଏବେ ନିର୍ବାଚନ ଓ ସରିଯାଇଛି । କାଁ ଗାଁ ହିଂସା ଭିତରେ ପାଞ୍ଚଟି ରାଜ୍ୟରେ ଅନୁଷ୍ଠିତ ନିର୍ବାଚନକୁ ଦେଶବାସୀ ଆଗାମୀ ନିର୍ବାଚନ ସକାଶେ ସେମିଫାଇନାଲ୍ ରୂପେ ଗଣନା କରୁଛନ୍ତି । ବିଭିନ୍ନ ଭାଷ୍ୟକାରମାନେ ନିଜ ନିଜ ଢଙ୍ଗରେ ଉପସ୍ଥାପନା କରିଆସିଥିଲେ ହେଁ ଗଣନାକାରମାନେ ଏକରକମ ଠିକ୍ କିମ୍ବା ଭୁଲ ପ୍ରମାଣିତ ହୋଇଛନ୍ତି । ମୋଟ୍ ଉପରେ ୟୁପିରେ ଭାରତୀୟ ଜନତା ପାର୍ଟିକୁ ୨୫୬ରୁ ଅଧିକ ଭଳି ଆସନ ମିଳିଲା । ତାହା ହେଲା ୪୧.୩% । ସେହିଭଳି ସମାଜବାଦୀ ପାର୍ଟିକୁ ୧୧୦ରୁ ଅଧିକ ଆସନ ମିଳି ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିବାକୁ ପଡ଼ିଲା । କଂଗ୍ରେସକୁ ମାତ୍ର ୨ଟି ଓ ବିଏସିକୁ ମଧ ସେହି ୨ଟି ଆସନରେ ସନ୍ତୁଷ୍ଟ ରହିବାକୁ ହେଲା । ତା' ପଛକୁ ଆସୁଛି ପଞ୍ଜାବ । ଆମ୍ ଆଦମି ପାର୍ଟିକୁ ମିଳିଲା ୯୨ଟି ଆସନ । ତା' ପଛକୁ କଂଗ୍ରେସ ୧୮, ବିଜେପିକୁ ୨ଟି, ଶିରୋମଣି ଅକାଳୀ ଦଳକୁ ମାତ୍ର ୩ଟି ଆସନ ପାଇଁ ସନ୍ତୁଷ୍ଟ ହେବାକୁ ପଡ଼ିଲା । ଉତ୍ତରାଖଣ୍ଡରେ ବିଜେପିକୁ ୪୭ଟି ଆସନ ମିଳିଥିବା ବେଳେ କଂଗ୍ରେସକୁ ୧୯ଟି, ବିଏସିକୁ ମାତ୍ର ୨ଟି ଆସନରେ ଅଟକିଯିବାକୁ ପଡ଼ିଲା । ମଣିପୁର ବିଧାନସଭାରେ ବିଜେପିକୁ ୩୨, କଂଗ୍ରେସକୁ ମାତ୍ର ୫ଟି, ଏନପିକୁ ୭ଟି ଏବଂ ଅନ୍ୟାନ୍ୟ ୧୬ଟି ଆସନରେ ବାଜିମାତ୍ କଲେ । ଗୋଆ ବିଧାନସଭାରେ ବିଜେପିକୁ ୨୦, କଂଗ୍ରେସକୁ ୧୧, ଆପ୍‌କୁ ୨ଟି ଏବଂ ଅନ୍ୟମାନଙ୍କୁ ୭ଟି ଆସନରେ ଅଟକିଯିବାକୁ ପଡ଼ିଲା । ପାଞ୍ଚଟି ବିଧାନସଭା ଗାଏ ମୋଟ୍ ନିର୍ବାଚନର ଗାଏ ମୋଟ୍ ଫଳାଫଳ ଦେଖାଗଲେ ୟୁପିରେ ପୂର୍ବଭଳି ବିଜେପିର ସମୀକରଣ ଏକରକମ ଠିକ୍ ରହିଥିବା ବେଳେ ସମାଜବାଦୀ ପାର୍ଟିର ସଂଖ୍ୟାଗତ ପ୍ରଦର୍ଶନ ମଧ ସନ୍ତୋଷଜନକ ରହିଛି ବୋଲି କୁହାଯାଇପାରିବ । ଅନ୍ୟ ଦଳଗୁଡ଼ିକର ପ୍ରଦର୍ଶନ ଆଦୌ ସନ୍ତୋଷଜନକ ନଥିଲା, ତେଣୁ ତାହା ବାବଦରେ କିଛି କୁହାନଯିବା ଭଲ । ବାହାପିଆଙ୍କ ବାରବାଟି ଚାଷ ନ୍ୟାୟରେ କ'ଣ ପାଇଁ ଜାତିବାଦ ଆଧାରରେ ବିଏସ୍‌ପି ମୁଖ୍ୟ । ମାୟାବତୀ ଗୋଟେ-ଦୁଇଟି ଆସନ ପାଇଁ ବାହାଣ୍ଡୋଟି ମାରୁଛନ୍ତି ତାହା ବୁଝି ହେଉନାହିଁ । ପଞ୍ଜାବ ବିଧାନସଭାରେ ମୋଟ୍ ଆସନ ସଂଖ୍ୟା ହେଉଛି ୧୧୭ । ସେଥିରୁ ଆମ୍ ଆଦ୍‌ମି ପାଟିକୁ ୯୨ ଆସନ ମିଳିଥିବା ବେଳେ କଂଗ୍ରେସକୁ ମାତ୍ର ୧୮ଟି ଆସନ ମିଳିଛି । ଛନ୍ନି, ନଭଜ୍ୟୋତ, ଅମରିନ୍ଦରଙ୍କ ଭଳି ତଥାକଥିତ ଟାଣୁଆ ନେତା କିଭଳି ଧୂଳି ଚାଟିଲେ, ତାହା ତମାମ୍ ଦେଶ ଦେଖିଲା । ଉତ୍ତରାଖଣ୍ଡରେ ସମାନ ଅବସ୍ଥା । ତିନି ତିନି ଥର ମୁଖ୍ୟମନ୍ତ୍ରୀ ବଦଳାଇବାର ପରିଣତିରେ ଯାହା ହେବା କଥା ହେଲା । ହରିଶ ରାଓଙ୍କ ଭଳି ନେତା ଏଥିର ହାରିଗଲେ । ଗୋଆରେ ବିଜେପିର ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ପରାଜୟ ପରେ ନୂତନ ମୁଖ୍ୟମନ୍ତ୍ରୀ ରୂପେ ଗାଦି ସମ୍ଭାଳିଛନ୍ତି ପ୍ରତାପ ସିଂ ରାଣେଙ୍କ ସୁପୁତ୍ର ବିଶ୍ୱଜିତ୍ ରାଣେ । ୟୁପିରେ ଯୋଗୀ ଆଦିତ୍ୟ ଯୋଗୀ, ପଞ୍ଜାବରେ ଭଗନ୍ତ ମାଙ୍କ ଭଳି ନୂତନ ମୁଖ୍ୟମନ୍ତ୍ରୀ କାର୍ଯ୍ୟଭାର ସମ୍ଭାଳିବା ଭିତରେ ଅଖିଳ ଭାରତୀୟ କଂଗ୍ରେସ କମିଟିର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହୋଇଛି ଅତ୍ୟନ୍ତ ଆଶ୍ଚର୍ଯ୍ୟକର ପ୍ରସ୍ତାବ ପାଞ୍ଚ-ପାଞ୍ଚଟି ବିଧାନସଭା ନିର୍ବାଚନରେ ଆଉ କେମିତି କଂଗ୍ରେସକୁ ପରାଭବ ଭୋଗିବାକୁ ପଡ଼ିଥାନ୍ତା ? ନୂଆ ନେତୃତ୍ୱ, ନୂଆ ପିଢ଼ି ପାଇଁ ଯେତେ ଜୋର ଦେଇ ଦାବି କରାଯାଉଥିଲେ ହେଁ, ସ୍ଥିତି ଯାହାକୁ ସେୟା । ନେତୃତ୍ୱ ମୋହ ଏଯାଏଁ ଏମିତିରେ ତୁଟିନାହିଁ । କ୍ଷମତାକୁ ଜାବୋଡ଼ି ଧରି ବସିଲା ଲୋକଙ୍କୁ ଆଉ କିଏ କ'ଣ କହିବ ? କ୍ଷମତା ବୋଇଲେ ଛତିଶଗଡ଼, ରାଜସ୍ଥାନ ଭଳି କିଛି ରାଜ୍ୟ । ସେଥିରେ ସତ ସତିକା କଂଗ୍ରେସମୁକ୍ତ ହେବାକୁ ଆଉ କେତୋଟି ରାଜ୍ୟ ରହିଲା ? ସେପଟେ ଦିଲ୍ଲୀ ସରକାର ସମ୍ଭାଳିଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଓ ବଂଗଳା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମଧ୍ୟରେ ଖୁମ୍ପାଖୁମ୍ପି ଚାଲିଛି । ୨୦୨୪ ବେଳକୁ କିଭଳି ସବୁ ଅଣ-ବିଜେପି ଦଳକୁ ଏକାଠି କରି ବିକଳ୍ପ ଭାବେ ଛିଡ଼ା କରାଇବାକୁ କଥିତ ଉଦ୍ୟମର ଫଳଶ୍ରୁତି କିଭଳି ହେବ, ତାହା କିଏ କହିବ ? କେସି ଆର ଷ୍ଟାଲିନ୍, ନବୀନ ପଟ୍ଟନାୟକ ଓ ସମଧର୍ମାମାନଙ୍କୁ ଏକାଠି କରାଇବାରେ କେହି କରିତ୍ କର୍ମା ଯଦି ସଫଳକାମ ହେବେ, ତାହା ଏବଠାରୁ କୁହାଯିବା ମୁସ୍କିଲ୍ ।

# ଶସ୍ତ୍ରମୁକ୍ତ ବିଶ୍ୱ ପାଇଁ ପ୍ରଚେଷ୍ଟା ହେଉ



ଗୋପାଳ ମହାପାତ୍ର

ଋଷ-ୟୁକ୍ରେନ ଯୁଦ୍ଧକୁ ରୋକିବା ପାଇଁ ଇସ୍ରାଏଲ୍-ଫ୍ରାନ୍ସ-ଜର୍ମାନ ସମେତ ଅନେକ ରାଷ୍ଟ୍ରର ମୁଖ୍ୟ ପୁଟିନଙ୍କ ସହ ଆଲୋଚନା କରିଛନ୍ତି । ବିଶ୍ୱର ଅନେକ ଦେଶ ପୁଟିନଙ୍କୁ ଏକଛତ୍ରବାଦୀ ଶାସକ ଏପରିକି ହିଟଲରଙ୍କ ସହ ତୁଳନା କରୁଛନ୍ତି । କିନ୍ତୁ ଅନ୍ୟପକ୍ଷରେ ଆମେରିକାର ବୈଦେଶିକ ନୀତିକୁ ଯୁଦ୍ଧର କାରଣ ବୋଲି ଅନେକେ ମତ ଦେଇଛନ୍ତି । ୧୯୯୧ରେ ଶୀତଳ ଯୁଦ୍ଧ ସମାପ୍ତି ହେବାପରେ ସୋଭିଏତ ସଂଘ ବିଭାଜିତ ହୋଇଥିଲା ଓ ଅନେକ ରାଷ୍ଟ୍ରର ଉତ୍ପତ୍ତି ହୋଇଥିଲା । ସୋଭିଏତ ସଂଘରୁ ଉତ୍ପନ୍ନ ରାଷ୍ଟ୍ରମାନଙ୍କ ମଧ୍ୟରୁ ଅନେକ ରାଷ୍ଟ୍ର ବା ଦେଶକୁ ଉତ୍ତର ଆଟଲାଣ୍ଟିକ ସଂଗଠନ (ନାଟୋ)ରେ ସାମିଲ ହେବା ପାଇଁ ଆମେରିକା ପ୍ରୋତ୍ସାହିତ କରିଥିଲା । ୟୁକ୍ରେନ ମଧ ସୋଭିଏତ ସଂଘରୁ ବିଭାଜିତ ହୋଇଥିବା ଏକ ଦେଶ ଯିଏ ନାଟୋରେ ସାମିଲ ହେବାକୁ ଚାହୁଁଥିଲା ଯେଉଁଥିପାଇଁ ରୁଷ ନିଜକୁ ଅସୁରକ୍ଷିତ ମନେ କଲା ଓ ଋଷ-ୟୁକ୍ରେନ ଯୁଦ୍ଧ ଲାଗିଲା । ଏକ ରୋଚକ ତଥ୍ୟ ହେଉଛି ସୋଭିଏତ ସଂଘର ବିଭାଜନ ବେଳେ ତା' ପାଖରେ ୩୫ ହଜାର ନାଭିକୀୟ ଶସ୍ତ୍ର ଥିଲା ଯାହା ରୁଷ, ୟୁକ୍ରେନ, କାଜାକିସ୍ଥାନ ଓ ବେଲାରୁଷ ଦେବା କଥା କିନ୍ତୁ ରୁଷକୁ ଛାଡ଼ି ଅନ୍ୟ ତିନି ଦେଶମାନେ ଏ ସବୁକୁ ନେଇନଥିଲେ । ସମସ୍ତ ଶସ୍ତ୍ର ରୁଷକୁ ଦେଇ ଦେଇଥିଲେ, ସେତେବେଳେ ୟୁକ୍ରେନ ଏହି ଶସ୍ତ୍ର ବଦଳରେ ନିଜର ବା ଦେଶର ସୁରକ୍ଷାର ଗ୍ୟାରେଣ୍ଟି ପ୍ରସଙ୍ଗ ଉଠାଇଥିଲା ଏବଂ ଆମେରିକା ଏବଂ ଇଂଲଣ୍ଡର ମଧ୍ୟସ୍ଥତାରେ ଋଷ ଓ ୟୁକ୍ରେନ ମଧ୍ୟରେ ଏକ ବୁଝାମଣା ହୋଇଥିଲା । ସୋଭିଏତ ସଂଘରୁ ବିଭାଜିତ ହୋଇଥିବା ରାଷ୍ଟ୍ର (ଦେଶ)ମାନେ ଭାବିନଥିଲେ ଯେ କେବେ ସେମାନଙ୍କୁ ଯୁଦ୍ଧ କରିବାକୁ ପଡ଼ିବ । ୟୁକ୍ରେନ ମଧ ଭାବିଥିଲା ଶସ୍ତ୍ର ତ୍ୟାଗର ପରିବର୍ତ୍ତେ ସୁରକ୍ଷାର ଗ୍ୟାରେଣ୍ଟି ମିଳିବ । ସେତେବେଳେ ଆମେରିକା ୟୁକ୍ରେନକୁ ଅନେକ ନାଭିକୀୟ ଶସ୍ତ୍ର ନଷ୍ଟ କରିବାରେ ସହାୟତା କରିଥିଲା । ଏପରିକି ଆମେରିକା ଓ ରୁଷ ମଧ୍ୟରେ ଚୁକ୍ତି ଅନୁସାରେ ଏଭଳି ଶସ୍ତ୍ର ସଂଖ୍ୟା କମାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା ।

ଆମେରିକା ଓ ଋଷ ଏବେ ବି ୫ରୁ ୬ ହଜାର ଲେଖାଏଁ ନାଭିକୀୟ ଶସ୍ତ୍ର (ପରମାଣୁ) ରଖିଛନ୍ତି, କିନ୍ତୁ ଶୀତଳ ଯୁଦ୍ଧର ସମାପ୍ତି ପରେ ଏଭଳି ଶସ୍ତ୍ର ରଖାଯିବା ଚୁକ୍ତି ଅନୁସାରେ ଉଚିତ ନୁହେଁ । ଜାତିସଂଘର ସୁରକ୍ଷା ପରିଷଦରେ ଥିବା ୫ ସ୍ଥାୟୀ ସଦସ୍ୟଙ୍କ ପାଖରେ ବା ରୁଷ ଆମେରିକା, ଇଂଲଣ୍ଡ, ଫ୍ରାନ୍ସ ଓ ଚୀନ ପାଖରେ ନାଭିକୀୟ ଶସ୍ତ୍ର ରହିଛି । କିନ୍ତୁ ଏମାନେ ବିଶ୍ୱର ଅନ୍ୟ ଦେଶମାନଙ୍କୁ ଏଭଳି ଶସ୍ତ୍ର ନିର୍ମାଣ ପାଇଁ ବାରଣ କରୁଛନ୍ତି ଓ ବ୍ୟାପକ ପରୀକ୍ଷଣ ନିଷେଧ ସନ୍ଧିରେ ଓ ପରମାଣୁ ପ୍ରସାର ସନ୍ଧିରେ ସ୍ୱାକ୍ଷର କରିବା ଓ ନାଭିକୀୟ ଶସ୍ତ୍ର ନିର୍ମାଣ ନକରିବା ପାଇଁ କହିଛନ୍ତି । ଇସ୍ରାଏଲ୍, ଭାରତ, ପାକିସ୍ଥାନ, ଦକ୍ଷିଣ କୋରିଆ ଏବଂ ଇରାନ କିନ୍ତୁ ଏହି ପରମାଣୁ ଅପ୍ରସାର ସନ୍ଧିକୁ ବିରୋଧ କରି ନାଭିକୀୟ ଶସ୍ତ୍ର ନିର୍ମାଣ କରିଛନ୍ତି ଓ ଏହାର ନିର୍ମାଣର କ୍ଷମତା ରଖିଛନ୍ତି । ଏବେ ଉତ୍ତର କୋରିଆ ମଧ ଏଭଳି ଶସ୍ତ୍ରର ପରିକ୍ଷଣ କରୁଛି ।

ବିଶ୍ୱର ଏକମାତ୍ର ମହାଶକ୍ତି ହେବାପାଇଁ ଆମେରିକାର ମହତ୍ତ୍ୱାକାଂକ୍ଷା ଓ ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟମାନେ ନାଭିକୀୟ ଶସ୍ତ୍ର ତ୍ୟାଗ କରିବା ପରିବର୍ତ୍ତେ ନିର୍ମାଣ କରିବା କାରଣରୁ ସମୟ ସମୟରେ ବିଶ୍ୱର କେଉଁଠି କେଉଁଠି ଯୁଦ୍ଧ ହେବା ଅପରିହାର୍ଯ୍ୟ କାରଣ ବିଶ୍ୱରେ ଯୁଦ୍ଧ ହେଲେ ହିଁ ଆମେରିକାର ଅସ୍ତ୍ରଶସ୍ତ୍ର ନିର୍ମାଣକାରୀ ଉଦ୍ୟୋଗ ଲାଭବାନ ହେବ । ଫଳତଃ ଆମେରିକାର ଅର୍ଥବ୍ୟବସ୍ଥା ସୁଦୃଢ଼ ହେବ । ଇନ୍ଦିରା ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ଥିବାବେଳେ ପରମାଣୁ (ନାଭିକୀୟ ଶସ୍ତ୍ର) ପରୀକ୍ଷଣ ହୋଇଥିଲା । କିନ୍ତୁ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବାବେଳେ ଜାତିସଂଘର ସ୍ଥାୟୀ ସଦସ୍ୟମାନଙ୍କୁ ନାଭିକୀୟ ଶସ୍ତ୍ର ସବୁକୁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ନଷ୍ଟ କରିଦେବା ପାଇଁ ନିବେଦନ କରିଥିଲା । କିନ୍ତୁ ପାଞ୍ଚ ମହାଶକ୍ତି ଏ କଥାକୁ ଗୁରୁତ୍ୱ ଦେଇନଥିଲେ । ଫଳରେ ରାଜୀବ ପରମାଣୁ ପରୀକ୍ଷଣକୁ ତ୍ୱରାନ୍ୱିତ କରିବାପାଇଁ ନିଷ୍ପତ୍ତି ନେଇଥିଲେ ।

ନବ ଉଦାରବାଦୀ ଆର୍ଥିକ ନୀତି ଲାଗୁ କରିବା ପରେ ଭାରତ ଧିରେ ଧିରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନଠାରୁ ଦୂରେଇ ଯିବାରେ ଲାଗିଲା ଏବଂ ଆମେରିକାର ନିକଟତର ହେବାରେ ଲାଗିଲା । ଯଦି ଭାରତ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନରୁ ଦୂରେଇ ଯାଇନଥାନ୍ତା ତେବେ ଆଜି ଭାରତକୁ ଦୋଛକିରେ ଠିଆ ହେବାକୁ ପଡ଼ିଥାନ୍ତା । ଭାରତ ଯୁଦ୍ଧ ଆରମ୍ଭ କରିଥିବା ରୁଷକୁ ସମାଲୋଚନା କରିପାରୁନାହିଁ କିମ୍ବା ୟୁକ୍ରେନକୁ ସିଧାସଳଖ ସହଯୋଗ କରୁନଥିବା ଆମେରିକାକୁ ମଧ କିଛି କହିପାରୁନାହିଁ । ପାରମ୍ପରିକ ଭାବେ ଭାରତ ସବୁବେଳେ ଦୁର୍ବଳକୁ ସମର୍ଥନ କରି ଆସିଛି । ମହାତ୍ମା ଗାନ୍ଧୀ ଆରବ ଭୂମିରେ ଜବରଦସ୍ତ ଇସ୍ରାଏଲ୍ ଦେଶ ଗଠନ ଓ ଦକ୍ଷିଣ ଆଫ୍ରିକାରେ ରଙ୍ଗଭେଦ ନୀତିକୁ ବିରୋଧ କରିଥିଲେ । ଭାରତ ଦଲାଇଲାମାଙ୍କୁ ଶରଣ ଦେଇଛି ଓ ତାଙ୍କ ନିର୍ବାଚିତ ସରକାର ଗଠନ ପାଇଁ ସହଯୋଗ କରୁଛି । ଏପରିକି ପାକିସ୍ଥାନରେ ବଙ୍ଗାଳି ରାଷ୍ଟ୍ରବାଦକୁ ସମର୍ଥନ କରି ବଙ୍ଗଳାଦେଶ ଗଠନକୁ ସମର୍ଥନ କରିଥିଲା । ଏବେ ବିଶ୍ୱସ୍ତରରେ ନୈତିକତାର ସ୍ୱର ଆଉ ଶୁଭୁନାହିଁ । ଜାତିସଂଘକୁ ପାଞ୍ଚ ମହାଶକ୍ତି ଯାହାଙ୍କ ପାଖରେ ଭିଟୋ ଶକ୍ତି ରହିଛି ସେମାନେ ଅପ୍ରାସଙ୍ଗିକ କରିଦେଇଛନ୍ତି । ଏହି ମହାଶକ୍ତିମାନେ ବିଶ୍ୱର ଅନ୍ୟ ଦେଶମାନଙ୍କ ମତାମତ ବାବଦରେ ଶୁଣିବାକୁ ନାରାଜ । ଯଦି ଜାତିସଂଘ ବିଶେଷକରି ସୁରକ୍ଷା ପରିଷଦର ଲୋକତାନ୍ତ୍ରିକୀକରଣ କରାନଯାଏ ତେବେ ଯୁଦ୍ଧ ଭଳି ସ୍ଥିତିକୁ ସମାପ୍ତ କରିବାପାଇଁ ଏହା ସକ୍ଷମ ହୋଇପାରିବ ନାହିଁ ।

ୟୁକ୍ରେନରେ ଯାହା ଘଟୁଛି ତାକୁ ମାନବୀୟ ସଙ୍କଟ ବୋଲି କୁହାଯିବ ନିଶ୍ଚୟ । ୟୁକ୍ରେନରେ ଏବେ ଏମିତି ଲୋକ ଅଛନ୍ତି ଯେଉଁମାନଙ୍କ ପାଇଁ ସେଠାରୁ ପଳାଇଯିବା ପାଇଁ ମଧ ବିକଳ୍ପ ନାହିଁ । ସେମାନଙ୍କ ଭବିଷ୍ୟତ ଅନିଶ୍ଚିତ ହୋଇଯାଇଛି । ଧିରେ ଧିରେ ଖାଦ୍ୟ ପାନୀୟର ଅଭାବ ମଧ ଦେଖାଯିବାର ସମୟ ଆସିଯାଇଛି । ଯୁଦ୍ଧିକୁ କେବେ ବି ଠିକ୍ ବୋଲି କୁହାଯାଇପାରିବ ନାହିଁ । ମହାଶକ୍ତିମାନଙ୍କର ଅନୁକରଣ କରିବା ପରିବର୍ତ୍ତେ ଏକ ସ୍ୱତନ୍ତ୍ର ରାସ୍ତା ବାଛିବା ଏବଂ ଶସ୍ତ୍ରମୁକ୍ତ ବିଶ୍ୱର ପରିକଳ୍ପନା ଦିଗରେ ବିଶ୍ୱ ସମୁଦାୟ ପ୍ରଚେଷ୍ଟା କରିବା ଉଚିତ । ବିଶ୍ୱରେ ଶାନ୍ତି ସୌହାର୍ଦ୍ଦ୍ୟ ପାଇଁ ସମସ୍ତେ ଏକାଠି ହେବା ଆବଶ୍ୟକ । ମହାତ୍ମା ଗାନ୍ଧୀଙ୍କ ଅହିଂସାର ସିଦ୍ଧାନ୍ତ ଯାହାକୁ ସାରା ଦୁନିଆ ମାନୁଛି ଏବଂ ଯାହା ଦୁନିଆର ଶୋଷିତ ଲୋକଙ୍କ ପାଇଁ ପ୍ରେରଣାର ସ୍ରୋତ ସେଇ ସିଦ୍ଧାନ୍ତକୁ ସାରା ବିଶ୍ୱରେ ପ୍ରଚାର କରିବା ଦିଗରେ ଭାରତ ମୁଖ୍ୟ ଭୂମିକା ଗ୍ରହଣ କରୁ । ଏହା ହୋଇପାରିଲେ ବିଶ୍ୱରୁ ଯୁଦ୍ଧ ଭୟ ତୁଟିଯିବ ନିଶ୍ଚୟ ।


ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪


# ଘରହରା ଘରଚଟିଆ



ବୈଷ୍ଣବ ମେହେର

ପ୍ରକୃତିର ଅବକ୍ଷୟ ଏବଂ ପରିବେଶ ପ୍ରଦୁଷଣର ପ୍ରଭାବ କାରଣରୁ ଅନେକ ଜୀବଜନ୍ତୁଙ୍କ ବଂଶ ଧିରେଧିରେ ଲୋପ ପାଇବାରେ ଲାଗିଛି । ସେହିସବୁ ଲୁପ୍ତପ୍ରାୟ ଜୀବଙ୍କ ମଧ୍ୟରେ ଆମ ସମସ୍ତଙ୍କ ପ୍ରୀୟ ଘରଚଟିଆ ମଧ୍ୟ ରହିଛି । ଘରଚଟିଆ ଏକ କ୍ଷୁଦ୍ର ଶସ୍ୟ ଓ ପୋକ ଭକ୍ଷୀ ପକ୍ଷୀ । ନିଜର ଛୋଟ ଅଥଚ ଶକ୍ତ ଥଣ୍ଟରେ ସେ ଖୁବ ସହଜରେ କଠିନ ଶସ୍ୟର ଚୋପା ଛଡ଼ାଇ ଖାଇପାରେ । ବିଶେଷତଃ ଗ୍ରାମାଂଚଳରେ ଥିବା ଘରର ଚାଳ, ମାଟିକାନ୍ଥ ସନ୍ଧି, କୋଠା ଘରର କୌଣସି ଖୋପ, ବତୀଖୁଣ୍ଟରେ ଥିବା ବିଭିନ୍ନ କେବୁଲ ବକ୍ସ ଆଦି ସ୍ଥାନରେ ଘରଚଟିଆ ମାନେ ନିଜ ସଂସାର କରି ରହନ୍ତି । ଏପ୍ରିଲରୁ ଅଗଷ୍ଟ ମାସ ପର୍ଯ୍ୟନ୍ତ ହେଉଛି ଘରଚଟିଆଙ୍କ ପ୍ରଜନନ ଋତୁ । ମାଈ ଘରଚଟିଆ ଅଣ୍ଡା ଦେବାର ମାତ୍ର ଦଶ ଦିନ ମଧ୍ୟରେ ଅଣ୍ଡା ଫୁଟାଇ ଛୁଆ ଜନ୍ମ କରିଥାଏ । ଛୁଆ ଜନ୍ମର ଦୁଇ ସପ୍ତାହ ମଧ୍ୟରେ ଘରଚଟିଆ ଶାବକ ଉଡ଼ିବା ଆରମ୍ଭ କରିଦିଏ । ଏକ ପ୍ରାପ୍ତ ବୟସ୍କ ଘରଚଟିଆର ଓଜନ ଅତି ବେଶୀରେ ୩୦ ରୁ ୩୫ ଗ୍ରାମ ଏବଂ ଏହାର ଲମ୍ବ ୧୨ ରୁ ୧୪ ସେଣ୍ଟିମିଟର ରହେ । ଆକାରରେ ଛୋଟ ହେଲେ ହେଁ ଏହି ଟିକି ପକ୍ଷୀଟି ଅତ୍ୟନ୍ତ ଚଳଚଂଚଳ ଆଉ ପରିଶ୍ରମୀ । ରାସ୍ତାଘାଟ, ବଣବୁଦାରୁ କାଠିକୁଟା ସଂଗ୍ରହ କରି ସୁନ୍ଦର ଭାବରେ ନିଜ ନୀଡ଼ ତିଆରି କରିଥାଏ । ମଣିଷର ନିକଟରେ ରହିବାକୁ ଭଲ ପାଉଥିବା ଏହି ପକ୍ଷୀର କିଚିରିମିଚିରି ସ୍ୱର ସମଗ୍ର ପରିବେଶକୁ ଆକୃଷ୍ଟ ଓ ମୁଖରିତ କରେ ଯାହା ଶୁଣିବା ଲୋକ ମନକୁ ଆନନ୍ଦ ଦେଇଥାଏ ।

ସାଧରଣତଃ ଘରଚଟିଆ ଧାନ, ଗହମ, ଡାଲିଦାନା, କୀଟପତଙ୍ଗ, ଜିଆ ଆଦି ଖାଇ ଜୀବନଧାରଣ କରିଥାନ୍ତି । ମାତ୍ର ଯେଉଁ ଚାଳଛପର ଘର କୋଣରେ ଏହି ପକ୍ଷୀ ବସା ବାନ୍ଧିବାକୁ ଭଲ ପାଏ ସେହି ଚାଳଛପର ଘର ଏବେ ଆଉ ଦେଖିବାକୁ ମିଳୁନାହିଁ । ଗାଁ ଠାରୁ ସହର ସବୁଠି କଂକ୍ରିଟ ଜଙ୍ଗଲ, ମାଟି ରାସ୍ତା ଆଉ ନାହିଁ, କ୍ଷେତ ମାନଙ୍କରେ ଚାଷର ପରିମାଣ କମିଯିବା, ଚାଷରେ ବ୍ୟାପକ କୀଟନାଶକର ବ୍ୟବହାର, କୋଠାଘର ନିର୍ମାଣ, ଘର ସଂଲଗ୍ନ ବଗିଚା ଲୋପ ପାଇବା, ଗାଡ଼ିମଟରର ଧୂଆଁ, ଶବ୍ଦ ପ୍ରଦୁଷଣ, ମାଳମାଳ ଟାୱାର ମଧ୍ୟରୁ ନିର୍ଗତ କ୍ଷତିକାରକ ବିକିରଣ ବର୍ତ୍ତମାନ ଏହି କୁନି ପକ୍ଷୀର ଜୀବନକୁ ବିପନ୍ନ କରିଦେଇଛି । ପ୍ରକୃତି ଓ ପ୍ରାକୃତିକ ସମ୍ପଦର ସଂରକ୍ଷଣ ନିମନ୍ତେ କାର୍ଯ୍ୟ କରୁଥିବା ଇଣ୍ଟରନ୍ୟାସନାଲ ୟୁନିୟନ ଫର କନଜରଭେସନ୍ ଅଫ ନେଚର ଆଣ୍ଡ୍ ନେଚୁରାଲ ରିସୋର୍ସ (ଆଇୟୁସିଏନ୍)ର ରିପୋର୍ଟ ଅନୁସାରେ ୨୦୦୫ ମସିହା ସୁଦ୍ଧା ବିଶ୍ୱରେ ଘରଚଟିଆ ମାନଙ୍କ ସଂଖ୍ୟାର ୮୦% କମିଯାଇଛି । ନିରୀହ ପକ୍ଷୀ ଘରଚଟିଆର ସୁରକ୍ଷା ନିମନ୍ତେ ସର୍ବସାଧାରଣରେ ସଚେତନତା ସୃଷ୍ଟି କରିବାକୁ ଗତ ୨୦୧୦ ମସିହା ଠାରୁ ପ୍ରତିବର୍ଷ ମାର୍ଚ୍ଚ ମାସ ୨୦ ତାରିଖକୁ ବିଶ୍ୱ ଘରଚଟିଆ ଦିବସ ଭାବରେ ସାରା ବିଶ୍ୱରେ ପାଳନ କରାଯାଇ ଆସୁଛି । ପ୍ରଥମେ ଆମ ଦେଶର ମହାରାଷ୍ଟ୍ର ରାଜ୍ୟ ସ୍ଥିତ ନାଶିକ୍‌ର ପକ୍ଷୀପ୍ରେମୀ ମହମ୍ମଦ ଦିଲାବର ଘରଚଟିଆ ଦିବସ ପାଳନର ପରିକଳ୍ପନା କରିଥିଲେ । ଦିଲାବରଙ୍କ ସଂସ୍ଥା ନେଚର ଫର ଏଭର ସୋସାଇଟି ଓ ଫ୍ରାନ୍ସର 'ଇକୋ' ସିସ୍ ଆକ୍ସନ ଫାଉଣ୍ଡେସନ ସହ ବିଶ୍ୱର ଅନେକ ପ୍ରତିଷ୍ଠିତ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଗତ ୧୨ ବର୍ଷ ହେଲା ଘରଚଟିଆ ଦିବସ ପାଳନ କରାଯାଇ ଆସୁଛି । ଏହି ଦିନ ଘର ଚଟିଆଙ୍କ ବଂଶ ରକ୍ଷା ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା, ଆଲୋଚନା ସଭା, ପ୍ରତିଯୋଗୀତା ଆଦି ଆୟୋଜନ କରାଯାଇ ଲୋକଙ୍କୁ ସଚେତନତାର ବାର୍ତ୍ତା ଦିଆଯାଏ ।

ଘରଚଟିଆ ଆକାରରେ ଛୋଟ ହେଲେ ମଧ୍ୟ ଏହା ପରିବେଶ ଓ ମାନବ ସମାଜ ପାଇଁ ଖୁବ ଉପକାରୀ ପକ୍ଷୀ । ହିନ୍ଦୀରେ ଘରଚଟିଆକୁ ଗୌରେଁୟା, ତାମିଲ ଓ ମାଲାୟାଲମରେ କୁରୁଭି, ତେଲୁଗୁରେ ପିଚ୍ଛୁକା, କନ୍ନଡ଼ରେ ଗୁବାଚ୍ଚୀ, ଗୁଜୁରାଟୀରେ ଚକଲୀ, ମରାଠିରେ ଚିମଣୀ, ପଞ୍ଜାବୀରେ ଚିରୀ, କାଶ୍ମୀରରେ ଚାଏରା, ବଙ୍ଗଳାରେ ଚିରାଇ ପକ୍ଷୀ ଏବଂ ସିନ୍ଧୀରେ ଏହାକୁ ଝିରକୀ ବୋଲି କୁହାଯାଏ ।

ଦିନ ଥିଲା ଘରଚଟିଆଙ୍କ କିଚିରିମିଚିରି ଶବ୍ଦରେ ଗାଁ, ସହର ସବୁ ଗୁଞ୍ଜରିତ ହେଉଥିଲା । ଏମାନଙ୍କ ସ୍ୱର ମଣିଷ ମନରେ ଅପାର ଆନନ୍ଦ ସୃଷ୍ଟି କରୁଥିଲା । ଏମାନଙ୍କ ବଂଶ ରକ୍ଷା ଦିଗରେ ଯଦି ପ୍ରତ୍ୟେକ ମଣିଷ ସଚେତନ ନହେବେ ତେବେ ଆହୁରି ଅଳ୍ପ ବର୍ଷ ମଧ୍ୟରେ ଏମିତି ଏକ ସୁନ୍ଦର ଓ ଉପକାରୀ ପକ୍ଷୀ ଇତିହାସ ପାଲଟିବାର ଆଶଙ୍କା ରହିଛି । ଖୁସିର କଥା ଯେ, ଗତ କିଛି ବର୍ଷ ହେଲା ଘରଚଟିଆର ସୁରକ୍ଷାକୁ ନେଇ ସାଧାରଣରେ କିଛି ସଚେତନତା ପରିଲିକ୍ଷିତ ହେବାରେ ଲାଗିଛି । ଲେକେ ନିଜ ଘରେ ଘରଚଟିଆର ସୁରକ୍ଷା ପାଇଁ କୃତ୍ରିମ ବାସସ୍ଥଳୀ ତିଆରି ସହ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା କରୁଛନ୍ତି । କିଛି ସ୍ୱେଚ୍ଛାସେବୀ ଓ ସଂସ୍ଥା ମାନେ ଏ ଦିଗରେ କାର୍ଯ୍ୟ କରିବା ଆରମ୍ଭ କରିବା ନିଶ୍ଚିତ ଶୁଭ ସଙ୍କେତ ବୋଲି କୁହାଯାଇପାରିବ । ଏହି ଟିକି ପକ୍ଷୀ ପ୍ରତି ସମସ୍ତେ ସମ୍ବେଦନଶୀଳ ହୋଇ ତା ପ୍ରତି ଯତ୍ନବାନ ହେଲେ ହିଁ ପିଲା ଦିନରେ ଆମେ ଯେଉଁ ସଂଖ୍ୟାରେ ଘରଚଟିଆ ଦେଖି ତାର କିଚିରିମିଚିରି ଶବ୍ଦରେ ଆତ୍ମହରା ହେଉଥିଲେ, ତାର କିଂଚିତ ଗୁଞ୍ଜରଣକୁ ଆମେ ଆମର ପରବର୍ତ୍ତୀ ପିଢ଼ି ପାଇଁ ସଂରକ୍ଷିତ ରଖିବାରେ ସଫଳ ହୋଇ ପାରିବା ।


ଶିକ୍ଷକ
ସିନାପାଲି, ନୂଆପଡ଼ା







## ହେ ବସନ୍ତ ତୁମେ...

### ପବିତ୍ର କୁମାର ସାହୁ

ହେ ବସନ୍ତ ତୁମେ କେତେ ଭଲ, କେତେ ସୁନ୍ଦର
ତୁମ ଗତି, ତୁମ ବାସ୍ନା ଆଉ ତୁମ ସ୍ପର୍ଶ
ସତରେ, ତୁମ ବିନା ଲାଗେ ଏ ଜୀବନ ଟା
ଏକା ଏକା, ଫାଙ୍କା ଫାଙ୍କା, ଯନ୍ତ୍ରଣା ଦାୟକ ।

ତୁମେ ଯେବେ ଆମ୍ବ ବଉଳର ଅତର
ମୋ ଦେହରେ, ପ୍ରାଣରେ, ମନରେ ଖେଳାଇ ଦିଅ
ଭୁଲିଯାଏ ମୁଁ ଏ ସ୍ୱାର୍ଥପର ଦୁନିଆଁ, ମିଛମାୟାର
ଏ ଅଢେଇ ଦିନର ସଂସାର,
କେବଳ ତୁମର ସେହି ମତୁଆଲା ମହକରେ
ହଜିଯିବାକୁ ଚାହିଁଲି, ବୁଡିଯିବାକୁ ଭାବିଲି,
ଯେବେ ମୁଁ ବୁଝିଲି ଏ ସଂସାର ହାଟରେ
ଜୀବନ ବ୍ୟାପାର କ୍ଷଣିକ ବୋଲି ।

ତୁମେ ଯେବେ କୋଇଲି ସାଜି ସୁମଧୁର ସଂଗୀତର
ମଧୁ ମୂର୍ଚ୍ଛନା ମୋ ଅଗଣାରେ ଗାଇ ଉଠିଲ
ଉନ୍ମାଦନା ସଞ୍ଚରିଗଲା ମୋ କଅଁଳ ତନୁରେ
ରୋମାଞ୍ଚିତ ହୋଇ ଉଠିଲା ପ୍ରତି ରୋମ, ଅବୟବ
କିଛି ମୂହୂର୍ତ୍ତରେ ଛେଦି ହୋଇଗଲା
ମେଞ୍ଚାଏ ମନସ୍ତାପ, ବିପୁଳ ବିଷାଦ, ପୁଣି
ଆଉ କେତେ ଯେ ପୁରୁଣା କାଳିଆ ସନ୍ତାପ ।

ତୁମେ ଯେବେ ବିବିଧ ପୁଷ୍ପର ସୁବାସ
ମଳୟପବନ ସହ ମେଣ୍ଟକରି
ଥିରି ଥିରି ବୋହିଆଣି
ମୋ ଶୁଷ୍କ ଦେହରେ ବୋଳିଦେଲ
ହଠାତ୍, ଯେମିତି ଗ୍ରୀଷ୍ମର ଚାଇଁ ଚାଇଁ ଉତ୍ତାପ
ଫିକା ପଡ଼ିଗଲା ତୁମର ଏ ଶକ୍ତ ସ୍ପର୍ଶରେ,
ପ୍ରଫୁଲ୍ଲିତ ହୋଇ ଉଠିଲା ହୃଦୟକନ୍ଦର
ଚେଇଁ ଉଠିଲା ବହୁଦିନର ସୁପ୍ତ ଚିତ୍ତ ।

ହେ ବସନ୍ତ ତୁମେ ଯେବେ ମଧୁମକ୍ଷୀଟିଏ ହୋଇ
ଫୁଲରୁ ଫୁଲ, ଡାଳରୁ ଡାଳ ଉଡି ବୁଲ...
ଆଉ କେତେ ରଙ୍ଗରଙ୍ଗିଆ ଫୁଲକୁ ଚୁମି
ଶୋଷିନିଅ ଅମୃତ ତୁଲ୍ୟ ମଧୁରସ,
ସତରେ ତୁମ ଆଗମନେ ଚତୁର୍ଦ୍ଦିଗ ଚହଟିଯାଏ
ଇଛା ହୁଏ ପ୍ରଜାପତି ଟିଏ ହୋଇ
ତୁମ ସହ ଚିର ସାଥୀ ହେବାକୁ,
କୋଇଲି ଟିଏ ହୋଇ ପଞ୍ଚମ
ରାଗରେ ଗୀତ ଗାଇବାକୁ,
ହଳଦୀବସନ୍ତ ଟିଏ ହୋଇ ନୀଳ
ଆକାଶରେ ଡେଣା ଝାଡିବାକୁ ।

ହେ ଋତୁରାଜ ତୁମେ ନେଇଯାଅ ମୋତେ
ଫୁଲ ଶବାରୀରେ ତୋଳି ତୁମ ସହ,
ମିଶାଇ ଦିଅ ତୁମର ଏ ଚାରୁ ବକ୍ଷରେ,
ଶୁଆଇ ଦିଅ ତୁମ ଆମ୍ବ ବଉଳର
ବହଳ ଶେଜରେ,
ହଜାଇ ଦିଅ ତୁମ ସୁଗନ୍ଧ ରାଇଜରେ,
ଭୁଲିଯିବି ନିଶ୍ଚେ, ମୋହ ମାୟାର ଏ ବନ୍ଧନ
ତୁମ ପ୍ରୀତି ଛୁଆଁ ରେ ।


(ସଂସ୍କୃତ ଶିକ୍ଷକ)
ଗ୍ରାମ/ପୋ- ଅତାସାହି
ଥାନା- ଘଷିପୁରା
ଜିଲ୍ଲା- କେନ୍ଦୁଝର
ମୋ: ୯୭୭୭୫୬୦୯୨୧


## ବସନ୍ତ

### ଅଶୋକ କୁମାର ପ୍ରଧାନ



କିଏ ଭରିଅଛି ଗଛରେ ଏତେ ସାଗୁଆ ରଙ୍ଗ
କାହାର ଇଙ୍ଗିତେ ଲତାଏ ଏଠି ଦେଖାନ୍ତି ଢ଼ଙ୍ଗ

କଅଁଳ ପତର ଗହଳେ ନାଲି ହଳଦୀ ଫୁଲେ
ପେନ୍ଥା ପେନ୍ଥା ହୋଇ ଏସନେ କିଆଁ ଡାଳରେ ଝୁଲେ

ଥିରି ଥିରି ବହେ ମଳୟ ଧରି ଆଣଇ ବାସ
କୋଟି ମନେ ଭରେ ପୁଲକ ପୁଣି କୋଟିଏ ଆସ

ହଳଦୀ ବସନ୍ତ ମଜାରେ ଡିଏ ଡାଳରୁ ଡାଳ
ତା ଡିଆଁ ଦେଖିଲେ ଲାଗୁଛି ସେତ ମାନୁଛି ତାଳ

କୋଇଲି କୁହୁକୁ ଆସୁଛି ତୋଟା ଗହଳୁ ଭାସି
ଆମ୍ବ ବଉଳକୁ ଦେଖିକି ସିଏ ଯାଇଛି ଆସି

ବିରି ମୁଗ ରାଶି କୋଳଥ ସବୁ କ୍ଷେତରେ ଭରି
ପେନ୍ଥା ପେନ୍ଥା ଫଳ ଡାଳରେ ସବୁ ଅଛନ୍ତି ଧରି

ଚାଷୀ ମନ ବଡ ଶରଧା ହସ ମୁଖରେ ଭରି
ସାଇତି ରଖଇ ଫସଲ ଘରେ ଆଦାୟ କରି

ଭଅଁର ବୁଲନ୍ତି ଖୁସିରେ ଦେଖି ଏସନ ଶୋଭା
ଧରଣୀ ଲାଗୁଛି ନୂତନ ସେ ତ କି ମନଲୋଭା

କିଏ କହେ ଏବେ ବସନ୍ତ ଋତୁ ଆସିଛି ପରା
ଋତୁ ମାନଙ୍କର ରଜା ସେ ବେଶ କି ମନୋହରା ।


ଶିକ୍ଷକ
ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦




## ଅନୁତାପ

### ରମାକାନ୍ତ ଦାସ

ଏ ଜୀବନ ପଥ ଅତି କଣ୍ଟକିତ
ଚାଲିବାଟା ବହୁତ କଷ୍ଟ
ଏ ଜୀବନ ପଥେ ଚାଲିବାକୁ ହେଲେ
ଶୁଣିବାକୁ ପଡେ ଅନେକ କଥା ଓ
ସହିବାକୁ ପଡେ
ଅନେକ କଷ୍ଟ ଓ ଯନ୍ତ୍ରଣା ।

ମୋ ହୃଦୟର ସମତଳ ଚଟାଣରେ
ସୃଷ୍ଟି ହୁଏ ଏକ ଅନୁତାପର ଗର୍ତ୍ତ
ଅନୁତାପ କରେ ବୋଲି
ଜଣେଇବାକୁ ଚାହେଁନା କାହାକୁ
କାରଣ ଭୁଲ୍ ତ ମୋର ଥିଲା
ଅନ୍ୟକୁ ଦୋଷ ଦେବି କେମିତି ?
କେବଳ ଅଭିନୟ ସିମେଣ୍ଟରେ
ମୋ ହୃଦୟରେ ଥିବା ଅନୁତାପର
ଗର୍ତ୍ତକୁ ପୂରଣ କରିବାକୁ ଲାଗେ
କିନ୍ତୁ ମୋ ମୁହଁରେ
ପ୍ରୀତିତ ହେଇଥିବା ମିଳନତା
ଅନୁତାପର ପ୍ରମାଣ ଦିଏ ।।


ନନ୍ଦିଗ୍ରାମ, ନାଉଗାଁ
ଜଗତସିଂହପୁର
ମୋ -୯୬୬୮୮୧୫୩୬୯





## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ


ଡ. ସିନ୍ଧୁ ସେନ




**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

### ଭାଗ-୫୨

ପରିଶେଷରେ ମୋତେ ନିରାଶ ହୋଇ ମୋ ଭବନକୁ ଲେଉଟି ଆସିବାକୁ ପଡ଼ିଲା । ମୋ ଶିରା, ପ୍ରଶିରା, ଧମନୀରେ ଉଷ୍ଣରକ୍ତର ପ୍ରବାହକୁ କୌଣସି ପ୍ରକାରେ ଚାପି ରଖିଲି । କାହାକୁ କହିବି କିଏ ଶୁଣିବ ମୋର ଅନ୍ତର୍ବେଦନା । ଜଣେ ବୀର ପାଇଁ ରଣକ୍ଷେତ୍ର ହିଁ ଶ୍ରେଷ୍ଠ କ୍ଷେତ୍ର । ଜୟ ହେଉ କିମ୍ବା ପରାଜୟ ଯୁଦ୍ଧ ହିଁ ତା ଜୀବନର ସର୍ବଶ୍ରେଷ୍ଠ ସାଧନା । ମୋ ହାତରୁ କିନ୍ତୁ ଛଡ଼ାଇ ନିଆଯାଇଛି ଅସ୍ତ୍ର । ମୋ ବୀରତ୍ୱ ପ୍ରତି ଏହାଠାରୁ ବଳି କୁଠାରଘାତ ଆଉ କ'ଣ ଥାଇପାରେ ? ମୋତେ ଯେମିତି ଲାଗୁଥିଲା । ଅଦୃଷ୍ଟ ମୋତେ ଉପହାସ କରୁଛି । କର୍ଣ୍ଣର ଜନ୍ମ କେବଳ ଲାଞ୍ଛିତ କୁଳରେ ନୁହେଁ, ସାରାଜୀବନ ସେ ବଞ୍ଚିରହିବ ମଧ୍ୟ ଲାଞ୍ଛିତ ହୋଇ । ଶେଷ ନିଃଶ୍ୱାସ ମଧ୍ୟ ନିର୍ଗତ ହେବ ଏଇ ଲାଞ୍ଛିତ ଅବସ୍ଥାରେ ।

ହାୟରେ ଦୁର୍ଭାଗ୍ୟ । କର୍ଣ୍ଣର ଜନ୍ମଜାତକର ଇତିହାସ ଲେଖା ହୋଇ ରହିଯିବ ଲାଞ୍ଛିତ ମାନଙ୍କର ଇତିହାସ ହୋଇ । ଆଗାମୀ ପିଢ଼ି ଯଦି କେବେ କର୍ଣ୍ଣର ଆତ୍ମଲିପି ପାଠ କରିବେ, ପର୍ଯ୍ୟାଲୋଚନା କରିବେ କର୍ଣ୍ଣର ଜୀବନ ଚରିତ, ତେବେ ସେମାନେ ମଧ୍ୟ ଏହି ସିଦ୍ଧାନ୍ତରେ ଉପନୀତ ହେବେ ଯେ ସୂର୍ଯ୍ୟସନ୍ତାନ ଉପେକ୍ଷିତ ହୋଇପାରନ୍ତି, ମାତ୍ର ସେ କେବେ ଆବର୍ଜନା ସ୍ତୁପ ମଧ୍ୟରୁ ସୃଷ୍ଟି ହୋଇନି । କବଚ, କୁଣ୍ଡଳ ଯାହାଙ୍କ ଶରୀରର ଏକ ଅବିଚ୍ଛେଦ୍ୟ ଅଂଗ ସେ କେବେ ଭୀରୁ ହୋଇପାରେନା, କାପୁରୁଷ ହୋଇପାରେନା । ସେଇମାନେ ହିଁ ହୃଦୟଙ୍ଗମ କରିବେ, କର୍ଣ୍ଣ କିଏ ? କର୍ଣ୍ଣ କ'ଣ ? ସେମାନଙ୍କ ଆଖିରୁ ଟୋପିଏ ସମବେଦନାର ଅଶ୍ରୁ ଯଦି ଝରିପଡ଼େ, ତାହାହିଁ କ'ଣ କର୍ଣ୍ଣ ଜନ୍ମର ସାର୍ଥକତା ନୁହେଁ ? ପ୍ରତ୍ୟେକଙ୍କ ଜୀବନରେ ତ ସୁଖ ଦୁଃଖ ଲାଗିରହିଛି ତେବେ କର୍ଣ୍ଣ ଜୀବନର ସୁଖ ଦୁଃଖ ଅନ୍ୟମାନଙ୍କ ଠାରୁ ଭିନ୍ନ, ସ୍ୱତନ୍ତ୍ର । କାଳର ବକ୍ଷରେ ସେ ତେଣୁ ଚର୍ଚ୍ଚିତ । ନିଜକୁ ମୁଁ ବାରମ୍ବାର ପ୍ରଶ୍ନ ପଚାରିଛି । ମୋ ଜନ୍ମପାଇଁ ଦାୟୀ କିଏ ? ପିତା ନା ମାତା ନା ଭିନ୍ନ କିଛି ଅଦୃଷ୍ଟ । କିନ୍ତୁ ସେ ପ୍ରଶ୍ନ ରହିଯାଇଛି ଅସମାଧିତ ହୋଇ । ଖୋଜିପାଇନି ତାର ସଠିକ୍ ଉତ୍ତର ।

ଶେଷ ହୋଇଯାଇଛି କୁରୁକ୍ଷେତ୍ର ରଣାଙ୍ଗନର ପ୍ରସ୍ତୁତି । ସମସ୍ତ ମହାବୀର ଯୁଦ୍ଧପାଇଁ ପ୍ରସ୍ତୁତ । ଅଥଚ ମୁଁ ଅସ୍ତ୍ର ଥାଇ ମଧ୍ୟ ଅସ୍ତ୍ରହୀନ, ଶକ୍ତି ଥାଇ ମଧ୍ୟ ଶକ୍ତିହୀନ । ଜଡ଼, ପଙ୍ଗୁ ଭଳି ମୁଁ ମୋ ଶିବିରରେ ନିରବରେ ବସିରହିଛି । କେବଳ ସମ୍ବାଦ ଶୁଣିବାର ଆଶାୟୀ ମନ ନେଇ ଅପେକ୍ଷା କରିଛି । କିନ୍ତୁ, ଯୁଦ୍ଧର ସମ୍ବାଦ କ'ଣ ମୋ ମନର ଅବସୋସ ମେଣ୍ଟାଇ ପାରିବ । ତମାମ୍ ଜୀବନ କୌରବ ପକ୍ଷର ନେତୃତ୍ୱ ନେଇଥିଲି । ଦୁର୍ଯ୍ୟୋଧନଙ୍କ ଦକ୍ଷିଣହସ୍ତସମ ଥିଲି । ଆଜି କିନ୍ତୁ ଦୁର୍ଯ୍ୟୋଧନ ମୋତେ ଛାଡ଼ି ଯୁଦ୍ଧକ୍ଷେତ୍ରକୁ ଯିବେ । ଆଉ ମୁଁ ମୋ ଦୁର୍ଭାଗ୍ୟକୁ ଅପେକ୍ଷା କରି ଏକାକୀ ଶିବିରରେ ରହିଥିବ । ଏସବୁ ଚିନ୍ତାକଲେ ଟକ୍‌ମକ୍ ହୋଇ ଫୁଟୁଥିଲା ମୋ ରକ୍ତ । ମୋତେ ଯେମିତି ଲାଗୁଥିଲା, ମୋ ହାତପାଦ, ମନପ୍ରାଣ ସବୁକିଛି ଯେମିତି କିଏ ଜୋର ଜବରଦସ୍ତ ବାନ୍ଧି ଦେଇଛି । ଯୁଦ୍ଧବାଦ୍ୟର ଧ୍ୱନିରେ ଅସ୍ଥିର ହେଉଛି ମୋ ତନୁମନ । ଇଚ୍ଛା ହେଉଛି ଅସ୍ତ୍ର ହାତରେ ଧରି ଯୁଦ୍ଧଭୂମିକୁ ଲମ୍ଫପ୍ରଦାନ କରନ୍ତି ।

ମୁଁ କର୍ଣ୍ଣ । ମୁଁ କେବଳ ଯୋଦ୍ଧା ନୁହେଁ, ବୀର ନୁହେଁ । ମୋର ନିଜସ୍ୱ ସ୍ୱାଭିମାନ ରହିଛି । ନିଜ ପ୍ରତିଶ୍ରୁତିକୁ ପାଳନ କରିବା ମୋର କର୍ତ୍ତବ୍ୟ ଓ ଧର୍ମ । ଯେଉଁଥିରୁ ମୋତେ କେହି ବିଚ୍ୟୁତ କରିପାରିବେନି । ମୋ ନିଜସ୍ୱ ଇଚ୍ଛା, ଆବେଗକୁ ଜଳାଞ୍ଜଳି ଦେଇ ପିତାମହଙ୍କୁ ପ୍ରତିଶ୍ରୁତି ଦେଇଛି, ସେ ସେନାପତି ଥିବା ପର୍ଯ୍ୟନ୍ତ ଅସ୍ତ୍ରତ୍ୟାଗ କରିବି । ଏହାହିଁ ତ କର୍ଣ୍ଣର ଦୁର୍ଭାଗ୍ୟ । ସବୁ ଥାଇ ବି ନିଃସ୍ୱ । ପ୍ରାଣ ଥାଇ ବି ପ୍ରାଣହୀନ, ନିଃଶ୍ୱାସ ଥାଇ ମଧ୍ୟ ସ୍ପନ୍ଦନହୀନ ।

ନିରସ୍ତ୍ର ହୋଇ ଶିବିରରେ ରହିଥାଏ ସତ, ହେଲେ ପ୍ରତିଦିନ ଯୁଦ୍ଧର ସମ୍ବାଦ ମୋ ନିକଟରେ ପହଞ୍ଚେ । ପରିସ୍ଥିତିରେ ପଡ଼ି ମିତ୍ର ସିନା ମୋ ପାଇଁ କିଛି କରିପାରିଲେ ନାହିଁ । ହେଲେ ଆଜୀବନ ସେ ମୋ ପାଇଁ ଉଦାର । ମୋ ମାନସିକ ସ୍ଥିତିକୁ ଜାଣି ମଝିରେ ମଝିରେ ସେ ମୋ ଶିବିରକୁ ଆସନ୍ତି । ମୋତେ ଯୁଦ୍ଧର ଧାରାବିବରଣୀ ଶୁଣାଇଥାନ୍ତି ।

ପାଣ୍ଡବ ପକ୍ଷର ସେନାପତି ଥାନ୍ତି ଧୃଷ୍ଟଦ୍ୟୁମ୍ନ । ସ୍ୱୟଂ କୃଷ୍ଣ ଅର୍ଜୁନଙ୍କ ରଥରେ ସାରଥୀ । ଯିଏ ନିଜ ସଖାଙ୍କୁ ଗାଣ୍ଡିବଧନୁ ଉଠାଇବାକୁ ଉତ୍ସାହିତ କରୁଥାନ୍ତି । ମୁଁ କିଛି ବୁଝିପାରୁ ନଥାଏ । ଅର୍ଜୁନଙ୍କ ପରି ବୀର, କେବଳ ବୀର ନୁହଁନ୍ତି ମହାବୀର । ତାଙ୍କର ପୁଣି ଯୁଦ୍ଧକୁ ଭୟ । ଯୁଦ୍ଧ ପ୍ରତି ବିତୃଷ୍ଣା । ଯେଉଁଥିପାଇଁ କୃଷ୍ଣ ତାଙ୍କୁ ନାନାଦି ଉପଦେଶ ଓ ଉତ୍ସାହପୂର୍ଣ୍ଣ କଥା ଶୁଣାଇ ଅସ୍ତ୍ର ଉଠାଇବାକୁ ପ୍ରରୋଚିତ କରୁଥାନ୍ତି ।

ମୁଁ ମୋ ଶିବିର ମଧ୍ୟରେ ଥାଇ ଯୁଦ୍ଧର ସମ୍ବାଦ ଶୁଣିବା ଅପେକ୍ଷାରେ ଥାଏ । ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ଚର ଆସି ଯୁଦ୍ଧ ସମ୍ପର୍କିତ ଟିକିନିଖି ଖବର ମୋ ଆଗରେ ପରିବେଷଣ କରୁଥାଏ । କ୍ଷୋଭ ଜାଗେ ମନରେ । କାରଣ ଯୁଦ୍ଧର ପରିଣତି ତ ହତ୍ୟା ଆଉ ରକ୍ତପାତ । କେତେ କେତେ ପିତାମାତାଙ୍କର କୋଳଶୂନ୍ୟ କରିଛି ଏ ଯୁଦ୍ଧ । ପୁଣି କେତେ ସଧବାଙ୍କ ସୀମନ୍ତରୁ ଲିଭାଇ ଦେଇଛି ସିନ୍ଦୂର । ଯେତେ ଯାହାହେଲେ ମଧ୍ୟ, ଯୁଦ୍ଧର ଭୟଙ୍କର ପରିଣତି ପ୍ରତ୍ୟେକଙ୍କୁ ଯେ କବଳିତ କରିଛି, ଏହା ନିଃସନ୍ଦେହ । ତଥାପି ଯୁଦ୍ଧ ବିରତିର ପ୍ରଶ୍ନ ଉଠୁନି । ଉଠିବନି ମଧ୍ୟ । ବରଂ ପ୍ରବଳରୁ ପ୍ରବଳତର ହେଉଛି ଯୁଦ୍ଧର ନିଶା । କିଏ ଗଲା, କିଏ ରହିଲା ସେ ପ୍ରଶ୍ନ ଯେତେ ଗୁରୁତର ନୁହେଁ, କେଉଁ ପକ୍ଷ ବିଜୟର ଧ୍ୱଜା ଉଡ଼ାଇବ, ସେ ନେଇ ପ୍ରତ୍ୟେକେ ଉଦ୍‌ବିଗ୍ନ ।

ସେଦିନ ମୁଁ ଶିବିରରେ ବସିଥାଏ । ଯୁଦ୍ଧର ନଅଦିନ ଅତିକ୍ରାନ୍ତ ହୋଇଗଲାଣି । ଅନେକ ସୈନ୍ୟକ୍ଷୟ ହୋଇଗଲେଣି । ଅନେକ ବୀର ମଧ୍ୟ ବୀରଗତି ପାଇଗଲେଣି । ତଥାପି ଯୁଦ୍ଧର ସମାପ୍ତି ହୋଇନି ।

ଦୂତ ଆସି ଖବର ଦେଲା, ପିତାମହ ଭୀଷ୍ମଙ୍କର ପତନ ହୋଇଛି, ଉତ୍ସୁକତା ଜାଗିଲା ମନରେ । କିଏ ସେହି ବୀର, ଯିଏ ପିତାମହ ଭୀଷ୍ମଙ୍କ ପତନର କାରଣ ହୋଇପାରେ ? ଦୂତ ମୁହଁରୁ ଯାହାଶୁଣିଲି, ସେଥିରେ ମୁଁ ସ୍ତମ୍ଭୀଭୂତ । ଖୁବ୍ ବୀରତ୍ୱର ସହ ଲଢୁଥାନ୍ତି ପିତାମହ । ଠିକ୍ ସେହି ସମୟରେ ତାଙ୍କ ସାମନାକୁ ଆସନ୍ତି ଶିଖଣ୍ଡୀ । ଆହ୍ୱାନ କରନ୍ତି ଯୁଦ୍ଧ କରିବାକୁ । ଶିଖଣ୍ଡୀର ଦର୍ଶନ ମାତ୍ରେ ଶକ୍ତିଶୂନ୍ୟ ହୋଇପଡ଼ନ୍ତି ପିତାମହ । ତାଙ୍କ ହାତରୁ ଖସିପଡ଼େ ଧନୁଶର । ସେଇ ସୁଯୋଗରେ ଅର୍ଜୁନ ଶିଖଣ୍ଡୀଙ୍କ ପଛରେ ରହି ପିତାମହଙ୍କ ଉପରେ ଶରବୃଷ୍ଟି କରିଚାଲିଥାନ୍ତି । ସମଗ୍ର ଶରୀର ତାଙ୍କର ଶରାବୃତ୍ତ ହୋଇଯାଏ । ଶେଷରେ ରଥରୁ ତଳକୁ ଗଡ଼ି ପଡ଼ନ୍ତି । କ୍ଷତବିକ୍ଷତ ଶରୀର ତାଙ୍କର ଯୁଦ୍ଧଭୂମିରେ ଲୋଟିପଡ଼େ । ଇଚ୍ଛାମୃତ୍ୟୁ ବଳରେ ବଳୀୟାନ୍ ପିତାମହଙ୍କୁ ମୃତ୍ୟୁ କିନ୍ତୁ ସ୍ପର୍ଶ କରିପାରେନା । ଜୀବିତ ଥାଇ ଶରଶଯ୍ୟାରେ ଶାୟିତ ରହିଥାନ୍ତି ପିତାମହ । ବୀର ସେ । କେବଳ ବୀର ନୁହଁନ୍ତି ମହାବୀର । ଶରଶଯ୍ୟା ହିଁ ତାଙ୍କ ପାଇଁ ପ୍ରକୃତ ବୀରତ୍ୱର ଶଯ୍ୟା । ଶତାଧିକ ଶରବିଦ୍ଧ ଶରୀର ତାଙ୍କର ଯନ୍ତ୍ରଣା ଜର୍ଜରିତ, ତୃଷ୍ଣାରେ ଅଧୀର । ଶେଷରେ ଅର୍ଜୁନ ହିଁ ଶରମାରି ଭୂତଳରୁ ଉଠାଇ ଆଣନ୍ତି ଜଳ । ଯେଉଁଥିରେ ସେ ତୃଷ୍ଣା ମେଣ୍ଟାନ୍ତି । ଝୁଲି ପଡ଼ିଥିବା ଶିରଟିକୁ ମଧ୍ୟ ଶର ପ୍ରୟୋଗ କରି ପ୍ରସ୍ତୁତ କରିଦିଅନ୍ତି ଉପାଧାନ । ଅର୍ଜୁନ ହିଁ ତାଙ୍କର ଥିଲେ ପ୍ରିୟ ପୌତ୍ର । ତାଙ୍କରି ହାତତିଆରି ଶଯ୍ୟା ହିଁ ପିତାମହଙ୍କ ପାଇଁ ଶ୍ରେୟ ଥିଲା । ସେ ତୁଳିତଳ୍ପ ଶଯ୍ୟା ହେଉ ଅବା ଶରଶଯ୍ୟା ହେଉ, ବୀର ପୌତ୍ରର ହାତ ସ୍ପର୍ଶରେ ବୀର ପିତାମହ ଭୁଲିଯାଇ ପାରନ୍ତି ସମସ୍ତ ଯନ୍ତ୍ରଣା । ନହେଲେ ଶରବିଦ୍ଧ ହାତଉଠାଇ ସେ ପ୍ରିୟ ପୌତ୍ରଙ୍କୁ ବିଜୟର ଆଶୀର୍ବାଦ ଦେଉଥାନ୍ତେ କାହିଁକି ?

ସବୁକିଛି ଘଟଣା ରହସ୍ୟମୟ ମନେ ହେଉଥିଲା । ପିତାମହ ଭୀଷ୍ମ । ଯାହାଙ୍କ ବୀରତ୍ୱର ବିକଳ୍ପ ନାହିଁ । ଯାହାଙ୍କ ବୀରତ୍ୱକୁ ପରଶୁରାମ ଭଳି ମହାବୀର ମଧ୍ୟ ସ୍ୱୀକୃତି ଦେଇଥିଲେ, ସେ ପୁଣି ଅର୍ଜୁନଙ୍କ ହାତରେ । ନା ନା ଏହା ମଧ୍ୟରେ ଭିନ୍ନ କିଛି ସତ୍ୟ ଲୁକ୍କାୟିତ ହୋଇରହିଛି । ଦୁର୍ଯ୍ୟୋଧନ କହୁଥିଲେ, ଯୁଦ୍ଧ ପୂର୍ବଦିନ ଯୁଧିଷ୍ଠିର ପିତାମହଙ୍କ ଶିବିରକୁ ଯାଇଥିଲେ । ପିତାମହଙ୍କ ସହ ତାଙ୍କର କିଛି ବ୍ୟକ୍ତିଗତ ଆଲୋଚନା ମଧ୍ୟ ହୋଇଥିଲା । ତେବେ, ପିତାମହ ନିଜେ ନିଜର ମୃତ୍ୟୁରହସ୍ୟ ଯୁଧିଷ୍ଠିରଙ୍କ ପାଖରେ ଖୋଲିଦେଇ ସ୍ୱଇଚ୍ଛାରେ ଶରଶଯ୍ୟାକୁ ଆଦରି ନେଇଛନ୍ତି । ତାଛଡ଼ା ଚିରକାଳ ସେ ପାଣ୍ଡବମାନଙ୍କ ପ୍ରତି ଦୁର୍ବଳ । ସେଥିପାଇଁ ଯୁଦ୍ଧ ଆରମ୍ଭରୁ ପାଣ୍ଡବ ବଧ କରିବେ ନାହିଁ ବୋଲି ସର୍ତ୍ତ ରଖିଥିଲେ । ସବୁ ଜାଣିଶୁଣି ମଧ୍ୟ କୁରୁଶ୍ରେଷ୍ଠର ମାନ୍ୟତା ନ୍ୟାୟରେ ଦୁର୍ଯ୍ୟୋଧନ ତାଙ୍କୁ ସେନାପତି କରିଥିଲେ । ଦେଖାଯାଉ, ଆଗକୁ ପୁଣି କ'ଣ ହେଉଛି ।

ତେବେ, ଅନ୍ୟ ଏକ କଥାଭାବି ମୁଁ ମନେମନେ ଆନନ୍ଦିତ ହେଉଥିଲି । ପିତାମହଙ୍କ ସର୍ତ୍ତ ଅନୁଯାୟୀ ଏବେ ମୋର ଯୁଦ୍ଧକ୍ଷେତ୍ରକୁ ଯିବାରେ ବାଧା ନାହିଁ । ତେଣୁ ଅର୍ଜୁନଙ୍କ ସହ ଯୁଦ୍ଧ କରିବାର ରାସ୍ତା ଏବେ ମୋ ପାଇଁ ଫିଟିଗଲା ।

ଭୀଷ୍ମଦେବ । ମହାରାଜ ଶାନ୍ତନୁପୁତ୍ର । କୁରୁଶ୍ରେଷ୍ଠ ବୋଲି ଅନ୍ୟମାନଙ୍କ ଭଳି ମୁଁ ମଧ୍ୟ ତାଙ୍କୁ ଯଥେଷ୍ଟ ସମ୍ମାନ ଦେଉଥିଲି । କିନ୍ତୁ, କାହିଁକି କେଜାଣି ମୋତେ ସେ ଜୀବନସାରା କେବଳ ଘୃଣା କରି ଆସିଛନ୍ତି । ତାଙ୍କ ମୁହଁରେ ସୂତପୁତ୍ରର ସମ୍ବୋଧନ ମୋ ମନରେ ଗଭୀର ଆଘାତ ଦେଇଛି । ମୋ ବୀରତ୍ୱ ପ୍ରତି ତାଙ୍କ ମନରେ ଧିକ୍କାର ଥିଲା । ପରିସ୍ଥିତିରେ ପଡ଼ି ମୁଁ ସବୁକିଛି ସହିଯାଇଛି । ସମସ୍ତ ଦୁଃଖ ଗ୍ଳାନିକୁ ହୃଦୟରେ ଚାପି ରଖିଛି କେବଳ । ପ୍ରତିବାଦ କରିବାକୁ ସାହସ ପାଇନି । ଆଜି କିନ୍ତୁ ତାଙ୍କ ପତନରେ ତାଙ୍କୁ ଦର୍ଶନ କରିବାର ପ୍ରବଳ ଆକାଂକ୍ଷା ଜାଗୁଛି ମନରେ ।

ଅତିକ୍ରାନ୍ତ ହୋଇଯାଇଛି ଯୁଦ୍ଧର ଦଶମ ଦିନ । ଯୁଦ୍ଧଭୂମିର ଏକପାର୍ଶ୍ୱରେ ଶରଶଯ୍ୟାରେ ଶାୟିତ ଭୀଷ୍ମଦେବ, ଯୁଦ୍ଧର ଅନ୍ତିମ ଦୃଶ୍ୟ ଦେଖିବାର ପ୍ରତୀକ୍ଷାରେ ରହିଛନ୍ତି । ମୃତ୍ୟୁ ତାଙ୍କର ଇଚ୍ଛାଧୀନ,



ତେଣୁ ଏମିତି ସେ ଅପେକ୍ଷା କରି ରହିଥିବେ ଯୁଦ୍ଧର ଶେଷପର୍ଯ୍ୟନ୍ତ ।

ଶରଶଯ୍ୟାର ଚାରିପଟେ ସଶସ୍ତ୍ର ପ୍ରହରୀ ତାଙ୍କୁ ଜଗି ରହିଛନ୍ତି । ଦର୍ଶନ ପାଇଁ ସେଠି ବେଶ୍ ଗହଳି ମଧ୍ୟ ହେଉଛି । ମୁଁ ମଧ୍ୟ ସେଦିନ ରାତ୍ରିର ନିଶାର୍ଦ୍ଧରେ ଏକାକୀ ତାଙ୍କ ଦର୍ଶନ ପାଇଁ ଯାଇଥିଲି । ଦେଖିଲି ସବୁକିଛି ଓଲଟ ପାଲଟ ହୋଇଯାଇଛି । ତାଙ୍କ ଶରବିଦ୍ଧ ଦୁଇପାଦ ସ୍ପର୍ଶକରି ମୁଁ ଯେବେ ତାଙ୍କୁ ପ୍ରଣାମ କଲି, ସେ ଆଶୀର୍ବାଦ ମୁଦ୍ରା ଟେକି ମୋତେ ଯଶସ୍ୱୀ ହୁଅ ବୋଲି କହିଥିଲେ । ଖାଲି ସେତିକି ନୁହେଁ, ତାଙ୍କ ମୁହଁରେ ପ୍ରଥମକରି କର୍ଣ୍ଣ ସମ୍ବୋଧନ ଶୁଣି ମୁଁ ଚମକି ପଡ଼ିଲି । ଅତିଶୟ ଭାବାବେଗରେ ସେ ମୋତେ କହୁଥିଲେ, ମୋତେ ଭୁଲ୍ ବୁଝିବନି କର୍ଣ୍ଣ, ତୁମେ ଯେ ରାଧେୟ ନୁହେଁ, କୌନ୍ତେୟ, ଏହା ମୁଁ ଜାଣେ । ଅର୍ଜୁନ ସହ ତୁମର ଯୁଦ୍ଧ ହେଉ, ଏହା ମୋର ଇଚ୍ଛା ନଥିଲା । ତେଣୁ ଜାଣିଶୁଣି ତୁମ ଦୁହିଁଙ୍କୁ ଦୂରେଇ ରଖିଥିଲି । ଯେବେବି ତୁମେ ଦୁହେଁ ସମ୍ମୁଖ ସମରକୁ ଓହ୍ଲାଇବ, ସେଦିନ ତୁମ ଦୁହିଁଙ୍କ ମଧ୍ୟରୁ ଜଣେ ନିଶ୍ଚୟ ବୀରଗତି ପାଇବ । ମୁଁ କିନ୍ତୁ ଏଇଆ ଚାହୁଁ ନଥିଲି । ଏଥିରେ ମୋର ବ୍ୟକ୍ତିଗତ ସ୍ୱାର୍ଥ କେବଳ ନ ଥିଲା, ଥିଲା ସମଗ୍ର ଜଗତର ସ୍ୱାର୍ଥ । ଏତିକି ବି ଜାଣେ, ତୁମ ଦୁହିଁଙ୍କ ଅମୂଲ୍ୟ ଜୀବନ ସମଗ୍ର ଜଗତ ପାଇଁ ଶୁଭଙ୍କର । ବିଶ୍ୱାସ କର କର୍ଣ୍ଣ ମୁଁ ଏ ଯୁଦ୍ଧର ପକ୍ଷପାତୀ ନଥିଲି କାରଣ ମୋର ସ୍ୱର୍ଗତଃ ପିତାଙ୍କୁ କଥା ଦେଇଥିଲି, ଏ ଶରୀରରେ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ କୁରୁ ସିଂହାସନକୁ ସୁରକ୍ଷିତ କରି ରଖିବି । ମାତ୍ର ପାରିଲି କେଉଁଠି ? ଗୋଟିଏପଟେ ଧୃତରାଷ୍ଟ୍ରଙ୍କ ଚକ୍ଷୁରେ ଅନ୍ଧପଟି, ଅନ୍ୟପଟେ ଦୁର୍ଯ୍ୟୋଧନଙ୍କ ଚକ୍ଷୁରେ ଅହଂକାର, ଈର୍ଷା, ଅସୂୟା ପଟି ମୋର ସମସ୍ତ ସମ୍ଭାବନାର ଅସ୍ତିତ୍ୱକୁ ଧୂଳିସାତ୍ କରିଦେଇଛି । ମୁଁ କାହାକୁ ରୋକିପାରିଲି ନାହିଁ । ଅନିଚ୍ଛା ସତ୍ତ୍ୱେ ମଧ୍ୟ ମୋତେ ଅନ୍ୟାୟ ପକ୍ଷକୁ ସମର୍ଥନ କରିବାକୁ ପଡ଼ିଲା । କୁରୁ ସିଂହାସନର ସୁରକ୍ଷା ପାଇଁ ଅସ୍ତ୍ର ଧରିବାକୁ ପଡ଼ିଲା ।

ଦେଖିଲି ପିତାମହଙ୍କ ଚକ୍ଷୁଯୁଗଳ ଆର୍ଦ୍ର । ସେ ଆଉ କିଛି କହିବାକୁ ଚାହୁଁଥିଲେ, କିନ୍ତୁ ପାରିଲେନି କୋହରେ ଭାଂଗି ପଡ଼ିଲେ । ତାଙ୍କୁ ସାନ୍ତ୍ୱନା ଦେବାକୁ ଯାଇ କହିଲି, ମୋତେ କ୍ଷମା କରନ୍ତୁ ପିତାମହ । ମାତା କୁନ୍ତୀ ମଧ୍ୟ ସେଦିନ ସେଇ ଗୋଟିଏ କଥା ପାଇଁ ଅନୁରୋଧ କରିଥିଲେ । ବାସୁଦେବ କୃଷ୍ଣ ସେଇ ଏକଇ କଥା କହିଥିଲେ । ମୁଁ କିନ୍ତୁ କାହାରି କଥା ରଖିପାରିନି । ଦୁର୍ଯ୍ୟୋଧନଙ୍କ ପ୍ରାଣସହ ବନ୍ଧା ପଡ଼ିଛି ମୋ ପ୍ରାଣ । ତାଙ୍କର ନିଶ୍ୱାସର ସ୍ପନ୍ଦନର ତୀବ୍ରତାକୁ ମୁଁ ମର୍ମେମର୍ମେ ଅନୁଭବ କରିଛି । ଏ ଜୀବନ ପଛେ ଚାଲିଯାଉ ହେଲେ, ମୁଁ କେବେବି ମିତ୍ରଦ୍ରୋହୀ ହୋଇ ପାରିବିନି । କେବବି ନୁହେଁ । କାଲିଠାରୁ ଯୁଦ୍ଧକୁ ଯିବାକୁ ମୋତେ ଅନୁମତି ଦିଅନ୍ତୁ ।

ପିତାମହଙ୍କ ଆଖିରେ ଲୁହମିଶା ସ୍ନେହ ଓ କାରୁଣିମାର ପ୍ରବାହକୁ ମୁଁ ବେଶ୍ ଅନୁଭବ କରି ପାରୁଥିଲି । ତାଙ୍କ ପାଦଧୂଳିକୁ ମୁଣ୍ଡରେ ମାରି ତାଙ୍କ ଠାରୁ ବିଦାୟ ନେଲି । ସେଇ ଥିଲା ମୋର ତାଙ୍କ ସହ ଶେଷଦେଖା ।

- ଛୟାଳିଶ -

ଯୁଦ୍ଧ ଚାଲିଛି, କୁରୁକ୍ଷେତ୍ର ରଣାଙ୍ଗନରେ ମହାଭାରତ ଯୁଦ୍ଧର ବିଭୀଷିକା । ଦଶଦିନ ପରେ ମଧ୍ୟ ଯୁଦ୍ଧର ପରିସମାପ୍ତି କେବେ ଘଟିବ ତାର ଠିକଣା ନାହିଁ । ଜୟ, ପରାଜୟ ଯାହା ସପକ୍ଷରେ ଯାଉନା କାହିଁକି, ଯୁଦ୍ଧ ତ ଚାଲିଛି । ଆଗକୁ ଏମିତି ଚାଲୁଥିବ ମଧ୍ୟ । କେଉଁ ପକ୍ଷ କ'ଣ ପାଇଛି ବା ନ ପାଇଛି, ଏ ଯୁଦ୍ଧ କାହା ମନରେ କିଭଳି ପ୍ରତିକ୍ରିୟା କରୁଛି ତା କିଏ ଜାଣେ । ତେବେ, ସମସ୍ତେ ଏଠି ଯୁଦ୍ଧ ନିଶାରେ ମତ୍ତ । ଯୁଦ୍ଧର ଲକ୍ଷ୍ୟ କେବଳ ଧ୍ୱଂସ ।

ଧ୍ୱଂସ ଧ୍ୱଂସ ଧ୍ୱଂସ କେବଳ ଧ୍ୱଂସ ।
ମୋ ମନରେ ମଧ୍ୟ ଯୁଦ୍ଧପାଇଁ
ପ୍ରବଳ ପ୍ରତିକ୍ରିୟା ।
ଯୁଦ୍ଧ କ'ଣ କେବେ ଅନ୍ତିମ ସତ୍ୟ ?
ଯୁଦ୍ଧର ଫଳ କ'ଣ ତେବେ ଧ୍ୱଂସର ସ୍ତୁପ ?
ଯୁଦ୍ଧର ଲକ୍ଷ୍ୟ କ'ଣ କେବଳ
ହତ୍ୟା ଓ ରକ୍ତପାତ ?

ଯୁଦ୍ଧ କ'ଣ କେବେ କରିପାରିବ ସମସ୍ୟାର ସମାଧାନ ? ଯଦି ଏହା ଠିକ୍ ନୁହେଁ, ତେବେ ମଣିଷ କ'ଣ ପାଇଁ ବାଛି ନେଇଛି ଯୁଦ୍ଧକୁ । ମଣିଷ ଏଠି ବଞ୍ଚିବାପାଇଁ ଲଢୁନି । ବରଂ ମରିବାପାଇଁ ସଂଗ୍ରାମ କରୁଛି । ଯୁଦ୍ଧର ଲକ୍ଷ୍ୟ ଧ୍ୱଂସ ସାଧନ ଜାଣି ବି ମୃତ୍ୟୁ ଆବାହନ କରୁଛି ।

ଦିନକୁ ଦିନ ଭୟଙ୍କର ହେଉଛି ଯୁଦ୍ଧର ରୂପ । ଆଗକୁ ଯେ ଆହୁରି ଭୟଙ୍କର ନହେବ ତାହା କିଏ କହିବ ? ତଥାପି କୌଣସି ପକ୍ଷ ଯୁଦ୍ଧବିରତି ଘୋଷଣା କରିବା ପାଇଁ ପ୍ରସ୍ତୁତ ନୁହଁନ୍ତି । ଜିଦାଜିଦ୍ ଆଗରେ କେହି କାହାକୁ ଛାଡ଼ିବାକୁ ପ୍ରସ୍ତୁତ ନୁହଁନ୍ତି । ମୁଁ ନିଜେ ମଧ୍ୟ ମୋ ଜିଦ୍‌ରେ ଅଟଳ । ମୋର ଏକମାତ୍ର ଲକ୍ଷ୍ୟ ଅର୍ଜୁନ ।

ଯୁଦ୍ଧର ଦଶମ ଦିନ ଅତିକ୍ରାନ୍ତ ପରେପରେ ପିତାମହ ଭୀଷ୍ମଙ୍କର ପତନ ମୋତେ ଯୁଦ୍ଧଯାତ୍ରା କରିବାପାଇଁ ସୁଯୋଗ ଦେଇଛି । ମୁଁ ତେଣୁ, ସେ ସୁଯୋଗ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ । ଯୁଦ୍ଧର ଏକାଦଶ ଦିନରେ ଦୁର୍ଯ୍ୟୋଧନ ତାଙ୍କ ଅସ୍ତ୍ରଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ମସ୍ତକରେ ସେନାପତିର ମୁକୁଟ ପିନ୍ଧାଇ ଦେଇଛନ୍ତି ।

ମୁଁ ଆଜି ପ୍ରଥମକରି ଯୁଦ୍ଧକୁ ଯିବି । ଏତେଦିନ ଧରି ନିଜ ଶିବିରରେ ରହି ନିରବରେ ଯୁଦ୍ଧର ସମ୍ବାଦ କେବଳ ଶୁଣୁଥିଲି । ଏବେ କିନ୍ତୁ ନିଜ ହାତରେ ଅସ୍ତ୍ର ଉଠାଇବି । ମିତ୍ର ଦୁର୍ଯ୍ୟୋଧନଙ୍କ ମୋ ଉପରେ ବହୁତ ବିଶ୍ୱାସ । ମୁଁ ଯେ ଯୁଦ୍ଧକ୍ଷେତ୍ରକୁ ବାହାରିଛି ସେଥିପାଇଁ ମୋ ଠାରୁ ମିତ୍ର ବେଶି ମାତ୍ରାରେ ଆନନ୍ଦିତ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨






## ଆସିଛି ଫଗୁଣ ଫଗୁକୁ ଆଣ


ପୁଷ୍ପାଞ୍ଜଳି ମିଶ୍ର


ଫଗୁଣ ଆସିଛି ମହକ ଫୁଟିଛି
ବିଭୋରିତ ତନୁ ମନ
କୃଷ୍ଣ ଚୂଡ଼ା ଆଜି ହସି କହୁଛି
ଚୁପି ଚୁପି ଆସି କାନେ
ପ୍ରୀତିର ସ୍ପନ୍ଦନେ ବାଜେ ରାଗିଣୀ
ପ୍ରେମ ଫୁଲ ଶର
ହାତେ ଧରି ଆଜି
କରଇ ଆଲିଙ୍ଗନ
ରଙ୍ଗ ଅବିର ଝଡ଼ି ପଡ଼ୁଛି
କୃଷ୍ଣଚୂଡ଼ା ତୋଟା ମାଳେ
ଆମ୍ବ ପେନ୍ଥା ଫୁଲ ଡାଳରେ
ସଜ୍ଜା ସବୁ ଦୋଳ ବିମାନ
ରାଧାକୃଷ୍ଣଙ୍କର ଅପୂର୍ବ ମୂରତୀ
ଆଖି ଯାଉ ଅଛି ଲାଖି
ରଙ୍ଗ ବେରଙ୍ଗର ଅବିର ଖେଳ
ଦାଣ୍ଡ ପଡ଼ୁଅଛି କମ୍ପି
ଜହ୍ନ ଆଲୁଅରେ ଯଉବନ ଭିଜେ
କାହାକୁ କହିବ ଆଉ
ଚନ୍ଦ୍ରମଲ୍ଲୀ ଯେ ଚାହିଁ ରହିଅଛି
ପ୍ରେମିକା ସାଜିବା ପାଇଁ
କି ଯାଦୁ କରିଛି ପ୍ରୀତିର ଫଗୁଣ
ଲୁହରେ ଭିଜୁଛି ଆଖି
ମନ ମାନୁନାହିଁ
ଯେତେ ବୁଝାଇଲେ
କୋଇଲି ଗାଉଛି ଗୀତି
ଗୋଧୂଳି ଲଗନେ ପ୍ରୀତିର ପାଖୁଡା
ଚାହିଁ ରହି ଅଛି ଆଜି
ଫଗୁଣ ଆସିଛି ଶଙ୍ଖ ବଜାଇ
ଆଖି ରହିଅଛି ସାକ୍ଷୀ
ଫଗୁ ଖେଳରେ ବିଭୋର ସବୁ
ଗାଁ ଦାଣ୍ଡ ଚମକୁଛି
ଭଳି ଭଳି ରଙ୍ଗ ବୋଳାରେ
ସମସ୍ତେ ହୁଅନ୍ତି ଖୁସି
ବରଷକେ ଥରେ ଆସିଛି ଫଗୁଣ
ଫଗୁକୁ ସାଙ୍ଗରେ ନେଇ ।


+ସୁକିନ୍ଦା କ୍ରୋମାଇଟ୍ ମାଇନ, ଯାଜପୁର
ମୋ: ୯୫୫୬୬୪୩୯୨୧


## ଆତ୍ମହତ୍ୟା ଏକ ରୋଗ

## ସମ୍ପର୍କର ରଙ୍ଗ


ଶ୍ୱେତା ରାଉତ୍




ଯେତେବେଳେ ଜୀବନରେ ଅନେକ ଦୁଃଖ, ସମସ୍ୟା ଆସିଥାଏ ଆମେ ଭୟଭୀତ ହୋଇଯାନ୍ତି, ଜୀବନ ଅନ୍ଧାରମୟ ଦେଖାଯାଏ । କ୍ଷଣିକ ପାଇଁ ମନ ଭିତରେ ଜୀବନକୁ ନେଇ ଏତେ ଘୃଣା ଥାଏ ଯେ ଆତ୍ମହତ୍ୟାର ବିଚାର ମଧ୍ୟ ଆସେ । କେହି କେହି ଦୁନିଆର ବୋଝ ବୋହି ନ ପାରି ଆତ୍ମହତ୍ୟା କରିଦିଅନ୍ତି । କିନ୍ତୁ ଆମେ ଏହା ଭୁଲିବା ଉଚିତ୍ ନୁହେଁ ଯେ ଆମେ ଜଣେ ଜଣେ ଇଶ୍ୱରଙ୍କ ପ୍ରତିନିଧି । କୌଣସି ନା କୌଣସି ଉଦ୍ଦେଶ୍ୟ ସାଧନ ପାଇଁ ଇଶ୍ୱର ଆମକୁ ମର୍ତ୍ତ୍ୟରେ ଅବତରଣ କରାଇଛନ୍ତି । ଇଶ୍ୱର ନିଜେ ମର୍ତ୍ତ୍ୟ ମଣ୍ଡଳରେ ଜନ୍ମ ନେଇ କମ୍ ଦୁଃଖ କଷ୍ଟ ସହିନାହାନ୍ତି । ଭୟର କାମ ହେଲା ଆମକୁ ଭୟଭୀତ କରାଇବା । ଭୟକୁ ଭୟ ନକରି ବରଂ ସାମନା କରି ତାକୁ ପରାଜୟ କରନ୍ତୁ । ଭୟକୁ ପରାସ୍ତ କରି ଜୀବନ ସଂଗ୍ରାମର ଜଣେ ଯୋଦ୍ଧା ହୁଅନ୍ତୁ । ଆତ୍ମହତ୍ୟା ବିଚାର କରି କାପୁରୁଷପଣ ଦେଖାଇବା ଆଦୌ ଶୋଭନୀୟ ନୁହେଁ । ଇଶ୍ୱର ମଧ୍ୟ କୌଣସି ଜନ୍ମରେ ଏଭଳି କାପୁରୁଷତାକୁ ଗ୍ରହଣ କରନ୍ତି ନାହିଁ । ମୃତ୍ୟୁ ତ ଚିରନ୍ତନ ସତ୍ୟ । ସମୟ ସରିଲେ ଆପେ ଆପେ ସମସ୍ତଙ୍କୁ ଯିବାକୁ ହେବ । କୌଣସି ଧନ, ପୂଣ୍ୟ, ଜ୍ଞାନ, ମାନ ମୃତ୍ୟୁକୁ ରୋକି ପାରିବ ନାହିଁ । ତେଣୁ ଯେତେଦିନ ଏ ଜୀବନ ଅଛି, ଅନ୍ତତଃ ସଂଘର୍ଷ ହେଉ ପଛେ ସଂସାରର ମଙ୍ଗଳ କାମନାରେ ଲିପ୍ତ ରହି ଜଣେ ଯୋଦ୍ଧା ଭାବେ ମରିବା ଉଚିତ୍ । ଦୁଃଖର କାମ ହେଲା ସେ ଦୁଃଖ ଦେବ, ଭୟର କାମ ହେଲା ଭୟ ଦେଖାଇବ । ଦୁଃଖ ଆଉ ଭୟ ସେମାନଙ୍କ ଧର୍ମ ପାଳନ କରୁଛନ୍ତି ଆମେ ସେମାନଙ୍କ ସହିତ ସଂଘର୍ଷ କରି ତାଙ୍କୁ ପରାସ୍ତ କରିବାକୁ ହେବ । ଆମ ଭିତରର ଆତ୍ମା କମ୍ ଶକ୍ତିଶାଳୀ ନୁହେଁ, ଆମର ଧର୍ଯ୍ୟ କମଯୋର ନୁହେଁ, ଆମର ସାମର୍ଥ୍ୟ କମ୍ ବଳିଷ୍ଠ ନୁହେଁ! ଦୁଃଖ ଓ ଭୟକୁ ମାରିବାକୁ ଆମ ଭିତରେ ପ୍ରଚଣ୍ଡ ଶକ୍ତି ଅଛି । ଆମକୁ କେବଳ ସେ ଶକ୍ତିକୁ, ସେ ଉର୍ଜାକୁ ଉଜ୍ଜୀବିତ କରିବାର ଅଛି ।

ଆପଣ ସବୁଆଡୁ ଠକିଛନ୍ତି, ନିଜ ଲୋକମାନେ ଆପଣଙ୍କୁ ଧୋକା ଦେଇଛନ୍ତି, ଆପଣ ଅନେକଙ୍କ ଛଳନାରେ ବଳି ପଡି ନିଜକୁ ସର୍ବହରା ଭାବୁଛନ୍ତି, ଏ ବିଚିତ୍ର ଦୁନିଆ ଆପଣଙ୍କୁ ଭଲ ଲାଗୁନାହିଁ ତ କଣ ହେଲା ଆପଣ ଏକା ଚାଲନ୍ତୁ,ଏକା ବଞ୍ଚିବା ଶିଖନ୍ତୁ, ଏକା ନିଜକୁ ଭଲପାଆନ୍ତୁ । ଦୁନିଆରେ ସମସ୍ତେ ଯେତେବେଳେ ହାତଛାଡି ଦିଅନ୍ତି,ଭାଗ୍ୟ ବି ହାତଛାଡିଦିଏ, ସେତେବେଳେ ଇଶ୍ୱର ହିଁ ହାତ ଧରିଥାନ୍ତି । ଆପଣ ଇଶ୍ୱରଙ୍କ ସନ୍ତାନ । ଯିଏ ଆପଣଙ୍କୁ ସଂସାରକୁ ପଠେଇଛି, ନିଜ ଦାୟିତ୍ୱ ତା ଉପରେ ଛାଡି କେବଳ ତାଙ୍କର ଦିଗ୍ଦର୍ଶନରେ କର୍ମ କରି ଚାଲନ୍ତୁ । ସୁଖ ହେଉ କି ଦୁଃଖ କେହି ଚିରସ୍ଥାୟୀ ନୁହେଁ । ସୁଖରେ ବିଭୋର ହେବାର ନାହିଁ କି ଦୁଃଖରେ ମ୍ରିୟମାଣ ହେବାର ନାହିଁ । କେବଳ ଇଶ୍ୱରଙ୍କ ଦାୟିତ୍ୱ ଜଣେ ପ୍ରତିନିଧି ଭାବରେ ତୁଲାଇବାର ଅଛି । ଅଧିକ ସୁଖରେ ଯଦି କେହି ଆତ୍ମହତ୍ୟା କରେନାହିଁ, ଅଧିକ ଦୁଃଖରେ କାହିଁକି ଆତ୍ମହତ୍ୟା କରିବାକୁ ଇଚ୍ଛା କରିବ ! ଆତ୍ମହତ୍ୟା ଏକ ରୋଗ ଯାହାର ପ୍ରତିଶବ୍ଦ ହେଉଛି ଅତ୍ୟଧିକ ଆକାଂକ୍ଷା, ଅଭିଳାଷ ପ୍ରାପ୍ତ ନହେବାର ପରିଣାମ ।

ଯେତେବେଳେ କିଛି ପ୍ରାପ୍ତ କରିବାର ଇଚ୍ଛା ବଢିଚାଲେ, ତା ପ୍ରତି ମୋହ ବି ବଢିଚାଲେ ଏବଂ ମୋହ ସବୁବେଳେ ବିନାଶର କାରଣ ହୁଏ । ଅତ୍ୟଧିକ ମୋହ, ସେ ସମ୍ପତ୍ତିର ମୋହ ହେଉ କି ସମ୍ମାନର ମୋହ, ପ୍ରେମର ମୋହ ହେଉ କି ନିଶାର ମୋହ ବା ଅଭିଳାଷର ମୋହ ହେଉ ଏସବୁ ମୋହ ଭୂତାଣୁ ଭଳି ସଂକ୍ରମିତ ହୋଇ ସମଗ୍ର ମନସ୍ଥିତିକୁ କବଳିତ କରେ । ଧିରେ ଧିରେ ମଣିଷର ଆତ୍ମଶକ୍ତି ହ୍ରାସ ପାଇବାକୁ ଲାଗେ । ଜୀବନର ଅନେକ ଆନନ୍ଦକୁ ମାରି ମଣିଷ ଗୋଟାଏ ଆନନ୍ଦର ମରିଚିକା ପଛରେ ଧାଏଁ, ପାଗଳ ହୁଏ ଏବଂ ପ୍ରାପ୍ତ ନହେଲେ ଆତ୍ମହତ୍ୟା କରେ । ଜୀବନ କେବଳ ଗୋଟିଏ ସ୍ୱାଦରେ ନିହିତ ନଥାଏ । ଏ ସୃଷ୍ଟିରେ ଅନେକ ସ୍ୱାଦ ଅଛି, ଅନେକ ଶାନ୍ତି ଅଛି, ଅନେକ ଆନନ୍ଦ ଅଛି, କେବଳ ଆମର ଅନ୍ତଦୃଷ୍ଟିକୁ ନିକ୍ଷେପ କରି ତାକୁ ଖୋଜିବା ପାଇବାରେ ବ୍ୟକ୍ତ କରିପାରିଲେ ଜୀବନ ଆନନ୍ଦମୟ ହୋଇପାରିବ । ଆମକୁ ଏ ପୃଥିବୀରେ ହଜାର ବର୍ଷ ବଞ୍ଚିବାର ନାହିଁ, ତେଣୁ ସ୍ୱଳ୍ପ ଆୟୁଷ, ସ୍ୱଳ୍ପ ସମୟକୁ ଆନନ୍ଦର ନୂଆ ମାର୍ଗ ଦେଖାନ୍ତୁ, ଜୀବନର ପରମାନନ୍ଦକୁ ପ୍ରାପ୍ତ କରନ୍ତୁ ।


+ ରାଉତ୍ କମ୍ପ୍ଲେକ୍ସ,କଟକ ରୋଡ୍,ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ

ଭୁବନେଶ୍ୱର,୧୬/୦୩ (ନି.ପ୍ର): ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର ରାଜ୍ୟସ୍ତରୀୟ ସମ୍ମିଳନୀ ଭୁବନେଶ୍ୱରର ଉତ୍କଳ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସମାଜରେ ଦିନକୁ ଦିନ ଦୁର୍ନୀତି ଓ ଭ୍ରଷ୍ଟାଚାର ଦୃତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ଏହାଦ୍ୱାରା ସାଧାରଣ ଜନତା ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି । ଦୁର୍ନୀତିର ପ୍ରାଦୁର୍ଭାବକୁ କିଛି ମାତ୍ରାରେ ପ୍ରତିହତ କରିବା ପାଇଁ ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥା ପକ୍ଷରୁ ଏହି ସମ୍ମିଳନୀ କରାଯାଇଛି । ସର୍ବଭାରତୀୟ ସାଧାରଣ ସମ୍ପାଦକ ଡଃ ବିପିନ ବିହାରୀ ମିଶ୍ର, ଉପସଭାପତି ଡ. ସୁକାନ୍ତି ମିଶ୍ର ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହିତ ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର ନବ ନିର୍ବାଚିତ ଓଡ଼ିଶା ରାଜ୍ୟ ସଭାପତି ଭାବେ ଆଇନଜୀବୀ କିଶୋର ଚନ୍ଦ୍ର କରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସମ୍ମିଳନୀରେ ସମସ୍ତ କର୍ମକର୍ତା ସାଧୁତା ଓ ନିର୍ଭିକତା ଭାବରେ କାର୍ଯ୍ୟ କରିବା ପାଇଁ ଶପଥ ନେଇଥିଲେ । ଏହି ସମ୍ମିଳନୀରେ ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର କାର୍ଯ୍ୟକ୍ରମ ସଂଯୋଜକ ବାଳକୃଷ୍ଣ ରାଉତ, ଖୋର୍ଦ୍ଧା ଜିଲ୍ଲା ସଭାପତି ସୁରେଶ ଚୌଧୁରୀ, ସମ୍ପାଦକ ମାନସ ଦାସ, ରାଜ୍ୟ ଉପସଭାପତି ଡ. ଶିବ ବେହେରା, ଅନୁଗୁଳ ଜିଲ୍ଲା ସଭାପତି ଧୀରମୋହନ ରାୟ, ସମ୍ପାଦକ ଆଶୁତୋଷ ଦାସ, ପୁରୀ ଜିଲ୍ଲା ସଭାପତି ଦୀନମଣି ଦେବୀ, ବ୍ରହ୍ମପୁର ଜିଲ୍ଲା ସଭାପତି ରବି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଆ ପ୍ରତି ବୈମାତୃକ ମନୋଭାବ ପ୍ରସଙ୍ଗ : ଭୁଲ୍ ମାନିଲା ସିବିଏସ୍‌ଇ

ଭୁବନେଶ୍ୱର ,୧୬/୦୩ (ନି.ପ୍ର): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସଇ) ଅଧୀନ ଦଶମ ଶ୍ରେଣୀ ଟର୍ମ-୧ ଓଡ଼ିଆ ବିଷୟ ପରୀକ୍ଷା ମୂଲ୍ୟାୟନରେ ତ୍ରୁଟି ହୋଇଛି । ଓଡ଼ିଆ ବିଷୟ ପରୀକ୍ଷାରେ ପ୍ରଶ୍ନ ଓ ଉତ୍ତରରେ ସାମଞ୍ଜସ୍ୟ ନ ଥିଲା । ଯେଉଁଥିପାଇଁ ପିଲାମାନେ ସଠିକ୍ ଉତ୍ତର ଲେଖିପାରି ନାହାନ୍ତି ଏବଂ କମ୍ ମାର୍କ ଦିଆଯାଇଛି । ସେମାନଙ୍କ ପ୍ରତି ଅନ୍ୟାୟ ହୋଇଛି । ଅନୁଧ୍ୟାନରୁ ଜଣାପଡ଼ିଛି ଯେ ପ୍ରଶ୍ନପତ୍ରର ୧୩ଟି ପ୍ରଶ୍ନ ଓ ଉତ୍ତରରେ ସାମଞ୍ଜସ୍ୟ ନାହିଁ । ତେଣୁ ଉକ୍ତ ପ୍ରଶ୍ନଗୁଡ଼ିକ ଲାଗି ପିଲାଙ୍କୁ ସମ୍ପୂର୍ଣ୍ଣ ମାର୍କ ଦେବାକୁ ସିବିଏସ୍‌ଇ ଦ୍ୱାରା ଗଠିତ କମିଟି ବିଶେଷଜ୍ଞ କମିଟି ସୁପାରିସ୍ କରିଥିଲା । ଯାହାକୁ ଆଧାର କରି ସିବିଏସ୍‌ଇ ଆଜି ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ସଂପୂର୍ଣ୍ଣ ମାର୍କ ଦେଇଛି । ମାର୍ଚ୍ଚ ୧୪ରେ 'ସମ୍ବାଦ'ରେ ପ୍ରକାଶିତ 'ଓଡ଼ିଆ ପ୍ରତି ବୈମାତୃକ ମନୋଭାବ' ଶୀର୍ଷକ ଖବର ଉପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହସ୍ତକ୍ଷେପ କରିବା ସହ ୨୪ ଘଣ୍ଟା ମଧ୍ୟରେ ପିଲାଙ୍କୁ ନ୍ୟାୟ ଦେବାକୁ ସିବିଏସ୍‌ଇ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସିବିଏସ୍‌ଇ ପକ୍ଷରୁ ମଧ୍ୟ ତତ୍‌କ୍ଷଣାତ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇ ଅନୁଧ୍ୟାନ କରାଯାଇଥିଲା । ମାତ୍ର ୬ଘଣ୍ଟା ମଧ୍ୟରେ ଉକ୍ତ କମିଟି ସିବିଏସ୍ ?ଇ କର୍ତୃପକ୍ଷଙ୍କୁ ରିପୋର୍ଟ ଦେବା ପରେ ସିବିଏସ୍‌ଇ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିଛି । ସିବିଏସ୍‌ଇ ପକ୍ଷରୁ ଆଜି ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ ଗତ ୧୧ତାରିଖରେ ସିବିଏସ୍‌ଇ ଦଶମ ଶ୍ରେଣୀ ଟର୍ମ-୧ ପରୀକ୍ଷା ଫଳ ପ୍ରକାଶ ପାଇଥିଲା । ଓଡ଼ିଆ ବିଷୟରେ ଛାତ୍ରଛାତ୍ରୀଙ୍କୁ କମ୍ ମାର୍କ ମିଳିଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ଏନେଇ ଖବର ପ୍ରକାଶ ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ହସ୍ତକ୍ଷେପ କରିବା ସହ ୨୪ ଘଣ୍ଟା ମଧ୍ୟରେ ଛାତ୍ରଛାତ୍ରୀଙ୍କ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ କହିଥିଲେ । କେନ୍ଦ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସିବିଏସ୍‌ଇ ଏହାକୁ ଗୁରୁତ୍ୱର ସହ ନେଇ ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିଥିଲେ । ଏହି କମିଟି ପରୀକ୍ଷା ତ୍ରୁଟିକୁ ଅନୁଧ୍ୟାନ କରିଥିଲେ । ଗତକାଲି ସନ୍ଧ୍ୟା ୬ଟାରେ କମିଟି ତାହାର ଅନୁଧ୍ୟାନ ରିପୋର୍ଟ ପ୍ରଦାନ କରିବା ପରେ ସିବିଏସ୍‌ଇ ଦଶମ ଶ୍ରେଣୀ ଓଡ଼ିଆ ବିଷୟର ଓଏମ୍‌ଆରଗୁଡ଼ିକୁ ବିଶେଷଜ୍ଞ କମିଟି ଦ୍ୱାରା ଅନୁମୋଦିତ ହୋଇଥିବା ଠିକ୍ ଉତ୍ତର ସହ ମୂଲ୍ୟାଙ୍କନ କରିଥିଲେ । ଛାତ୍ରଛାତ୍ରୀଙ୍କ ସଂଶୋଧିତ ମୂଲ୍ୟାଙ୍କନ ମାର୍କକୁ ସଂପୃକ୍ତ ବିଦ୍ୟାଳୟକୁ ପଠାଯାଇଛି । ଏହାଦ୍ୱାରା ଓଡ଼ିଶାର ୨୮ହଜାର ୩୧୦ଜଣ ଛାତ୍ରଛାତ୍ରୀ ଉପକୃତ ହୋଇଥିବା ନେଇ ସିବିଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଏଭଳି ତ୍ରୁଟି କରିଥିବା ଅଧିକାରୀଙ୍କ ବିରୋଧରେ କେଉଁଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେନେଇ ସିବିଏସ୍‌ଇ ପକ୍ଷରୁ କୁହାଯାଇନାହିଁ । ଏମିତିକି ଗତ ଡିସେମ୍ବରରେ ପରୀକ୍ଷା ସରିବା କ୍ଷଣି ଅଭିଭାବକମାନେ ଏହି ସମସ୍ୟା ନେଇ ସିବିଏସ୍‌ଇ ଆଞ୍ଚଳିକ ଅଧିକାରୀଙ୍କୁ ଅବଗତ କରିଥିଲେ । ମାତ୍ର ସେ କାହିଁକି ନିରବ ରହିଥିଲେ ? ଏନେଇ ଉଚ୍ଚ କର୍ତୃପକ୍ଷଙ୍କୁ ଜଣାଇଥିଲେ କି ନାହିଁ ? ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ଚାପି ବସୁଥିବା ଅଧିକାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହେବନି ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି । ଯେଉଁମାନେ ଭୁଲ୍ ପ୍ରଶ୍ନ ଓ ଉତ୍ତର ପ୍ରସ୍ତୁତ କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

# ମାଧ୍ୟମିକସ୍ତରର ଜିଲ୍ଲା ସାଧନ ଗୋଷ୍ଠୀ ମାନଙ୍କର ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୬/୦୩ (ନି.ପ୍ର): ରାଜ୍ୟର ସମସ୍ତ ଜିଲ୍ଲାରେ ଉଚ୍ଚ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ କାର୍ଯ୍ୟର ଅଗ୍ରଗତି ଦିଗରେ ନ୍ୟସ୍ତ ହୋଇଥିବା ଟାସ୍କ ଫୋର୍ସ ଗୁଡିକ କ୍ରମାଗତ ଭାବରେ କାର୍ଯ୍ୟ କରୁଛନ୍ତି । ସମସ୍ତ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସଠିକ୍ ଫଳାଫଳ ହାସଲ କରିବାରେ ସମର୍ଥ କରିବା ପାଇଁ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓ.ସେ.ପା) ତରଫରୁ ଏକ ତିନି ଦିନିଆ ଆବାସିକ ଜିଲ୍ଲା ସାଧନ ଗୋଷ୍ଠୀ ତାଲିମ କାର୍ଯ୍ୟକ୍ରମ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନ୍, ଭୁବନେଶ୍ୱର ଠାରେ ଆୟୋଜନ କରାଯାଇଛି । ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓ.ସେ.ପା, ଅନୁପମ ସାହା ଏବଂ ସନତ କୁମାର ମହାନ୍ତି, ନିର୍ଦ୍ଦେଶକ, ରାଜ୍ୟ ଶିକ୍ଷକ ଶିକ୍ଷା ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଉକ୍ତ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ ଯେଉଁଥିରେ କି ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ଓ ଉକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟକୁ ଅଂଶଗ୍ରହଣକାରୀମାନଙ୍କୁ ବିଶଦ ଭାବରେ ବୁଝାଇଥିଲେ । ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ପିରାମଲ ଫାଉଣ୍ଡେସନର ମିଳିତ ସହଯୋଗରେ ନେତୃତ୍ୱ ଦକ୍ଷତା, ଏକବିଂଶ ଶତାବ୍ଦୀର ଦକ୍ଷତା, ପାଠ୍ୟକ୍ରମ ଓ ଏକ୍ସପୋଜର ପରିଦର୍ଶନ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମକୁ ସୁଗମ କରିବା ନିମନ୍ତେ ତାଲିମ ସାମଗ୍ରୀ ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଯେ, ୫-'ଟି' ଅନ୍ତର୍ଗତ ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଏବଂ ପ୍ରଧାନଶିକ୍ଷକମାନଙ୍କ ମଧ୍ୟରେ ନେତୃତ୍ୱର ବିକାଶ କରିବା । ଏହି କର୍ମଶାଳାରେ ସ୍ମାର୍ଟ ବୋର୍ଡ, ପ୍ରୋଜେକ୍‌ଟର, ମାଇକ୍ରୋସଫଟ ଅଫିସ୍ ଇତ୍ୟାଦି ବ୍ୟବହାର ପରି ଡିଜିଟାଲ୍ ଦକ୍ଷତା ବିକାଶ କରିବାକୁ ମଧ୍ୟ ଲକ୍ଷ୍ୟ ରଖାଯାଇଛି । ଏହି ତିନି ଦିନର କାର୍ଯ୍ୟସୂଚୀ ହେଉଛି ଯେ ଆତ୍ମ-ସଚେତନତା, ପ୍ରଶିକ୍ଷଣ ଏବଂ ପରାମର୍ଶ, ଦଳ ର୍ନିମାଣ, ଛାତ୍ରମାନଙ୍କ ପାଇଁ ଏକବିଂଶ ଶତାବ୍ଦୀର ଦକ୍ଷତା, ଜାତୀୟ ଶିକ୍ଷା ନୀତି ୨୦୨୦, ଇ-ବିଷୟବସ୍ତୁ ବିକାଶ ଏବଂ ଏକ୍ସପୋଜର୍ ପରିଦର୍ଶନର ଗୁରୁତ୍ୱ ଉପରେ ତାଲିମକୁ ସୁଗମ କରିବା । ଏତଦବ୍ୟତୀତ ଆଗାମୀ ସପ୍ତାହରେ ସମଗ୍ର ଶିକ୍ଷା ଯୋଜନାରେ କାର୍ଯ୍ୟ କରୁଥିବା ସମସ୍ତ ଜିଲ୍ଲାର ପ୍ରୋଗ୍ରାମର୍ ଏବଂ ତଥ୍ୟ ପରିଚାଳନା-ତଥା-ଯୋଜନା ସଂଯୋଜକମାନଙ୍କ ପାଇଁ ଡିଜିଟାଲ ଦକ୍ଷତା ଉପରେ ଏକ ୩ ଦିନିଆ ତାଲିମ କାର୍ଯ୍ୟକ୍ରମ କରାଯିବ ପାଇଁ ଧାର୍ଯ୍ୟ କରାଯାଇଛି ।

# ସାଇବର ଅପରାଧୀଙ୍କ ହାତରେ ବୀମାଧାରୀଙ୍କ ତଥ୍ୟ : ବୋନସ୍ ବାହାନାରେ ଲୁଟିଲେଣି କୋଟି କୋଟି

ଭୁବନେଶ୍ୱର ,୧୬/୦୩ (ନି.ପ୍ର): 'ମୁଁ ଇନ୍‌ସ୍ୟୁରାନ୍ସ କମ୍ପାନିରୁ କହୁଛି । ଆପଣଙ୍କ ବୀମା ପଲିସି ମ୍ୟାଚୁରିଟି ହୋଇଛି । ଆପଣଙ୍କୁ କମ୍ପାନି ପକ୍ଷରୁ ଅଧିକ ବୋନସ୍ ମିଳିବ । ଏଭଳି ବୋନସ୍ ମିଳିବ, ଯାହା ଆପଣ କେବେ ବି ସ୍ୱପ୍ନରେ ଭାବିନଥିବେ । ତେବେ ଏଥିପାଇଁ ଆପଣଙ୍କୁ ଆୟକର ଲାଗିବ । ଆୟକରରୁ ଛାଡ଼ ପାଇବାକୁ ହେଲେ, ଆପଣ କିଛି ଟଙ୍କା ଖର୍ଚ୍ଚ କରି କ୍ଲିୟରାନସ କରାଇନିଅନ୍ତୁ ।' ଏମିତି ଲୋଭ ଓ ଆୟକରର ଭୟ ଦେଖାଉଛନ୍ତି ସାଇବର ଠକ । ଏହା ପରେ ଫୋନ୍ ଆସୁଛି ଅର୍ଥ ମନ୍ତ୍ରାଳୟ ଓ ଆୟକର ବିଭାଗର ଅଧିକାରୀମାନଙ୍କଠାରୁ । ସାଇବର ଠକମାନେ ବିଭାଗୀୟ ଅଧିକାରୀଙ୍କ ପରିଚୟ ଦେଇ କ୍ଲିୟରାନ୍ସ ବାବଦରେ ଟଙ୍କା ଆଦାୟ କରୁଛନ୍ତି । କୋଟିପତି ହେବାର ଲୋଭ ଦେଖାଇ ବୀମାଧାରୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇଯାଉଛନ୍ତି । ମିଳିଥିବା ସୂଚନା ଅନୁସାରେ କେନ୍ଦୁଝର ଅଞ୍ଚଳର ବ୍ୟବସାୟୀ ପ୍ରମୋଦ କୁମାର ରାଉତଙ୍କଠାରୁ ସାଇବର ଠକମାନେ ୨ କୋଟି ୩୫ ଲକ୍ଷ ଟଙ୍କା ଠକି ନେଇଛନ୍ତି । ଏହା ବ୍ୟକ୍ତିଗତ ଭାବେ ଏଯାଏ ସର୍ବାଧିକ ସାଇବର ଠକେଇ । ଗତ କିଛି ମାସ ହେଲା ବଡ଼ ବଡ଼ ବୀମାଧାରୀଙ୍କ ତଥ୍ୟ ହାସଲ କରି ସାଇବର ଠକମାନେ ସେମାନଙ୍କୁ ଟାର୍ଗେଟ୍ କରୁଛନ୍ତି । ବୀମା ମ୍ୟାଚୁରିଟି ହେବା ପୂର୍ବରୁ ଯୋଗାଯୋଗ କରି ଜାଲ ବିଛାଉଛନ୍ତି । ଯିଏ ଜାଲରେ ପଡ଼ିଲା, ତାକୁ ସର୍ବସ୍ୱାନ୍ତ କରି ଦେଉଛନ୍ତି । ତେବେ ସବୁଠୁ ବେଶୀ ଚିନ୍ତାଜନକ ପ୍ରସଙ୍ଗ ହେଉଛି, ସାଇବର ଅପରାଧୀମାନେ କେମିତି ବୀମାଧାରୀଙ୍କ ତଥ୍ୟ ହାସଲ କରୁଛନ୍ତି ? ସାଇବର ବିଶେଷଜ୍ଞଙ୍କ କହିବା ଅନୁସାରେ, ଏକାଧିକ ଦିଗରୁ ତଥ୍ୟ ହାସଲ କରିବାର ସମ୍ଭାବନା ରହିଛି । ବୀମା କ୍ଷେତ୍ରରେ କାମ କରୁଥିବା କୌଣସି ଅସାଧୁ କର୍ମଚାରୀଙ୍କର ସାଇବର ଅପରାଧୀଙ୍କ ସହ ଲିଙ୍କ୍ ରହିଥାଇପାରେ । ଅର୍ଥ ଲୋଭରେ ସେମାନେ ତଥ୍ୟ ଚୋରି କରି ସାଇବର ଅପରାଧୀଙ୍କୁ ବିକ୍ରି କରୁଥାଇପାରନ୍ତି । ଅନ୍ୟ ଏକ ଦିଗ ହେଉଛି ସାଇବର ଜ୍ଞାନକୌଶଳର ପ୍ରୟୋଗ । ବୀମାଧାରୀ ନିଜର ପଲିସି ମ୍ୟାଚୁରିଟି ସମ୍ପର୍କରେ ଗୁଗୁଲ୍‌ରୁ କଷ୍ଟମରକେୟାର ନମ୍ବର ଖୋଜି ଫୋନ୍ କରିବା ଦ୍ୱାରା ତଥ୍ୟ ଲିକ୍ ହେଉଛି । ଏହି ତଥ୍ୟକୁ ଆଧାର କରି ସାଇବର ଠକ ନକଲି ବୀମା କମ୍ପାନି ଅଧିକାରୀ ପରିଚୟ ଦେଇ ଫୋନ୍ କରିଥାନ୍ତି । ସମସ୍ତ ତଥ୍ୟ ସଂଗ୍ରହ କରିବା ସହ ଅଧିକ ଲାଭର ଲୋଭ ଦେଖାଇ ଜାଲ ବିଛାଇଥାନ୍ତି । କୋଟି କୋଟି ଟଙ୍କା ଲୁଟିବାରେ ସଫଳ ହୁଅନ୍ତି । ବ୍ୟବସାୟୀ ପ୍ରମୋଦଙ୍କ ପୂର୍ବରୁ ସାଇବର ଠକଙ୍କ ଶିକାର ହୋଇଥିଲେ ଘାଟିକିଆ ବିପୁଲ୍ ଗାର୍ଡେନ୍‌ରେ ରହୁଥିବା ଅବସରପ୍ରାପ୍ତ ସେନା ଅଧିକାରୀ ସୁବାସ ଚନ୍ଦ୍ର ନନ୍ଦ । ସାଇବର ଅପରାଧୀମାନେ ସମାନ ଷ୍ଟାଇଲ୍‌ରେ ତାଙ୍କ ଠାରୁ ୯୫ ଲକ୍ଷ ଟଙ୍କା ଲୁଟି ନେଇଥିଲେ ।

# ଗତ ୨୪ ଘଣ୍ଟାରେ ୮୦ ଜଣ ପଜିଟିଭ ଚିହ୍ନଟ



ଭୁବନେଶ୍ୱର,୧୬/୦୩ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୮୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୩୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୧୨ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ସମ୍ବଲପୁର ଜିଲ୍ଲାରୁ ସର୍ବାଧିକ ୧୩ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ଗତକାଲି ୭୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ । ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୫ ଜଣ, ବଲାଙ୍ଗୀରରୁ ୪ ଜଣ, କଟକରୁ ୩ ଜଣ, ଦେବଗଡ଼ ଜିଲ୍ଲାରୁ ୩ ଜଣ, ଗଜପତିରୁ ୯ ଜଣ, ଯାଜପୁରରୁ ୨ ଜଣ, କନ୍ଧମାଳ ଜିଲ୍ଲାରୁ ୧ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୩ ଜଣ, ଖୋର୍ଦ୍ଧାରୁ ୮ ଜଣ, କୋରାପୁଟରୁ ୩ ଜଣ, ମୟୂରଭଞ୍ଜରୁ ୭ ଜଣ, ନବରଙ୍ଗପୁରରୁ ୧ ଜଣ, ନୂଆପଡ଼ା ଜିଲ୍ଲାରୁ ୧ ଜଣ,ସମ୍ବଲପୁରରୁ ୧୩ ଜଣ, ସୁନ୍ଦରଗଡ଼ରୁ ୬ ଜଣ , ସୋନପୁର ଜିଲ୍ଲାରୁ ୨ ଜଣ ଓ ଷ୍ଟେଟ ପୁଲରୁ ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୬, ୮୫୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୭୬, ୯୩୪ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୭୫୦ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ରାଜ୍ୟରେ କଫି ଚାଷର ବିକଳ ଚିତ୍ର : କ୍ଷମତାର ୧%ରୁ ୩% ଉତ୍ପାଦନ, ୮ ଜିଲ୍ଲାକୁ ଭୁଲି ଯାଇଛନ୍ତି, ସ୍ୱତନ୍ତ୍ର କଫି ନୀତି କେବେ ?



ଭୁବନେଶ୍ୱର ,୧୬/୦୩ (ନି.ପ୍ର): କୋରାପୁଟ କଫିର ମାର୍କେଟିଂ ଅନେକ । କିନ୍ତୁ ରାଜ୍ୟରେ କଫି ଚାଷର ବାସ୍ତବିକତାର ରହିଛି ଭିନ୍ନ ଚିତ୍ର । ଏଠାରେ ମଧ୍ୟ କର୍ଣ୍ଣାଟକ, କେରଳ ଏବଂ ଆନ୍ଧ୍ରପ୍ରଦେଶ ଭଳି ବ୍ୟାପକ କଫି ଉତ୍ପାଦନର ସୁଯୋଗ ରହିଛି । ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ଏହା କେବଳ କୋରାପୁଟରେ ସୀମିତ ରହିଛି ତାହା ମଧ୍ୟ ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ କରିପାରି ପାରୁନାହିଁ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ସ୍ୱତନ୍ତ୍ର କଫି ନୀତି ପ୍ରସ୍ତୁତ ପାଇଁ ୨୦୨୦ ମସିହା କେନ୍ଦ୍ର କଫି ବୋର୍ଡ ପକ୍ଷରୁ ଓଡ଼ିଶା ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା । ହେଲେ ରାଜ୍ୟ ସରକାର ଏହାକୁ ସେଭଳି ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହେଉଛି ।

୭୦ ଦଶକରେ କରାଯାଇଥିବା ସର୍ଭେ ଅନୁସାରେ ଓଡ଼ିଶାରେ ୩.୪୭ ଲକ୍ଷ ହେକ୍ଟର କଫି ଚାଷ କରାଯାଇ ପାରିବ । ବର୍ତ୍ତମାନ ପରିପ୍ରେକ୍ଷୀରେ ୧.୪୬ ଲକ୍ଷ ହେକ୍ଟର କଫି ଚାଷର କ୍ଷମତା ଥିବା ନେଇ ଆକଳନ କରିଛି କଫି ବୋର୍ଡ । ରାଜ୍ୟରେ ମାତ୍ର ୪୪୦୦ ହେକ୍ଟର ଜମିରେ ହେଉଛି ଏହି ଚାଷ । କୋରାପୁଟ ବ୍ୟତୀତ ରାୟଗଡ଼ା(ବିଶେଷକରି କାଶୀପୁର ବ୍ଲକ), ଗଜପତି, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝରରେ ମଧ୍ୟ ଚାଷୀମାନେ କଫି ଚାଷ କରୁଛନ୍ତି । ମାଲକାନଗିରି, ଗଞ୍ଜାମ ଏବଂ ସୁନ୍ଦରଗଡ଼ରେ କଫି ଉତ୍ପାଦନ କରାଯାଇ ପାରିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । ଦେଶରେ ହେକ୍ଟର ପିଛା କଫି ଉତ୍ପାଦନ ୮ ହଜାର କେଜି, କର୍ଣ୍ଣାଟକରେ ୫୦୦ କେଜି, ଘରୋଇ କମ୍ପାନିର ଉତ୍ପାଦନ ୩୦୦ରୁ ୪୦୦ କେଜି । କିନ୍ତୁ କୋରାପୁଟରେ ଏହା ୧୦୦ କେଜିରୁ ମଧ୍ୟ କମ ଉତ୍ପାଦନ ହେଉଛି । ରାଜ୍ୟରେ ସମୁଦାୟ କ୍ଷମତାର ମାତ୍ର ୧ରୁ୩ ପ୍ରତିଶତ କଫି ଉତ୍ପାଦନ କରାଯାଇ ପାରୁଛି । କୋରାପୁଟ କଫି ନେଇ ବ୍ରାଣ୍ଡିଂ କରାଯାଉଛି । ଏଥିରେ ରାଜ୍ୟ ସରକାରଙ୍କ ଅପେକ୍ଷା ଜିଲ୍ଲା ପ୍ରଶାସନର ଭୂମିକା ଅଧିକ ରହିଛି । ସରକାରୀ ତଥ୍ୟ ଅନୁଯାୟୀ ୧୯୫୮ ମସିହାରୁ କଫି ଚାଷ ଆରମ୍ଭ ହୋଇ ୧୯୯୦ ମସିହା ବେଳକୁ ବନ୍ଦ କରି ଦିଆଗଲା । ୨୦୦୨ରୁ ୨୦୦୭ ମସିହାରେ ପୁଣି କଫି ଚାଷ ହେଲା । ବର୍ତ୍ତମାନ ୨୦୧୭ ମସିହାରୁ ଏହାକୁ ଗୁରୁତ୍ୱ ଦିଆଯିବା ସହିତ ବ୍ୟାପକ ମାର୍କେଟିଂ କରାଯାଉଛି । କଫି ବୋର୍ଡର ଲିଆଜିନିଂ ଅଫିସର ଉପେନ୍ଦ୍ର କୁମାରଙ୍କ ଅନୁସାରେ, କୋରାପୁଟ କଫି ବ୍ରାଣ୍ଡିଂ ଯୋଗୁଁ ହିଁ ନିଉଜିଲାଣ୍ଡ, ଅଷ୍ଟ୍ରେଲିଆ ବ୍ୟବସାୟୀ ଏଥିପ୍ରତି ଆଗ୍ରହ ଦେଖାଉଛନ୍ତି । ଜାପାନକୁ ମଧ୍ୟ କୋରାପୁଟ କଫି ରପ୍ତାନି ହେଉଛି । ଯାହା ଦେଶ ପାଇଁ ସୁନାମ ଆଣି ଦେଉଛି । କେନ୍ଦ୍ରୀୟ କଫି ବୋର୍ଡ ସହଯୋଗରେ କୋରାପୁଟ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଏହାକୁ ନେଇ ୫ ବର୍ଷୀୟ ଯୋଜନା ପ୍ରସ୍ତୁତ ହୋଇଛି । ରାଜ୍ୟର ଅନ୍ୟ ଜିଲ୍ଲା ଯେଉଁଠି କଫି ଉତ୍ପାଦନର ସମ୍ଭାବନା ଅଛି ତାକୁ ମଧ୍ୟ ଏଥିରେ ସାମିଲ କରାଯିବାକୁ ଦାବି ହେଉଛି । କର୍ଣ୍ଣାଟକ ଭଳି ଏଭଳି ରାଜସ୍ୱ ମଡେଲ ତିଆରି କରାଯିବ ଯେଉଁଥିରେ କଫି ଚାଷ ସହିତ ଇକୋ ଟୁରିଜମକୁ ବିକଶିତ କରାଯାଇ ପାରିବ । ଓଡ଼ିଶାର ଯେଉଁଭଳି ସ୍ଥିତି ରହିଛି ଏଠାରେ ସ୍ୱତନ୍ତ୍ର କଫି ଜୋନ ମଧ୍ୟ କରାଯାଇ ପାରିବ । ଅନେକ ଘରୋଇ ସଂସ୍ଥା ମଧ୍ୟ କଫି ଉତ୍ପାଦନ ପାଇଁ ଆଗ୍ରହ ଦେଖାଉଛନ୍ତି । ସେମାନଙ୍କୁ ଏହି ବ୍ୟବସ୍ଥାରେ ସାମିଲ କରାଗଲେ ଓଡ଼ିଶାକୁ ଆହୁରି ସଫଳତା ମିଳିବ ବୋଲି କିଛି ବ୍ୟବସାୟୀ ମତ ଦେଇଛନ୍ତି ।

# ଭାରତୀୟ ଭ୍ରଷ୍ଟାଗ୍ଚର ନିବାରଣ ସଂସ୍ଥାର ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର,୧୬/୦୩ (ନି.ପ୍ର): ଭାରତୀୟ ଭ୍ରଷ୍ଟାଗ୍ଚର ନିବାରଣ ସଂସ୍ଥାର ରାଜ୍ୟସ୍ତରୀୟ ସମ୍ମିଳନୀ ଭୁବନେଶ୍ୱରର ଉତ୍କଳ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସମାଜରେ ଦିନକୁ ଦିନ ଦୁର୍ନୀତି ଓ ଭ୍ରଷ୍ଟାଗ୍ଚର ଦୃତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ଏହାଦ୍ୱାରା ସାଧାରଣ ଜନତା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଦୁର୍ନୀତିର ପ୍ରାଦୁର୍ଭାବକୁ କିଛି ମାତ୍ରାରେ ପ୍ରତିହତ କରିବା ପାଇଁ ଭାରତୀୟ ଭ୍ରଷ୍ଟାଗ୍ଚର ନିବାରଣ ସଂସ୍ଥା ପକ୍ଷରୁ ଏହି ସମ୍ମିଳନୀ କରାଯାଇଛି । ସର୍ବଭାରତୀୟ ସାଧାରଣ ସମ୍ପାଦକ ଡଃ ବିପିନ ବିହାରୀ ମିଶ୍ର, ଉପସଭାପତି ଡ. ସୁକାନ୍ତି ମିଶ୍ର ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହିତ ଭାରତୀୟ ଭ୍ରଷ୍ଟାଗ୍ଚର ନିବାରଣ ସଂସ୍ଥାର ନବ ନିର୍ବାଚିତ ଓଡ଼ିଶା ରାଜ୍ୟ ସଭାପତି ଭାବେ ଆଇନଜୀବୀ କିଶୋର ଚନ୍ଦ୍ର କରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏଥିସହିତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଭାରତୀୟ ଭ୍ରଷ୍ଟାଗ୍ଚର ନିବାରଣ ସଂସ୍ଥାର ସଭାପତି ଓ କାର୍ଯ୍ୟକର୍ତ୍ତାମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

# ନୂଆ ରୂପରେ ଚିଟଫଣ୍ଡ କମ୍ପାନି : ଅଫ୍‌ଲାଇନ୍‌ରେ ପ୍ରଚାର, ଅନ୍‌ଲାଇନ୍‌ରେ ଠକେଇ

ଭୁବନେଶ୍ୱର,୧୬/୦୩ (ନି.ପ୍ର): ନୂଆ ରୂପରେ ଚିଟଫଣ୍ଡ କମ୍ପାନି । ଅଫଲାଇନରେ ଖୋଲାଖୋଲି ପ୍ରଚାର, ଅନଲାଇନରେ ଠକେଇ । ରାଜ୍ୟରେ ଏମିତି ଚିଟଫଣ୍ଡ କମ୍ପାନି ଜାଲ ବିଛାଇ ଲୋକଙ୍କୁ କୋଟି କୋଟି ଟଙ୍କା ଲୁଟୁଥିବା ସାମ୍ନାକୁ ଆସିଛି । ଏମିତି ଏକ ଘଟଣାର ଅନୁସନ୍ଧାନ ପରେ ଡିଜିଟାଲ୍ ରିଭୋଲ୍ୟୁସନ୍ ଟେକ୍ନୋଲୋଜି ଲିମିଟେଡ୍ ବିରୋଧରେ ମାମଲା ରୁଜୁ କରିଛି ଅର୍ଥନୈତିକ ଅପରାଧ ଶାଖା । ଏହାର ନିର୍ଦ୍ଦେଶକ ପ୍ରିନ୍ସ କୁମାର ଓ ଅନ୍ୟମାନଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ, ଏହି କମ୍ପାନି ମୁମ୍ବାଇର । ୨୦୨୦ ଫେବ୍ରୁଆରିରେ ମୁମ୍ବାଇ ରେଜିଷ୍ଟ୍ରାର ଅଫ୍ କମ୍ପାନି(ଆରଓସି)ରେ ପଞ୍ଜୀକୃତ ହୋଇଛି । ରେଜିଷ୍ଟ୍ରେସନ୍ କରୁ କରୁ ୨୦୨୦ ମାର୍ଚ୍ଚରେ ଓଡ଼ିଶାରେ ଠକେଇ ଜାଲ ବିଛାଇଥିଲା । କମ୍ପାନି ନିର୍ଦ୍ଦେଶକ ପ୍ରିନ୍ସ କୁମାର ବାଲେଶ୍ୱରରେ ବଡ଼ ସଭା କରି ଲୋକଙ୍କୁ ଲୋଭନୀୟ ସ୍କିମ କଥା କହିଥିଲେ । ଏପରିକି ସହରରେ ପୋଷ୍ଟର ମଧ୍ୟ ମରାଯାଇଥିଲା । ଏହା ଧୀରେଧୀରେ ଭଦ୍ରକ ଜିଲ୍ଲାକୁ ମଧ୍ୟ ବ୍ୟାପି ଥିଲା । 'ଏହି କମ୍ପାନି ଆପଣଙ୍କ ନିଜର ଡିଜିଟାଲ୍ ବୈପ୍ଳବିକ ମାର୍କେଟିଂ' ବୋଲି ନିର୍ଦ୍ଦେଶକ କହିଥିଲେ । ଯାହା ଖୁବ କମ୍ ଦିନ ଭିତରେ ଆପଣଙ୍କୁ ଲକ୍ଷପତି, କୋଟିପତି କରିଦେବ ବୋଲି କୁହାଯାଇଥିଲା । ଘରେ ବସି ଦେଶର ଡିଜିଟାଲ ବ୍ୟବହାର କରି ବଢ଼ିଆ ଆୟ କରିପାରିବେ ବୋଲି କୁହାଯାଇଥିଲା । ସେହିପରି କମ୍ପାନି 'ଦେଶ କା ଡିଜିଟାଲ' ଉପରେ କାମ କରିବା ସହ ନିଜ ଦେଶରେ ମୋବାଇଲ ଆପ୍ଲିକେସନ୍ ମଧ୍ୟ ତିଆରି କରୁଛି ବୋଲି ଲୋକଙ୍କୁ କହିଥିଲା । ଯେମିତି ଅନଲାଇନ୍ ସପିଂ ପାଇଁ 'ସପ୍ ସବକୁଛ', ୟୁପିଆଇ ପେମେଣ୍ଟ ଭଳି 'ମାଇ ପେ', ଟିକଟକ୍ ଭଳି 'ଭିଡସ୍କପ୍', ୟୁଟ୍ୟୁବ୍ ଭଳି 'ମାଇ ଟ୍ୟୁବ୍ ୱାର୍ଲଡ୍', ହ୍ୱାଟସଆପ୍ ଭଳି 'ଚିଠି', 'ଗୋ ଗେମ୍' ଆପ୍ ରହିଥିବା ସେ ଲୋକଙ୍କୁ କହିଥିଲା । ବିଦେଶୀ ଆପ୍ ଯୋଗୁଁ ଅନ୍ୟ ଦେଶ ଧନୀ ହେଉଥିବା ବେଳେ ଆମ ଦେଶ ଗରିବ ହେଉଛି, ତେଣୁ ଦେଶୀ ଆପ୍ ବ୍ୟବହାର କରି ଲୋକ ବହୁ ଟଙ୍କା ବଞ୍ଚାଇ ପାରିବେ ବୋଲି କହି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲା ନିର୍ଦ୍ଦେଶକ ପ୍ରିନ୍ସ । ଯେଉଁମାନେ ୨ ହଜାର ଟଙ୍କାରୁ ଆରମ୍ଭ କରି ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନିଯୋଗ କରିବେ, ସେମାନଙ୍କୁ ସାପ୍ତାହିକ ୬୮ ଟଙ୍କାରୁ ୬୪୬୦ ଟଙ୍କା ପର୍ଯ୍ୟନ୍ତ ବୋନସ୍ ମିଳିବ ବୋଲି କୁହାଯାଇଥିଲା । ବର୍ଷେ ପର୍ଯ୍ୟନ୍ତ ଏହି ସ୍କିମ୍ ଚାଲିବ । ଏପରିକି ଜମା ଅର୍ଥର ଦୁଇଗୁଣା ମିଳିବ ବୋଲି ଲୋଭ ଦେଖାଯାଇଥିଲା । ନୂଆ ଜମାକାରୀଙ୍କୁ ୫ପ୍ରତିଶତ ଡିଜିଟାଲ୍ ବୋନସ୍ ପାଇପାରିବେ ବୋଲି କହିଥିଲା ପ୍ରିନ୍ସ । ସେହିପରି ନୂଆ ଜମାକାରୀଙ୍କ ଉପରେ ରହିଥିବା ଜମାକାରୀ ୧୦ ପ୍ରତିଶତ ପାଇବେ ବୋଲି କୁହା ଯାଇଥିଲା । ବରିଷ୍ଠ ସଦସ୍ୟଙ୍କ ପାଇଁ ଏକ ୱେବସାଇଟ୍ ରହିଥିଲା ଓ ଇ-ମେଲ୍ ଆଇଡି ମଧ୍ୟ ଦିଆଯାଇଥିଲା । ତାହାକୁ ବ୍ୟବହାର କରି ସେମାନେ କାରବାର କରିବେ ବୋଲି କହିଥିଲା ନିର୍ଦ୍ଦେଶକ ପ୍ରିନ୍ସ । ସେହିପରି ବିଭିନ୍ନ ସୋସିଆଲ୍ ମିଡିଆ ସାଇଟ୍‌ର ଲିଙ୍କକୁ କ୍ଲିକ୍ କରି ଲାଇକ୍ କଲେ ବ୍ୟାଙ୍କ ଆକାଉଣ୍ଟକୁ ୧ ହଜାର ଟଙ୍କା ଆସିବ ବୋଲି ଲୋଭନୀୟ ଅଫର୍ ଦେଖାଇଥିଲା କମ୍ପାନି । ଯେଉଁମାନେ ୫ ଲକ୍ଷ ଟଙ୍କା ଜମା କରି ଫ୍ରାଞ୍ଚାଇଜ୍ ନେବେ, ସେମାନେ ସିଧାସଳଖ ଜମାକାରୀଙ୍କ ଟଙ୍କା କାରବାର କରିବେ । ସେମାନଙ୍କୁ ପ୍ରତି କାରବାରର ୨ପ୍ରତିଶତ ଓ ଦୈନିକ ସର୍ବାଧିକ ୧୦ହଜାର ଟଙ୍କା ମିଳିବ । ସେହିପରି ମାର୍କେଟିଂ ଚେନ୍ ସିଷ୍ଟମ ଭଳି ଏହାର ସଦସ୍ୟତା ଗ୍ରହଣ କରାଯାଉଥିଲା ।

# ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବକୁ ବନ୍ଦ କରାନଯାଉ : ନିଖିଳ ଉତ୍କଳ କ୍ଷୁଦ୍ର ପ୍ରକାଶକ ସଂଘ

ଭୁବନେଶ୍ୱର ,୧୬/୦୩ (ନି.ପ୍ର): ଏପ୍ରିଲ ୨ରୁ ୧୦ତାରିଖ ଯାଏ ଅନୁଷ୍ଠିତ ହେବାକୁ ଯାଉଥିବା ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'କୁ ନିଖିଳ ଉତ୍କଳ କ୍ଷୁଦ୍ର ପ୍ରକାଶକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି । କରୋନା ମହାମାରୀ ଯୋଗୁଁ ୨ ବର୍ଷ ହେଲା ଏହି ପୁସ୍ତକ ମହୋତ୍ସବ ଆୟୋଜିତ ହୋଇପାରିନଥିଲା । ମେଳାରେ ପୁସ୍ତକ ବିକ୍ରି ହୋଇପାରୁ ନଥିବାରୁ ଓଡ଼ିଶାର ବହୁ କ୍ଷୁଦ୍ର ପୁସ୍ତକ ପ୍ରକାଶକମାନେ ଆର୍ଥିକ ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି । କରୋନା ସମୟରେ ବହୁବର୍ଗର ଲୋକଙ୍କୁ ସରକାରୀ ସହାୟତା ମିଳିଥିବା ବେଳେ କ୍ଷୁଦ୍ର ପ୍ରକାଶକ ଓ ପୁସ୍ତକ ବିକ୍ରେତାମାନଙ୍କ କଥା ବିଚାରକୁ ?ନିଆଯାଇନାହିଁ । ବିଳମ୍ବରେ ହେଲେ ମଧ୍ୟ ସଂପ୍ରତି ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୁସ୍ତକ ମେଳା ଆୟୋଜିତ ହେବାକୁ ଯାଉଥିବାରୁ ପାଠକ, ଲେଖକ ଓ ପ୍ରକାଶକମାନଙ୍କ ମଧ୍ୟରେ ନୂଆ ଆଶା ସଂଚାର ହୋଇଛି । ଆସନ୍ତା ମେ'ରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରୀକ୍ଷା ଥିବାରୁ ଛାତ୍ରଛାତ୍ରୀମାନେ ମେଳାରୁ ବହୁ ଉପାଦେୟ ପୁସ୍ତକ ପାଇପାରିବେ । ପୂର୍ବରୁ ଅନୁଷ୍ଠିତ ହେଉଥିବା ୪ଟି ପୁସ୍ତକ ମେଳାକୁ ବନ୍ଦ କରି ସରକାର ଗୋଟିଏ ପୁସ୍ତକ ମେଳା ଆୟୋଜନ କରୁଥିବାରୁ, ଏହି ମେଳା ଉପରେ ସମସ୍ତେ ନିର୍ଭରଶୀଳ । ମେଳା ଆୟୋଜନ ଫଳରେ ବହୁ ଗରିବ ବହି ବେପାରୀ ଓ କ୍ଷୁଦ୍ର ପ୍ରକାଶକ ଉପକୃତ ହେବେ । ଏଣୁ ନିକଟରେ ହେବାକୁ ଯାଉଥିବା ଏହି ବହି ମେଳାକୁ ବନ୍ଦ ନ କରି ଯଥା ସମୟରେ ମେଳା ଆୟୋଜନ କରିବାକୁ ନିଖିଳ ଉତ୍କଳ କ୍ଷୁଦ୍ର ପ୍ରକାଶକ ସଂଘ ପକ୍ଷରୁ ସରକାରଙ୍କ ନିକଟରେ ଦାବି ରଖାଯାଇଛି ।

## ସୁଭଦ୍ରା ବାରିକଙ୍କ ଏକାଦଶାହ ପାଳିତ

ବାଲେଶ୍ୱର, ୧୬/୦୩ (ନି.ପ୍ର): ମହମ୍ମଦପୁର ସ୍ଥିତ 'ଆମେ କେତେଜଣ' ସଂଗଠନ ତରଫରୁ ସଂଗଠନର ସଦସ୍ୟା ସୁଭଦ୍ରା ବାରିକଙ୍କ ଏକାଦଶାହ ପାଳିତ ହୋଇଯାଇଛି । ସଂଗଠନର ସଭାପତି ସମାଜସେବୀ ଯତୀନ ପାତ୍ରଙ୍କ ଦ୍ୱାରା ଆୟୋଜିତ ଶୋକ ସଭାରେ ଡାକ୍ତର ମନୋଜ କିଶୋର ମାଝି ଯୋଗଦେଇ କହିଥିଲେ ଯେ, ସୁଭଦ୍ରା ଦିଦି ସଂଗଠନର ପ୍ରେମୀ ଓ ମାନବବାଦୀ ମହିଳା ଥିଲେ । ଏହି କାର୍ଯ୍ୟକ୍ରମରେ ନାରୀ ନେତ୍ରୀ ବନ୍ଦନା ପାତ୍ର, ପ୍ରହଲ୍ଲାଦ ଦାସ, ଭୋଳାନାଥ ବେହେରା, ଉପେନ୍ଦ୍ର ଦାସ, ମଧୁସୂଦନ ମାଝି, ନବକୃଷ୍ଣ ପୃଥାଳ, ହେମନ୍ତ ସାହୁ, ସନା ବାରିକ, ବିଜୟଲକ୍ଷ୍ମୀ ପତି, ଶାନ୍ତନୁ ଜେନା ଯୋଗ ଦେଇଥିଲେ । ପ୍ରାରମ୍ଭରେ ସମସ୍ତ ସଦସ୍ୟ ସଦସ୍ୟା ସୁଭଦ୍ରା ବାରିକଙ୍କ ଫଟୋରେ ପୁଷ୍ପ ଅର୍ଘ୍ୟ ଅର୍ପଣ କରିଥିଲେ ।

## ନୀଳଗିରି ରେଳ ପ୍ରକଳ୍ପକୁ ୪୮କୋଟି ୩୬ ଲକ୍ଷ କ୍ୟାବିନେଟ ମଂଜୁରୀ

ନୀଳଗିରି, ୧୬/୦୩ (ନି.ପ୍ର): ବହୁ ପ୍ରତୀକ୍ଷାର ଅନ୍ତ ପରେ ନୀଳଗିରି ଭଳି ଆଦିବାସୀ ଅଧ୍ୟୁଷିତ ଅଂଚଳକୁ ରେଳଯୋଗାଯୋଗ ପାଇଁ କେନ୍ଦ୍ର ସରକାର କ୍ୟାବିନେଟ ମଂଜୁରୀ ମିଳିଛି । ଏଥିପାଇଁ ସରକାର ୪୮କୋଟି ୩୬ ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି । ଫଳରେ ଗୋପିନାଥପୁର ଠାରେ ହେବାକୁ ଥିବା ରେଳ ଷ୍ଟେସନରୁ ନୂତନ ଯାତ୍ରୀବାହୀ ରେଳ ଚଳାଚଳ ହେବା ସହ ପାରିପାର୍ଶ୍ୱିକ ଉନ୍ନତିକରଣ ଏବଂ ଯାତ୍ରୀ ବିଶ୍ରାମଗାର ପ୍ରତିଷ୍ଠା ହେବା ସହ ସମସ୍ତ ଆନୁସଂଗିକ ବ୍ୟବସ୍ଥା ହୋଇପାରିବ । ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଦେଇଛନ୍ତି । ଗତ ଜାନୁଆରୀ ୭ତାରିଖରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀବୈଷ୍ଣବ ନୀଳଗିରି ଗୋପିନାଥପୁର ସ୍ଥିତ ରେଲୱେ ସାଇଡ୍‌କୁ ଆସି ଯାତ୍ରୀବାହୀ ଟ୍ରେନର ଚଳାଚଳ ପାଇଁ ଶୁଭ ଶିଳାନ୍ୟାସ କରିଥିଲେ । ଫଳରେ ବହୁ ଆକାଂକ୍ଷିତ ରେଳସେବାର ସ୍ୱପ୍ନ ନୀଳଗିରି ବାସୀଙ୍କର ପୂରଣ ହୋଇଥିଲା । ଏବେ କେନ୍ଦ୍ର କ୍ୟାବିନେଟରେ ୪୮କୋଟି ୩୬ ଲକ୍ଷ ଟଙ୍କା ମଂଜୁରୀ ହେବା ପରେ ଅଂଚଳବାସୀ ଆଉ ଅଳ୍ପଦିନ ମଧ୍ୟରେ ନୀଳଗିରିକୁଯାତ୍ରୀବାହୀ ରେଳସେବା ପାଇପାରିବାର ଆଶା ଉଜ୍ଜୀବିତ ହୋଇଛି । ଏଥିପାଇଁ ଅଂଚଳବାସୀ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଏବଂ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଛନ୍ତି ।

# ଜମି ବାଡି ବିବାଦକୁ କେନ୍ଦ୍ରକରି ସରକାରୀ ରାସ୍ତା ଅବରୋଧ

## ୫ ଦିନ ହେଲା ବାହାରି ପାରୁନାହାନ୍ତି ୧୧ ପରିବାର



ବାଲିଆପାଳ, ୧୬/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପାରଦୀପା ଗ୍ରାମରେ ଚାଷ ଜମିକୁ ଯିବା ପାଇଁ ରାସ୍ତା ନ ମିଳିବାକୁ କେନ୍ଦ୍ରକରି ଆଜକୁ ୫ ଦିନ ହେଲା କିଛି ଲୋକ ସରକାରୀ ସର୍ବସାଧାରଣ ରାସ୍ତା ବାଡ ଘେରି ଅବରୋଧ କରିଛନ୍ତି । ଯାହା ଫଳରେ ସେହି ରାସ୍ତା ଉପରେ ନିର୍ଭର କରୁଥିବା ଗ୍ରାମର ୧୧ରୁ ଉର୍ଦ୍ଧ୍ୱ ପରିବାର ଯାତାୟତ କରି ନ ପାରି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ଏ ସଂପର୍କରେ ବାଲିଆପାଳ ପୋଲିସ ଏବଂ ତହସିଲଦାରଙ୍କୁ ଲିଖିତ ଜଣାଇଥିଲେ ମଧ୍ୟ ପ୍ରଶାସନ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନେଉ ନାହାନ୍ତି । ଅଭିଯୋଗ ମୁତାବକ ପାରଦୀପା ଗ୍ରାମରେ ଉମେଶ ପ୍ରଧାନ ଏବଂ ବିଜୟ ପ୍ରଧାନଙ୍କ ମଧ୍ୟରେ ଚାଷ ଜମିକୁ ଯିବା ପାଇଁ ରାସ୍ତା ସଂକ୍ରାନ୍ତରେ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଛି । ଉଭୟ ପୂର୍ବରୁ ଏହି ସମସ୍ୟାର ସମାଧାନ ପାଇଁ ଥାନାର ଦ୍ୱାରସ୍ଥ ହୋଇ ଭଦ୍ର ଲୋକଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ କରାଇଥିଲେ । ମାତ୍ର ଉମେଶ ପ୍ରଧାନ ତାଙ୍କର ଇଚ୍ଛା ମୁତାବକ ରାସ୍ତା ନ ପାଇବାରୁ କୋଧାନ୍ୱିତ ହୋଇ ଗତ ୧୨.୩.୨୨ରିଖ ଶନିବାରଠାରୁ ତାଙ୍କର ଘର ଲୋକଙ୍କ ସହାୟତାରେ ସରକାରୀ ସର୍ବସାଧାରଣ ରାସ୍ତାକୁ ବାଡ ଘେରି ଅବରୋଧ କରିଛନ୍ତି । ଯାହା ଫଳରେ ସେହି ଗ୍ରାମର ଅଶୋକ ନନ୍ଦୀ,ଗୌରାଙ୍ଗ ଗିରି,ତାପସ ପ୍ରଧାନ,ସବିତା ଅଣ୍ଡିଆ,ମାନସ ପ୍ରଧାନ, ସ୍ୱାଗତିକା ପ୍ରଧାନ ସନ୍ଧ୍ୟାରାଣୀ ଗିରି ,ବିଜୟ ପ୍ରଧାନ,ଅଜୟ ପ୍ରଧାନ ପ୍ରମୁଖ ୧୧ରୁ ଉର୍ଦ୍ଧ୍ୱ ପରିବାର ଘରୁ ବାହାରି ନ ପାରି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପିଲାମାନେ ସ୍କୁଲକୁ ମଧ୍ୟ ଯାଇ ପାରୁନାହାନ୍ତି । ଏ ସଂକ୍ରାନ୍ତରେ ଏହି ଲୋକମାନେ ବାଲିଆପାଳ ପୁଲିସ ଏବଂ ତହସିଲଦାରଙ୍କୁ ଲିଖିତ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ପ୍ରଶାସନ ଯଥା ଶୀଘ୍ର ଏହି ସମସ୍ୟାର ସମାଧାନ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି ।

## ବିଜେପି ପକ୍ଷରୁ ୧ ନଂ ୱାର୍ଡ଼ରେ ନିର୍ବାଚନୀ ପ୍ରଚାର

ବାଲେଶ୍ୱର,୧୬/୦୩ (ନି.ପ୍ର): ଚଳିତ ପୌର ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଦଳୀୟ ପୌରାଧ୍ୟକ୍ଷା ପ୍ରାର୍ଥିନୀ ରଶ୍ମିରେଖା ଦେବ ଓ ୧ ନଂ ୱାର୍ଡ଼ର କାଉନସିଲର ପ୍ରାର୍ଥିନୀ ସସ୍ମିତା ନାଥଙ୍କ ସମର୍ଥନରେ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗତ ଉପ ନିର୍ବାଚନରେ ବିଜୁ ଜନତା ଦଳ ସହରବାସୀଙ୍କୁ ଯେଉଁ ସବୁ ପ୍ରତିଶ୍ରୁତି ଦେଇଥିଲେ, ତାହା ଏବେ ମିଥ୍ୟା ବୋଲି ପ୍ରମାଣିତ ହୋଇଥିବା ଶ୍ରୀ ଦତ୍ତ କହିଛନ୍ତି । ସରକାରୀ କଳ ବଳ ଜରିଆରେ ଭୋଟରମାନଙ୍କୁ ପ୍ରଭାବିତ କରି ନିର୍ବାଚନ ହାତେଇବାକୁ ଶାସକ ବିଜେଡି ଅପପ୍ରୟାସ ଜାରି ରଖିଛି ଓ ଚଳିତ ପୌର ନିର୍ବାଚନରେ ଜନତା ଏହାର ଉଚିତ ଜବାବ ଦେବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏକମାତ୍ର ବିକଳ୍ପ ଭାବେ ବିଜେପିର ପୌରାଧ୍ୟକ୍ଷା ପ୍ରାର୍ଥିନୀଙ୍କ ସମେତ ସମସ୍ତ ଦଳୀୟ କାଉନସିଲର ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଶ୍ରୀ ଦତ୍ତ ନିବେଦନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ ସଭାପତି ଦିଲୀପ ତରେଇ, ଉପ ସଭାପତି ଭାଗ୍ୟରଞ୍ଜନ ନାୟକ, ପୂର୍ବତନ କାଉନସିଲର ଅଜିତ ମିଶ୍ର, ବରିଷ୍ଠ ନେତା ମନ୍ମଥ ପାତ୍ର, ଦିଲୀପ ମାଝୀ, ଆଶିଷ ମିଶ୍ର, ଦେବେନ୍ଦ୍ର ମାଝୀ, ମିହିର ମାଝୀ, ଜାନକୀ ମାହାର୍ଣ୍ଣା, ସୁକାନ୍ତି ମାଝୀ ପ୍ରମୁଖ ଏହି ପଦଯାତ୍ରା ଓ ନିର୍ବାଚନୀ ସଭାରେ ଉପସ୍ଥିତ ଥିଲେ ।

## ୫ଦିନ ମଦ ଦୋକାନ ବନ୍ଦ ନିଷ୍ପତ୍ତିକୁ ମୋନାର ସ୍ୱାଗତ

ବାଲେଶ୍ୱର,୧୬/୦୩ (ନି.ପ୍ର): ଚଳିତ ପୌର ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ସରକାର ସମସ୍ତ ସରକାରୀ ମଦ ଦୋକାନଗୁଡ଼ିକୁ ଆସନ୍ତା ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ନିଷ୍ପତ୍ତିକୁ ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ (ମୋନା) ସ୍ୱାଗତ କରିଛି । ରାଜ୍ୟର ମଦ ଦୋକାନଗୁଡ଼ିକ ନିର୍ବାଚନର ସାତଦିନ ପୂର୍ବରୁ ବନ୍ଦ ଓ ଚୋରା ମଦ କାରବାର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମୋନାର ଗତ ବୈଠକରେ ଦାବି କରାଯାଇଥିଲା । ତେବେ ୭ ଦିନ ନହେଲେ ବି ୫ଦିନ ବନ୍ଦ କରିବା ବେଶ ସ୍ୱାଗତଯୋଗ୍ୟ ନିଷ୍ପତ୍ତି ବୋଲି ମୋନାର ସଭାପତି ପ୍ରଭାକର ସାହୁ, ସାଧାରଣ ସମ୍ପାଦିକା ମମତା ମହାପାତ୍ର ଓ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ଏକ ପ୍ରେସ ବିବୃତ୍ତିରେ ପ୍ରକାଶ କରିଛନ୍ତି ।

## କାଗଜପତ୍ର ଦର୍ଶାଇ ନ ପାରିବାରୁ ଦାୟିତ୍ୱ ଗ୍ରହଣ କଲେନାହିଁ ନୂତନ ସରପଞ୍ଚ



ଲଙ୍ଗଳେଶ୍ୱର, ୧୬/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବୀରାଇ ପଞ୍ଚାୟତ ରେ ନବ ନିର୍ବାଚିତ ସରପଞ୍ଚ ନିଳୁବାଳା ବେହେରା ଆଜି ପୂର୍ବାହ୍ନ ୧୦ ଟା ସମୟରେ ଦାୟିତ୍ୱ ଗ୍ରହଣ କରିବାର ଥିଲା । ନିର୍ଦ୍ଦିଷ୍ଟ ସମୟରେ ସରପଞ୍ଚଙ୍କ ସମେତ ସମିତି ସଦସ୍ୟ ସୁଦର୍ଶନ ପଣ୍ଡିତ,ନାଏବ ସରପଞ୍ଚ ଜୟକୃଷ୍ଣ ବେହେରା,ଚଉଦ ଜଣ ୱାର୍ଡମେମ୍ବର ଉପସ୍ଥିତ ଥିଲେ ।ଦାୟିତ୍ୱ ଦେବା ପାଇଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁଶାନ୍ତ ଦେହୁରୀ ବି ଉପସ୍ଥିତ ଥିଲେ ।ସରପଞ୍ଚ , ନବ ନିର୍ବାଚିତ ପ୍ରତିନିଧି ଏବଂ ମାନଙ୍କୁ ସମାଜ ସେବୀ ହରେକୃଷ୍ଣ ସେନାପତି ଙ୍କୁ ଉପସ୍ଥିତ ଜନସାଧରଣ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।କିନ୍ତୁ ପଞ୍ଚାୟତ ଅଧିକାରୀ ଶ୍ରୀ ଦେହୁରୀ ଆବଶ୍ୟକ କାଗଜପତ୍ର ସହ କେସବୁକ ଦେଖାଇ ନ ପରିବା ସହିତ ହିସାବ ଦେଇ ନ ପରିବା ଯୋଗୁଁ ସରପଞ୍ଚ ଶ୍ରୀମତୀ ବେହେରା ଦାୟିତ୍ୱ ଗ୍ରହଣ କରିଲେ ନାହିଁ ।ହିସାବ ନ ଦେବା ଯୋଗୁଁ ଉପସ୍ଥିତ ସମସ୍ତ ସଭ୍ୟ ଏବଂ ଲୋକ ମାନେ ଗତ ପାଞ୍ଚବର୍ଷ ରେ ବ୍ୟାପକ ଦୁର୍ନୀତି ହୋଇଛି ବୋଲି ଅଭିଯୋଗ କରିଥିଲେ ।ତେବେ ଖୁବଶୀଘ୍ର ସଠିକ ହିସାବ ଦେବା ସହିତ ଆବଶ୍ୟକୀୟ ଖାତା ପତ୍ର ଦର୍ଶାଇଲେ ଦାୟିତ୍ୱ ଗ୍ରହଣ କରିବେ ବୋଲି ସରପଞ୍ଚ କହିଥିଲେ ।

## ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ

ବାଲିଆପାଳ, ୧୬/୦୩ (ନି.ପ୍ର): ବାଲିଆପାଳ ତହସିଲ ଅର୍ନ୍ତର୍ଗତ ବିଷ୍ଣୁପୁର, ଅସ୍ତି, ନିଶ୍ଚିରା ପ୍ରଭୃତି ପ ାୟତରେ ସୁବର୍ଣ୍ଣରେଖା ନଦୀରୁ ପ୍ରତିଦିନ ବେଆଇନ ଭାବେ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଛି । ସ୍ଥାନୀୟ ଲୋକମାନେ ଏହିସବୁ ନଦୀରୁ ବାଲି ଉଠାଇ ଟ୍ରାକ୍ଟର ଯୋଗେ ବିକ୍ରି କରି ମାଲେ ମାଲ ହେଉଛନ୍ତି । ସ୍ଥାନୀୟ ରାଜସ୍ୱ ବିଭାଗର ଅଧିକାରୀ କୁ ହାତବାରିସି କରି ଏହି ସବୁ କାରବାର ଚଳାଉଥିବା ଅଭିଯୋଗ ହୋଇଆସୁଅଛି । ଆଜି ଏହିଭଳି ଭାବେ ବିଷ୍ଣୁପୁର ପ ାୟତ ରସଲପୁର ଗ୍ରାମରେ ରବୀନ୍ଦ୍ର ମହାଳିକ ବେଆଇନ ଭାବେ ଟ୍ରାକ୍ଟରରରେ ବାଲି ଉଠାଉଥିବା ବେଳେ ବାଲିଆପାଳ ତହସିଲ ଏବଂ ପୋଲିସ ପକ୍ଷରୁ ମିଳିତ ଚଢାଉ କରାଯାଇ ଏକ ବାଲି ବୋଝେଇ ଟ୍ରାକ୍ଟର ସହ ଚାଳକକୁ ଧରି ଥାନାକୁ ନେଇଆସିଥିଲେ । ତେବେ ଆଗାମୀ ଦିନରେ ଚଢାଉକୁ ଜୋରଦାର କରାଯିବ ବୋଲି ତହସିଲଦାର ଦୀପକ କୁମାର ଦାସ କହିଛନ୍ତି ।

## ଦେଶରେ ଗତ ୨୪ ଘଂଟା ମଧ୍ୟରେ କୋଭିଡ ପାଇଁ ୭,୫୨,୮୧୮ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ, ୧୬/୦୩ : ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୭,୫୨,୮୧୮ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତ୍ତମାନ ସୁଦ୍ଧା ୭୮,୦୫,୦୬,୯୭୪ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆଉ ୬ଜଣ ଅଧିକାରୀଙ୍କୁ ....

ସରକାରୀ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବା ଜନସ୍ୱାର୍ଥର ପରିପନ୍ଥୀ । ତେଣୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ସେହିପରି ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ଶ୍ରୀ ଦୟାନିଧି ସାମଲଙ୍କ କାର୍ଯ୍ୟକଳାପ ମଧ୍ୟ ସନ୍ତୋଷଜନକ ନୁହେଁ । ତାଙ୍କର କାର୍ଯ୍ୟକଳାପ ଜଣେ ଦାୟିତ୍ୱବାନ ସରକାରୀ କର୍ମଚାରୀଙ୍କ କାର୍ଯ୍ୟର ପରିପନ୍ଥୀ ଓ ଜନସ୍ୱାର୍ଥ ବିରୋଧୀ । ଏହାସହିତ ଅପାରଗତା ଓ ଅସାଧୁତା ଆଦି କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ଇଞ୍ଜିନିୟର ଶ୍ରୀ କରୁଣାକର ଘଡାଇଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି । ଜଣେ ଯୋଗାଣକାରୀଙ୍କୁ ସେ ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରିଥିଲେ । ତାଙ୍କର କାର୍ଯ୍ୟକଳାପ ସନ୍ତୋଷଜନକ ନୁହେଁ ଏବଂ ତାଙ୍କ ବିରୁଦ୍ଧରେ ଅସାଧୁତାର ପ୍ରମାଣ ମଧ୍ୟ ରହିଛି । ତେଣୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ଅନୁଗୁଳ ଜିଲ୍ଲା ପୋଲିସ ଇନ୍‌ସପେକ୍ଟର ଶ୍ରୀ ରତ୍ନାକର ମଲ୍ଲିକଙ୍କୁ ଅପାରଗତା କାରଣକୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ନୂଆପଡା ଜିଲ୍ଲାର ଅତିରିକ୍ତ ଯୋଗାଣ ଅଧିକାରୀ ଶ୍ରୀ ରତ୍ନାକର ସେଠୀଙ୍କ ନାମରେ ଦୁଇଟି ଦୁର୍ନୀତି ମାମଲା ରହିଛି । ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଚଢାଉ କରାଯାଇ ତାଙ୍କ ନିକଟରୁ ୬.୫ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଜବତ କରାଯାଇ ତାଙ୍କୁ ଜେଲ୍‌କୁ ପଠାଯାଇଛି । ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ଅନୁଗୁଳ ଜିଲ୍ଲାର ପୂର୍ବତନ କଲ୍ୟାଣ ଅଧିକାରୀ ମିସ୍ ଚାରୁଲତା ମଲ୍ଲିକଙ୍କ ନାମରେ ଗୋଟିଏ ଦୁର୍ନୀତି ମାମଲା ରହିଛି । ଜିଲ୍ଲା କଲ୍ୟାଣ ଅଧିକାରୀ ଭାବରେ ସେ ଲାଞ୍ଚ ଗ୍ରହଣ କରୁଥିବା ବେଳେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡିଥିଲେ । ସେ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା । ବର୍ତ୍ତମାନ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୫୮ ଜଣ ଅଧିକାରୀଙ୍କୁ ଚାକିରୀରୁ ବହିଷ୍କାର ବା ବାଧ୍ୟତାମୂଳକ ଅବସର ଦିଆଯାଇଛି ।

## ମୁଖ୍ୟମନ୍ତ୍ରୀ ଭାବେ ଶପଥ....

ବିପୁଳ ଭୋଟ ସହ ବିଜୟୀ ହୋଇଛି ତାହା ରାଜ୍ୟରାଜନୀତିରେ ଏକ ମାଇଲଖୁଂଟ ସ୍ଥାପନ କରିଛି । ନିର୍ବାଚନରେ ସବୁଠୁ ପୁରୁଣା ଦଳ କଂଗ୍ରେସ ଓ ବଡ ଦଳ ବିଜେପିକୁ ପରାସ୍ତ କରି ନୂଆ ଇତିହାସ ରଚିଛି ଆପ୍ ।ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ କୌଣସି ରାଜ୍ୟରେ କ୍ଷମତା ହାତେଇଛି ଦଳ । ସଙ୍ଗରୁର ଜିଲ୍ଲାର ଧୁରୀ ଆସନରୁ ପ୍ରତିଦ୍ୱନ୍ଦିତା କରି ଭଗଓ୍ୱନ୍ତ ମାନ ପ୍ରତିପକ୍ଷ କଂଗ୍ରେସ ନେତା ଦଲଭିର ସିଂଙ୍କୁ ୮୫ହଜାରରୁ ଅଧିକ ଭୋଟରେ ପରାସ୍ତ କରିଥିଲେ । ୪୮ବର୍ଷୀୟ ମାନ ୧୯୭୦ ମସିହାର ପରେ ପଂଜାବର ଜଣେ ସର୍ବ କନିଷ୍ଠ ମୁଖ୍ୟମନ୍ତ୍ରୀଭାବେ ଶପଥ ନେଇଛନ୍ତି । ୧୧୭ ଆସନ ବିଶିଷ୍ଟ ପଂଜାବ ବିଧାନସଭା ନିର୍ବାଚନରେ ଆପ ଏକାକୀ ୯୨ ଆସନ ଅକ୍ତିଆର କରିଥିଲା । ଯାହାକି ଦଳ ପାଇଁ ବୃହତ ବିଜୟ ହୋଇଛି । ଆପ୍ର ଏଭଳି ବିଜୟ ପରେ ପ୍ରତିପକ୍ଷ ଦଳ କଂଗ୍ରେସ, ଶିରୋମଣି ଅକାଳୀ ଦଳ ଓ ବିଜେପି ଏକପ୍ରକାର ଗୌଣ ହୋଇଯାଇଛନ୍ତି ।ନିର୍ବାଚନ ପୂର୍ବରୁ ଆପର ରାଷ୍ଟ୍ରୀୟ ସଂଯୋଜକ ଭଗବନ୍ତ ମାନଙ୍କ ଉପରେ ଆସ୍ଥା ପ୍ରକଟ କରି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଛିଡା କରିଥିଲେ । ଏବେ କେଜ୍ରିଓ୍ୱାଲଙ୍କ ନିଷ୍ପତି ସଠିକ ପ୍ରମାଣିତ ହେବା ସହ ପଂଜାବରେ ନୂଆ ସରକାର ଗଠନ କରିଛି ଆମ ଆଦମୀ ପାର୍ଟି ।

## ବିଦେଶରେ କରୋନା ସଂକ୍ରମଣ....

ପ୍ରତିକ୍ଷେଧକ ଶକ୍ତି ଅଧିକ ଥିବାରୁ ଏଠାରେ ସଂକ୍ରମଣ ବଢୁନଥିବା କହିଛନ୍ତି ଡାକ୍ତର ଅରୋରା । ସେହିପରି ଟିକାକରଣକୁ ନେଇ ସେ କହିଛନ୍ତି, କରୋନା ବିରୋଧରେ ଟିକାକରଣର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । କରୋନା ପାଇଁ ଟିକାର ଡବଲ୍ ଡୋଜ୍ ଯଥେଷ୍ଟ । କିନ୍ତୁ ସରକାର ନୂଆ ନୂଆ ଭାରିଆଣ୍ଟକୁ ଦୃଷ୍ଟିରେ ରଖି ବୁଷ୍ଟର ଡୋଜ୍ ଉପରେ ଗୁରୁତ୍ୱ ଦେବା ଭଲ ବୋଲି ସେ କହିଛନ୍ତି । ଭାରତରେ ୧୨ରୁ ୧୪ ବର୍ଷର ୭ କୋଟି ପିଲା ଟିକା ନେବେ । ୧୨ରୁ ୧୪ ବୟସ ବର୍ଗର ପିଲାଙ୍କୁ ଦିଆଯାଉଥିବା କୋର୍ବେଭାକ୍ସ ଟିକା ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ସେ କହିଛନ୍ତି ।

## ପ୍ରଭୁ, ଜନତା ଓ ପୁଲିସ ଫଗୁଖେଳ ସହ ମୁନସୀ ମେଲଣ ଉଦ୍‌ଯାପିତ

ଭଦ୍ରକ, ୧୬/୦୩ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ଥାନା ପରିସରରେ ଅନୁଷ୍ଠିତ ବର୍ଣ୍ଣାଢ୍ୟ ମୁନସୀ ମେଲଣ ଆଜି ସକାଳେ ଉଦ୍‌ଯାପିତ ହୋଇଯାଇଛି । ଥାନା ମେଲଣ ପଡିଆରେ ମଙ୍ଗଳବାର ରାତ୍ରରୁ ଆଖପାଖର ୪୫ ବିମାନରେ ପ୍ରଭୁ ଦୋଳଗୋବିନ୍ଦ ବିଜେ କରିଥିଲେ । ହାଟଡିହି, ଉତ୍ତରବାଡ, ଠାକୁରାଣୀସାହି, ଦକ୍ଷିଣବାଡ, ମନୋହରପୁର, ବାହାଦଲପୁର ବିମାନ ଶୋଭାଯାତ୍ରାରେ ଆସିଥିବା ବେଳେ କୋଳିପଦି, ତୁଳସୀପୁର, କହରାପୋଖରୀ, ଚନ୍ଦ୍ରଭାନୁପୁର, ମଠସାହି, ରେବୋ, କଣ୍ଟାପୋଖରୀ, ନୂଆପୋଖରୀ କୁସୁମା ଆଦି ଗ୍ରାମର ବିମାନରେ ପ୍ରଭୁ ଦୋଳଗୋବିନ୍ଦ ଥାନା ସମ୍ମୁଖରେ ଅପେକ୍ଷା କରିଥିଲେ । ମେଲଣ କମିଟି ପକ୍ଷରୁ ଗୁଆଦେଇ ନିମନ୍ତ୍ରଣ କରାଯିବା ପରେ ବିମାନଗୁଡିକ ଥାନା ପରିସର ମେଲଣ ପଡିଆକୁ ପ୍ରବେଶ କରିଥିଲେ । ବିମାନରେ ଭୋଗଲାଗି ହେବା ପରେ ପ୍ରଭୁଙ୍କ ସହ ଭକ୍ତ ଜନସାଧାରଣ ଓ ପୁଲିସ ମିଳିତ ହୋଇ ଫଗୁ ଖେଳିଥିଲେ । ମେଲଣ କମିଟି ପକ୍ଷରୁ ବିମାନଗୁଡିକୁ ବିଦାୟ ଦିଆଯାଇ ମେଲଣ ଉଦଯାପନ ହୋଇଥିଲା । ଏହି ଉପଲକ୍ଷେ ମଙ୍ଗଳବାର ସନ୍ଧ୍ୟାରେ କାର୍ତ୍ତିକ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯତୀନ ପଣ୍ଡା, ସମାଜସେବୀ ବଦ୍ରୀନାରାୟଣ ଧଳ, ରଜନୀକାନ୍ତ ଚନ୍ଦ, ବିଡିଓ ଦେବଦତ୍ତ ଦାଶ, ଥାନାଧିକାରୀ ଅମିତାଭ ଦାଶ, ଦକ୍ଷିଣବାଡ ସରପଞ୍ଚ ବର୍ଷାରାଣୀ ଯେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୁନସୀ ମେଲଣର ଉତ୍ପତ୍ତି ଓ ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଭଣ୍ଡାରିପୋଖରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ ଅତିଥି ପରିଚୟ ଓ ସରପଞ୍ଚ ଶ୍ରୀମତୀ ଯେନା ଧନ୍ୟବାଦ ଦେଇଥିଲେ । କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ସାଥିଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କମେଡିଆନ ସତ୍ୟ ଉତ୍ସବରେ କମେଡି ପରିବେଷଣ କରିଥିଲେ ।

## ଜାତୀୟ ଟିକାକରଣ ଦିବସ ପାଳିତ




ବାଲିଆପାଳ, ୧୬/୦୩ (ନି.ପ୍ର): ବାଲିଆପାଳ ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଜାତୀୟ ଟୀକାକରଣ ଦିବସ ପାଳିତ ହୋଇଯାଇଛି । ଡାକ୍ତର ନିଉଶ୍ରୀ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ଆଶୁତୋଷ ନାୟକ, ପିଏଚଇଓ ଝୁନାବାଳା ଦେ, ବିପିଏମ ଦୟାନିଧି ନାୟକ, ବିଡିଏମ ଜୀବନ ପାଢୀ, ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ସମସ୍ତ ସୁପରଭାଇଜର, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଯୋଗଦାନ କରିଥିଲେ । ଏହି ଅବସରରେ ଜାତୀୟ ଟୀକାକରଣ ଦିବସ ର ମହତ୍ୱଏବଂ ଟୀକାକରଣର ଗୁରୁତ୍ୱ ଉପରେ ଆଲୋଚନା ହେବା ସହିତ ଏହାର ଶତ ପ୍ରତିଶତ ସଫଳତା ପାଇଁ ଜନସାଧାରଣଙ୍କୁ ଅଧିକରୁ ଅଧିକ ସଚେତନ କରିବା ପାଇଁ ଡାକ୍ତର ପାଣୀ ପରାମର୍ଶ ଦେଇଥିଲେ । ଏହି ଅବସରରେ ମହିଳା ସ୍ୱାସ୍ଥ୍ୟକର୍ମୀ ସବିତା ଭୂୟାଁ, ଆଶାକର୍ମୀ ସୁଲୋଚନା ଗିରି, ତିଲୋତ୍ତମା ବେହେରାଙ୍କୁ ସମ୍ବର୍ଦ୍ଧୀତ କରାଯାଇଥିଲା । ସୁପରଭାଇଜର ରମାନାଥ କର ଧନ୍ୟବାଦ ଅର୍ପଣ କରିଥିଲେ ।

## ବରିଷ୍ଠ ସାମ୍ବାଦିକ ପକ୍ଷାଘାତରେ ଆକ୍ରାନ୍ତ



ଖଇରା, ୧୬/୦୩ (ନି.ପ୍ର): ଖଇରା ଅଞ୍ଚଳର ବରିଷ୍ଠ ସାମ୍ବାଦିକ କୈଳାସ ଚନ୍ଦ୍ର ଦାସ ପକ୍ଷାଘାତରେ ଆକ୍ରାନ୍ତ ହୋଇଛନ୍ତି । ତାଙ୍କୁ ପ୍ରଥମେ ଭଦ୍ରକ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି । ବୁଧବାର ମଧ୍ୟାହ୍ନରେ ହଠାତ ଶରିରରେ ଯନ୍ତ୍ରଣା ଅନୁଭବ କରିବା ପରେ ଘର ଲୋକଙ୍କୁ ଜଣାଇଥିଲେ । ଘର ଲୋକ ଗାଡି ଯୋଗାଡ କରି ଭଦ୍ରକ ପହଞ୍ଚିବା ବେଳକୁ ତାଙ୍କର ବାମ ପାର୍ଶ୍ୱ ଅଙ୍ଗ ଅଚଳ ହୋଇ ଯାଇଥିଲା । ଖଇରା ସାମ୍ବାଦିକ ସଂଘ, ଓଡିଶା ସାମ୍ବାଦିକ ୟୁନିଅନ, ପ୍ରତିଭା ପରିବାର, ଜନଜାଗରଣ ମଞ୍ଚ, ବରିଷ୍ଠ ନାଗରିକ ମଞ୍ଚ ତରଫରୁ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି ।

## ୧୨ ବର୍ଷରୁ ୧୪ ବର୍ଷ ପିଲାମାନଙ୍କୁ ଟିକା ପ୍ରଦାନ

ଖୋର୍ଦ୍ଧା,୧୬/୦୩ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାରେ ଆଜି ୧୨ ବର୍ଷରୁ ୧୪ ବର୍ଷ ପିଲାମାନଙ୍କୁ କୋଭିଡ଼୧୯ ସଂକ୍ରମଣରୁ ରକ୍ଷା କରିବାପାଇଁ କୋରଦେଭ୍ୟାକ୍ସ ଟୀକା ପ୍ରଦାନର ଶୁଭାରମ୍ଭ କରାଯାଇଛି । ସମସ୍ତ ସ୍କୁଲରେ ଟୀକାକରଣ ସରିବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟିକାକରଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି ।ଭୁବନେଶ୍ୱର ମହାନଗର ନିଗମ କୁ ବାଦଦେଇ ୩୮ ହଜାର ୯୬୪ ଜଣ ବାଳକ ବାଳିକାଙ୍କୁ ଟିକାକରଣ କରାଯିବାର ଲକ୍ଷ ଧାର୍ଯ୍ୟ କରାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି ।

## କୁଣ୍ଡୁଳି ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ



ଲଙ୍ଗଳେଶ୍ୱର, ୧୬/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଣ୍ଡୁଳି ପଞ୍ଚାୟତ ର ନବ ନିର୍ବାଚିତ ସରପଞ୍ଚ ଜୟନ୍ତ ଦାସ ଆଜି ପଞ୍ଚାୟତ କାର୍ଯ୍ୟାଳୟ ରେ ଦାୟିତ୍ୱ ଗ୍ରହଣ କରିଛନ୍ତି ।ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅହଲ୍ୟା ଜେନା ବିଧିବଦ୍ଧ ଭାବେ ଦାୟିତ୍ୱ ଦେଇଛନ୍ତି ।ଦାଇତ୍ୱ ନେବାପରେ ବିଜୁ କୃଷକ ଜନତା ଦଳ ଜିଲ୍ଲା ସଭାପତି ଅଜୟ କୁମାର ସାମଲ,ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ଦାସ,ପଞ୍ଚାୟତ ସଭାପତି ଦୁର୍ଜୟ କୁମାର ମହାନ୍ତି,କୈଳାସ ମଲ୍ଲିକ,ଶମ୍ଭୁନାଥ ସାମଲ,ଦେବେନ୍ଦ୍ର ମଣ୍ଡଳ,ଅନ୍ତର୍ଯ୍ୟାମୀ ରାଉତ,ସୁଜୟ ସାମଲ,ପ୍ରସନ୍ନ ବେହେରା ପ୍ରମୁଖ ଉପସ୍ଥିତ ହୋଇ ସରପଞ୍ଚ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।


# ଅମୃତବାଣୀ ଗୁରୁକୁଳ ଶିକ୍ଷାକେନ୍ଦ୍ର

ନାମଲେଖା ଚାଲିଛି

ସାରୁପାଳ, ବାଲେଶ୍ୱର

ନାମଲେଖା ଚାଲିଛି

ଶିକ୍ଷାବର୍ଷ-୨୦୨୨-୨୩

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ନର୍ସରୀ ଶ୍ରେଣୀଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି. ଦୂରତା ମଧ୍ୟରେ ହୋଇଥିବ, ଉକ୍ତ ପିଲାମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ ।

ପ୍ରଧାନ ଆଚାର୍ଯ୍ୟ
ଅମୃତବାଣୀ ଗୁରୁକୁଳ ଶିକ୍ଷାକେନ୍ଦ୍ର
ସାରୁପାଳ, ବାଲେଶ୍ୱର

ଯୋଗାଯୋଗ: ୯୭୭୭୦୧୩୯୬୬,୯୯୩୭୨୨୩୫୭୦, ୯୭୭୭୧୩୩୭୫୯

ବାଲେଶ୍ୱର, ଗୁରୁବାର, ୧୭ ମାର୍ଚ୍ଚ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଗୋଟିଏ ଦିନରେ ୮୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୬/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୬୮୫୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୬୯୩୪ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୫୦ ରହିଛି । ଆଜି ଚିହ୍ନଟ ହୋଇଥିବା ୮୦ ଜଣଙ୍କ ମଧ୍ୟରୁ ୪୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସମ୍ବଲପୁର ଜିଲ୍ଲାରୁ ସବୁଠାରୁ ଅଧିକ ୧୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବରଗଡ ଜିଲ୍ଲାର ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ତଥା ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ଜଣେ ହେଲେ ସଂକ୍ରମିତ ହୋଇ ନାହାନ୍ତି । ଦେବଗଡ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୯ ଜଣ ସଂକ୍ରମିତ ହୋଇଛନ୍ତି । ଗଂଜାମ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଓ କଳାହାଣ୍ଡି ଜିଲ୍ଲାରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ୨ ତାରିଖରୁ ପ୍ରତିଭା ମହୋତ୍ସବ



ଖଇରା, ୧୬/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ସର୍ବ ବୃହତ ପୂଜ୍ୟପୂଜା ସଂଗଠନ ପ୍ରତିଭା ପରିବାରର ବିଂଶତିତମ ପ୍ରତିଭା ମହୋତ୍ସବ ଏପ୍ରିଲ ୨ ଓ ୩ତାରିଖ ୨ଦିନ ଧରି ଅନୁଷ୍ଠିତ ହେବ । ୨ଦିନ ଧରି ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ଭରପୁର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧନା କରାଯିବା ସହ ସ୍ଥାନୀୟ କଳାକାର ମାନଙ୍କୁ ନିଜର ପାରଦର୍ଶିତା ଦେଖାଇବାକୁ ସୁଯୋଗ ଦିଆଯିବ ବୋଲି ବୁଧବାର ସଂଧ୍ୟାରେ ଅନୁଷ୍ଠିତ ହୋଇ ଯାଇଥିବା ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି । ସନାତନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ପ୍ରଫେସର ଉମେଶ ଚନ୍ଦ୍ର ନାୟକ ଓ କୋଷାଧକ୍ଷ ବୁଦ୍ଧିରାମ ପାଣିଗ୍ରାହୀ ଯୋଗ ଦେଇ ଚଳିତ ବର୍ଷ ବିଳମ୍ବରେ ପାଳିତ ହେବାକୁ ଥିବା ମହୋତ୍ସବ ର କାର୍ଯସୁଚୀ ସମ୍ପର୍କରେ ଅବଗତ କରାଇଥିଲେ । ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉପସ୍ଥିତ ରହି ମହୋତ୍ସବକୁ ସବୁ ପ୍ରକାର ସମର୍ଥନ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ସେ ଯେଉଁଭଳି ଭାବେ ସଙ୍ଗଠନକୁ ସହଯୋଗ କରୁଛନ୍ତି ପ୍ରତିବଦଳରେ ସଂଗଠନ ମଧ୍ୟ ଭଲ ପାଇବା ଆବଶ୍ୟକ ବୋଲି କହିଥିଲେ । ସେ ମନ୍ତ୍ରୀ ପଦରେ ରୁହନ୍ତୁ କି ପ୍ରତିଭା ପରିବାରକୁ ପ୍ରତ୍ୟେକ ବର୍ଷ କିଭଳି ଆର୍ଥୀକ ଓ ସାଂସ୍କୃତିକ ସହଯୋଗ ଜାରି ରହିବ ତାର ବ୍ୟବସ୍ଥା କରିବାକୁ ଉଦ୍ୟମ କରିବେ ବୋଲି ପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସରପଞ୍ଚ ମାଳତୀ ସେଠୀ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ସମିତି ସଭ୍ୟା ନର୍ମଦା ଦେଓ,ସୁଦର୍ଶନ ସେଠୀ,ସଂଗଠନର ଉପଦେଷ୍ଟା ଡା ହରେକୃଷ୍ଣ ରାଉତ,ଦେବେନ୍ଦ୍ର ରାଉତ,ରୀତାରାଣି ଦାସଙ୍କ ସମେତ ୫୦ରୁ ଉର୍ଦ୍ଧ ସଦସ୍ୟ ଉପସ୍ଥିତ ଥିଲେ ।

## ସିପିଆଇ ପକ୍ଷରୁ ଔପଦା ବ୍ଲକ ନିର୍ବାଚନୀ ହିଂସାକୁ ନିନ୍ଦା

ବାଲେଶ୍ୱର,୧୬/୦୩ (ନି.ପ୍ର): ଔପଦା ବ୍ଲକ ଅନ୍ତର୍ଗତ ବାଉଁଶବଣିଆ ପଞ୍ଚାୟତ ଗୁହାଳିଆ ଗ୍ରାମରେ ଗତ ୧୩ ତାରିଖ ଦିନ ନବନିର୍ବାଚିତ ସରପଞ୍ଚ ତଥା ସିପିଆଇ ଜିଲା ସମ୍ପାଦକ ନିରଞ୍ଜନ ବାରିକଙ୍କ ବଡ଼ପୁଅ ଲେଲିନ ବାରିକଙ୍କୁ ମରଣାନ୍ତକ ଆକ୍ରମଣକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଦୃଢ଼ ନିନ୍ଦା କରିଛି । ଅପରାଧିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି । ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ ଔପଦା ଅଞ୍ଚଳ ଗସ୍ତ ସହ ଘଟଣା ସ୍ଥଳରେ ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ବିବରଣୀ ସଂଗ୍ରହ କରିଥିଲେ । ଏହି ଘଟଣାରେ ସମ୍ପୃକ୍ତ ଦୁଇ ଅପରାଧିଙ୍କୁ ପୋଲିସ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିପାରିନାହିଁ । ବାଉଁଶବଣିଆ ଓ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ସିପିଆଇ ପ୍ରାର୍ଥୀ ନିର୍ବାଚିତ ହୋଇଥିବା ବେଳେ ଦୁଇ ପଞ୍ଚାୟତର ପରାଜିତ ପ୍ରାର୍ଥୀମାନଙ୍କ ପକ୍ଷରୁ ମିଳିତ ଚକ୍ରାନ୍ତରେ ଏପରି ଆକ୍ରମଣ କରାଯାଇଛି ବୋଲି ଶ୍ରୀ କାନୁନ୍‌ଗୋ ଏକ ପ୍ରେସ୍ ବିବୃତିରେ ଅଭିଯୋଗ ଆଣିଛନ୍ତି । ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଆହତଙ୍କୁ ସାକ୍ଷାତ କରି ସେ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ନିର୍ବାଚନ ଆଳରେ ରାଜନୈତିକ ହିଂସା ସମଗ୍ର ରାଜ୍ୟରେ ଓ ଶାନ୍ତିପ୍ରିୟ ବାଲେଶ୍ୱର ଜିଲାରେ ବୃଦ୍ଧି ପାଉଥିବାରୁ ପୁଲିସ ମୁଖ୍ୟ ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ରାଜ୍ୟ ସମ୍ପାଦକଙ୍କ ଗସ୍ତ ଅବସରରେ ଦଳ ପକ୍ଷରୁ ନବ ନିର୍ବାଚିତ ସରପଞ୍ଚ ନିରଞ୍ଜନ ବାରିକ ଓ ପୁରୁଷୋତ୍ତମ ସେଠୀଙ୍କ ସମେତ ବର୍ଷିୟାନ କମ୍ୟୁନିଷ୍ଟ ନେତା କୈଳାସ ଚନ୍ଦ୍ର ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ ଓ ଯତୀନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ୯ ନଂ ୱାର୍ଡ଼ରେ ସ୍ୱାଧୀନ ପ୍ରାର୍ଥୀ ସଞ୍ଜୀବ ଦାସଙ୍କ ଜୋରଦାର ପ୍ରଚାର

ବାଲେଶ୍ୱର,୧୬/୩ (ନି.ପ୍ର) : ଚଳିତ ପୌର ନିର୍ବାଚନରେ ବାଲେଶ୍ୱର ପୌରପାଳିକାର ୯ ନଂ ୱାର୍ଡ଼ର ସ୍ୱାଧୀନ ପ୍ରାର୍ଥୀ ସଞ୍ଜୀବ ଦାସଙ୍କ ନିଆରାଢଙ୍ଗର ପ୍ରଚାର ଭୋଟରଙ୍କ ମନ କିଣିବାରେ ଲାଗିଛି । ବିଶେଷ କରି ୱାର୍ଡ଼ରେ ଥିବା ମୌଳିକ ସମସ୍ୟା ସମ୍ପର୍କରେ ସ୍ଥାନୀୟ ବାସିନ୍ଦାଙ୍କଠାରୁ ଅବଗତ ହେବା ସହ ନିଶ୍ଚିତ ସମାଧାନ ପାଇଁ ସେ ପ୍ରତିଶ୍ରୁତି ଦେଉଥିବା ଲକ୍ଷ୍ୟ କରାଯାଇଛି । ପୌର ନିର୍ବାଚନକୁ ହାତ ଗଣତି ୬ ଦିନ ବାକି ରହିଥିବା ବେଳେ ଶ୍ରୀ ଦାସ ଯୁଦ୍ଧକାଳୀନ ଭିତ୍ତିରେ ଘରକୁ ଘର ବୁଲି ନିଜ ନିଜ ସପକ୍ଷରେ ଭୋଟ ମାଗୁଛନ୍ତି । ସ୍ୱଳ୍ପ ସମୟ ମଧ୍ୟରେ ସବୁ ଭୋଟରଙ୍କୁ ଭେଟି ନିଜ ସପକ୍ଷରେ ସମର୍ଥନ ଯୋଗାଡ଼ କରିବା ଲକ୍ଷ୍ୟ ନେଇ ସେ ଆଗେଇ ଚାଲିଛନ୍ତି । ଦୀର୍ଘ ଦୁଇ ବର୍ଷ ଧରି ସେ ୯ନଂ ୱାର୍ଡବାସୀଙ୍କ ସୁଖଦୁଃଖରେ ଛିଡ଼ା ହୋଇ ଆସୁଥିବା ବେଳେ ତାଙ୍କୁ ଏହି ନିର୍ବାଚନରେ ବେଶ ସଫଳତା ମିଳିବ ବୋଲି ଶ୍ରୀ ଦାସ ଆଶାବ୍ୟକ୍ତ କରିଛନ୍ତି । ଏହି ୱାର୍ଡରେ ରାସ୍ତା, ନିଷ୍କାସନ ସାଙ୍ଗକୁ ପାନୀୟ ଜଳ ଯୋଗାଣ ସମସ୍ୟା ଦୀର୍ଘ ଦିନରୁ ଲାଗି ରହିଥିବା ବେଳେ ୱାର୍ଡର ବସ୍ତିବାସିନ୍ଦା ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି । ଯଦି ସେ କାଉନସିଲର ଭାବେ ନିର୍ବାଚିତ ହୋଇ ଆସନ୍ତି ତାହାଲେ ଏହିସବୁ ମୌଳିକ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେବେ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି ।



## ଲାୟନ୍ସ କ୍ଲବ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ବାଲେଶ୍ୱର,୧୬/୦୩ (ନି.ପ୍ର): ଲାୟନ୍ସ କ୍ଲବ, ଗୋପାଳପୁର ଶାଖା ଓ ବାଲେଶ୍ୱର ଲାୟନ୍ସ କ୍ଲବର ମିଳିତ ସହଯୋଗରେ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଜୁଡ଼ିଆସ୍ଥିତ କେସିଏ ପବ୍ଲିକ ସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଚକ୍ଷୁ ବିଶେଷଜ୍ଞ ଡାକ୍ତର ଅନୁପ ଦେ ଓ ଡାକ୍ତର ଚିନ୍ମୟୀ ପ୍ରଧାନ ପ୍ରମୁଖ ଏହି ଶିବିରରେ ଯୋଗଦେଇ ଚକ୍ଷୁରୋଗୀଙ୍କ ଆଖି ପରୀକ୍ଷା କରିଥିଲେ । ସ୍ଥାନୀୟ ଅଞ୍ଚଳର ୧୪୬ ଜଣ ଚକ୍ଷୁରୋଗୀ ଏଥିରେ ଯୋଗଦେଇ ନିଜର ଆଖି ପରୀକ୍ଷା କରାଇ ଡାକ୍ତରଙ୍କଠାରୁ ଔଷଧ ଓ ପରାମର୍ଶ ନେଇଥିଲେ । ଏଥିରୁ ୪୮ ଜଣ ମୋତିବିନ୍ଦୁ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା । ଆସନ୍ତାକାଲି ବାଲେଶ୍ୱର ଲାୟନ୍ସ ଚକ୍ଷୁ ଡାକ୍ତରଖାନାରେ ସମସ୍ତଙ୍କର ନିଃଶୁଳ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯିବ ବୋଲି କ୍ଲବର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ଏହି ଶିବିର ପରିଚାଳନାରେ ଜୁଣିଆ ଶାଖା କ୍ଲବର ଅଶୋକ କୁମାର ଅଗ୍ରୱାଲ, ବସନ୍ତ କୁମାର ପଣ୍ଡା, ପ୍ରିୟଦର୍ଶୀ ସିଂସାମନ୍ତ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।



## ୨୪ ଘଂଟାରେ ୨,୮୭୬ ନୂଆ ମାମଲା

ନୂଆଦିଲ୍ଲୀ, ୧୬/୦୩ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୨,୮୭୬ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୯୮ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୨,୮୧୧ ଥିବା ବେଳେ ବର୍ତମାନ ସୁଦ୍ଧା ୫,୧୬,୦୭୨ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ଚୋରା ବାଲି ଚାଲାଣ : ୧୦ ଯାନ ଜବତ, ୨.୮୦ ଲକ୍ଷ ଜୋରିମାନା

ଜଳେଶ୍ୱର, ୧୬/୩ (ନି.ପ୍ର) : ସୁବର୍ଣ୍ଣରେ ନଦୀରୁ ବ୍ୟାପକ ବାଲି ଚୋରା ଚାଲାଣ ହେଉଥିବା ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନର ଚେତା ପଶିଛି । ଜଳେଶ୍ୱର ତହସିଲଦାର ଓ ଏସ୍‌ଡିପିଓ ମିଳିତଭାବେ ୮ଟି ଟ୍ରାକ୍ଟର, ୧ ଡମ୍ପର ଓ ଅନ୍ୟଏକ ଜେସିବି ଜବତ୍ କରିବା ସହିତ ସେମାନଙ୍କଠାରୁ ୨ଲକ୍ଷ୮୦ହଜାର ଟଙ୍କା ଜୋରାମାନା ଆଦାୟ ହୋଇଥିବା ଜଣାଯାଇଛି । ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ତହସିଲ ଅଧିନରେ ଅଦ୍ୟାବଧି ୨୩ଟି ଯାକ ବାଲି ସୌରାତ ନିଲାମ ସରିନଥିବାରୁ ବ୍ୟାପକ ବାଲି ଚୋରାରେ ଚାଲାଣ ହୋଇ ଆସୁଛି । ଫଳରେ ଏକ ଟ୍ରାକ୍ଟର ବାଲିର ଦାମ୍ ୪/୫ଶହ ଟଙ୍କା ଥିବା ବେଳେ ବାସ୍ତବରେ ୩ହଜାରରୁ ଅଧିକ ଟଙ୍କାରେ ବିକ୍ରି ହେଉଛି । ବାଲି ମାଫିଆମାନେ ପ୍ରତ୍ସାହିତ ହୋଇ ଏହି କାର୍ଯ୍ୟକୁ ଦ୍ୱିଗୁଣିତ କରିଥିବାରୁ ପ୍ରଶାସନ ପକ୍ଷରୁ ବିଳମ୍ବରେ ହେଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଜଳେଶ୍ୱର ତହସିଲଦାର ସ୍ମୃତିରଂଜନ ମଲ୍ଲିକ, ଏସ୍‌ଡିପିଓ ଅଂକିତା କୁମ୍ଭାର, ଆର୍‌ଆଇ ଦିଲ୍ଲିପ ଚନ୍ଦ, ଶରତ ବେହେରା, ସୁପର ଭାଇଜର ସୁଭେନ୍ଦୁ ସାହୁ, ଇନିସ୍‌ପେକ୍ଟର ପ୍ରତାପ ଭଂଜ, ସଂଜୟ ମଣ୍ଡଳ ପ୍ରମୁଖ ସଦଳବଳେ କଣ୍ଠାପାଳ ଓ ମାଗୁଣିଆପଡା ଠାରେ ଥିବା ବାଲିଖାଦାନ ଉପରେ ଚଢାଉ କରିଥିଲେ । କଣ୍ଠାପାଳ ଠାରୁ ୧ଟି ଡମ୍ପର, ୧ଟି ଜେସିବି, ୫ଟି ଟ୍ରାକ୍ଟର ଜବତ୍ କରିଥିବା ବେଳେ ମାଗୁଣିଆପଡା ଠାରେ ୩ଟି ଟ୍ରାକ୍ଟର ଜବତ୍ କରାଯାଇଛି । ଜବତ୍ ହୋଇଥିବା ଯାନ ଗୁଡିକରୁ ମୋଟ ୨ଲକ୍ଷ୮୦ହଜାର ଟଙ୍କା ଜୋରିମାନା ଆଦାୟ ହୋଇଥିବା ଜଣାଯାଇଛି । ଫଳରେ ବାଲି ମାଫିଆଙ୍କ ମହଲରେ ଛନକା ପଶିଛି ।

## ମୋ କଲେଜ ଅଭିଯାନର ସ୍ୱଚ୍ଛତା କାର୍ଯ୍ୟକ୍ରମ



ବାରିପଦା, ୧୬/୦୩ (ନି.ପ୍ର): ଆଜି ବାଇଗଣବାଡିଆସ୍ଥିତ ବି.ବି.କଲେଜରେ ମୋ କଲେଜ ଅଭିଯାନ ପକ୍ଷରୁ ଏକ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅଧକ୍ଷ ଡ.ଯତିନ୍ଦ୍ରନାଥ ସିଂଦେବ ସଚ୍ଚାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ମୋ କଲେଜ ଅଭିଯାନର ସଂଯୋଜକ ପ୍ରାଧାପକ ଡ.ଶୁଭେନ୍ଦୁ ଦାସଓ ସହସଂଯୋଜକ ଅଧାପକ ସୁବ୍ରତ କୁମାର ପାଠୀ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ପରିକଳ୍ପନାକୁ ସାକାର କରିବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜଗଦିଶ ପାଲବାବୁ, ଶ୍ରୀକୃଷ୍ଣ ନାୟକ, ପବିତ୍ର ଗିରି ପ୍ରମୁଖ ଉପସ୍ଥିତରହି କଲେଜ ପରିସର ଓ ଆଖପାଖ ଅଚଂଳକୁ ପରିଷ୍କାର କରିବାରେ ସହଯୋଗ କରିଥିଲେ । ଶତାଧିକ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ ।

## ବ୍ଲକ ଅଧକ୍ଷା ଦାୟିତ୍ୱ ନେଲେ ଶୁଭଲକ୍ଷ୍ମୀ

ନୀଳଗିରି, ୧୬/୦୩ (ନି.ପ୍ର): ପଂଚାୟତ ନିର୍ବାଚନରେ ଅଭୂତପୂର୍ବ ସଫଳତା ପାଇବା ପରେ ଆଜି ବିଧିବଦ୍ଧ ଭାବେ ବ୍ଲକ ଅଧକ୍ଷା ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ବିଜେଡି ସମର୍ଥୀତ ପ୍ରାର୍ଥୀନୀ ତଥା ଭଡଁରିଆବାଡ଼ ଗ୍ରାମ ପଂଚାୟତର ସମିତିସଭ୍ୟା ଶୁଭଲକ୍ଷ୍ମୀ ମାଝୀ । ଦିବା ୧୨ଘଟିକା ସମୟରେ ନୀଳଗିରି ବ୍ଲକ ସ୍ଥିତ ନିଜ କାର୍ଯ୍ୟାଳୟକୁ ପ୍ରବେଶ କରିବା ପୂର୍ବରୁ କାର୍ଯ୍ୟାଳୟରେ ପୂଜାର୍ଚ୍ଚନା କରି ଦାୟିତ୍ୱ ଗ୍ରହଣ କରିଥିଲେ । ପରେ ବି.ଡି.ଓ. ଦାୟିତ୍ୱରେ ଥିବା ଅଶେଷ କୁମାର ନାୟକ ଶ୍ରୀମତୀ ମାଝୀଙ୍କୁ ଫୁଲ ତୋଡ଼ା ଦେଇ ସ୍ୱାଗତ କରିବା ସହିତ ରୁମ ମଧ୍ୟକୁ ପାଛୋଟି ନେଇଥିଲେ । ପରେ ବ୍ଲକ ଅଧକ୍ଷାଙ୍କୁ ତାଙ୍କ ଦାୟିତ୍ୱ ପ୍ରଦାନ କରିବା ସହ ସମସ୍ତ ନଥିପତ୍ର ପ୍ରଦାନ କରିଥିଲେ । ନିଜ ବକ୍ତବ୍ୟରେ ସେ ସମସ୍ତ ୨୫ଟି ପଂଚାୟତର ଉନ୍ନତିକରଣକୁ ପ୍ରାଥମିକତା ଦେବା ସହ ନୀଳଗିରିର ଆଦିବାସୀ ସଂପ୍ରଦାୟର ଭାଇଭଉଣୀମାନଙ୍କୁ ଅଗ୍ରାଧିକାର ଭିତିରେ ସମସ୍ତ ସରକାରୀ ସହାୟତା ଉପଲବ୍ଧ କରିବେ ବୋଲି କହିଥିଲେ । ପ୍ରାଥମିକତା ଭିତିରେ ଗ୍ରାମାଂଚଳମାନଙ୍କର ମୌଳିକ ସମସ୍ୟା ଯଥା ପାନୀୟ ଜଳ, ରାସ୍ତା, ଆବାସଗୃହ, ପାଇଖାନା ପ୍ରମୁଖ ଅଗ୍ରାଧିକାର ଭିତିରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଯୋଗାଇ ଦେବେ ବୋଲି ପ୍ରକାଶ କରିଥିଲେ । ଏଥି ସହ ବ୍ଲକରେ ଚାଲିଥିବା ପି.ସି. କାରବାରକୁ ରୋକ ଲଗାଇବା ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି । ଶ୍ରୀମତୀ ମାଝୀ ଜଣେ ଉଚ୍ଚଶିକ୍ଷିତା ହୋଇଥିଲା ବେଳେ ସରକାରୀ ଅର୍ଥକୁ ଉଚିତ୍ ମାର୍ଗରେ କିଭଳି ବିନିଯୋଗ କରାଯାଇପାରିବ, ସେଥି ସକାସ ସାଧାରଣଲୋକଙ୍କ ତରଫରୁ ଆଶାବ୍ୟକ୍ତ କରାଯାଇଛି । ଜନସାଧାରଣଙ୍କୁ ଉଚିତ୍ ସେବା ଯୋଗାଇଦେବା ମୋର ମୂଳ ଲକ୍ଷ୍ୟ ବୋଲି ଶ୍ରୀମତୀ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ରେଡକ୍ରସ ପକ୍ଷରୁ ପ୍ରାଥମିକ ଉପଚାର-ପ୍ରଶିକ୍ଷଣ ଶିବିର ଓ ସଫେଇ କାର୍ଯ୍ୟକ୍ରମ



ବାରିପଦା, ୧୬/୦୩ (ନି.ପ୍ର): ଇଣ୍ଡିଆନ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ରାଜ୍ୟ ଜୋନାଲ ସ୍ତରୀୟ ପ୍ରାଥମିକ ଉପଚାର ପ୍ରଶିକ୍ଷଣ ଶିବିର ମୟୂରଭଞ୍ଜ ଜିଲ୍ଲା ସହାୟତାରେ ଏମକେସି ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଛି । ରାଜ୍ୟ ଜୁନିୟର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଚାରି ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଶିକ୍ଷା ଅଧିକାରୀ ନବ କିଶୋର ଗିରିଙ୍କ ମାର୍ଗଦର୍ଶନରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଜୁନିୟର ରେଡକ୍ରସ ସମ୍ପାଦକ ଭାଗିରଥୀ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏମକେସି ଉଚ୍ଚ ବିଦ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ରେ ସ୍ୱେଚ୍ଛାସେବୀ ମାନେ ବାହାରି ବାରିପଦାର ମାଆ ଅମ୍ବିକାଙ୍କ ମନ୍ଦିର ସମ୍ମୁଖରେ ସଫେଇ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ । ଜିଲ୍ଲାଜୁନିୟର ରେଡକ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣିଙ୍କ ଆବାହକତ୍ୱରେ ବିଭିନ୍ନ ପ୍ରକାରର ସଚେତନତା ଧର୍ମୀ ସ୍ଲୋଗାନ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେଉଁଝର, ଦେବଗଡ଼, ଝାରସୁଗୁଡା ସମେତ ୭ଟି ଜିଲ୍ଲାର ୨୪ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ । ଏରେ ସର୍ବଭାରତୀୟ ସ୍ତରୀୟ ପ୍ରଶିକ୍ଷକ ଡାକ୍ତର ବିକାଶ ପ୍ରସାଦ, ଓଷ୍ଟାର ଜିଲ୍ଲା ସମ୍ପାଦକ ଚିତ ରଞ୍ଜନ ପଳତା, ଝାରସୁଗୁଡା ଜେଆରସିଓ ବିମଳ କୁମାର ତାଣ୍ଡି, ଦେବଗଡ଼ ଜେଆରସିଓ ରଶ୍ମିନ ଦାଶ ପ୍ରମୁଖ ଯୋଗ ଦେଇଥିଲେ ।

## ଜଳେଶ୍ୱରରେ ବିଜେଡିର ନିର୍ବାଚନୀ ପ୍ରଚାର

ଜଳେଶ୍ୱର, ୧୬/୩ (ନି.ପ୍ର) : ରାଜ୍ୟରେ ବିଜେଡିର ସୁଶାସନ ୨୫ବର୍ଷ ଧରି ଚାଲିଥିବା ବେଳେ ପଂଚାୟତରାଜ ଓ ପୌର ପାଳିକାରେ ସେହିପରି ବିଜେଡିର ଶାସନହେଲେ ରାଜ୍ୟରେ ବିକାଶ ଶୀର୍ଷ ସୀମାରେ ପହଞ୍ଚି ପାରିବ । ପଂଚାୟତ ନିର୍ବାଚନରେ ଜନସାଧାରଣ ବିଜେଡିକୁ ବିପୁଳ ଭୋଟ ଦେଇଥିବା ବେଳେ ବିଭିନ୍ନ ଯୋଜନାରେ ଲୋକଙ୍କୁ ସୁ-ଶାସନ ଦିଆଯାଇପାରୁଥିବା ବେଳେ ଏବେ ଚଳିତ ପୌରପାଳିକାରେ ବିଜେଡିକୁ ଶାସନ ଡୋର ଲୋଡାବୋଲି ଆଜି ନିର୍ବାଚନୀ ପ୍ରଚାରରେ ବିଜେଡି ଜିଲା ପ୍ରଭାରୀ ପ୍ରଦାପ ଦେବ କହିଛନ୍ତି । ଆଜି ଅପରାହ୍ନରେ ଜଳେଶ୍ୱର ମ୍ୟୁନିସିପାଲଟିର ୯ନଂ ୱାର୍ଡରେ ଏକ ଶୋଭାଯାତ୍ରାରେ ବିଜେଡିର ନେତୃବୃନ୍ଦ, କର୍ମୀ ମାନେ ଯାଇ ଏକ ପଥପ୍ରାନ୍ତ ସଭାରେ ଯୋଗ ଦେଇଥିଲେ । ଟାଉନ୍ ସଭାପତି ସୁରଜିତ୍ ଘୋଷଙ୍କ ପୌରହିତ୍ୱରେ ପ୍ରତାପ କୁମାର ଦେବ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଗରିବ ଭୂମିହୀନଙ୍କୁ ଜାଗାମିଶନ ଯୋଜନାରେ ଘରଡିହ ଓ ଆବାସ ଯୋଜନାରେ ଘର ଯୋଗାଇ ରାଜ୍ୟସରକାର ବିଶ୍ୱରେ ପ୍ରଥମ ରାଜ୍ୟଭାବେ ଜାତିସଂଘରୁ ପୁରସ୍କୃତି ହୋଇଛନ୍ତି । ସ୍ୱାସ୍ଥକାର୍ଡ ଯୋଗାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶରେ ଚର୍ଚ୍ଚିତ ହୋଇଛନ୍ତି । ଏହା ସହିତ ରେସନ୍ ଯୋଗାଣ, ବାତ୍ୟା, ବନ୍ୟା ଓ ମହାମାରୀବେଳେ ଚାଉଳ, ଡାଲି, ବୁଟ ଯୋଗାଇ ଜନସାଧାରଣଙ୍କ ପ୍ରିୟପାତ୍ର ହୋଇ ପାରିଛନ୍ତି । ନିକଟରେ ପଂଚାୟତରାଜ ନିର୍ବାଚନରେ ୩୧୪ ବ୍ଲକରୁ ୨୮୦ଟିରେ ଏବଂ ୮୫୩ ଜିଲା ପରିଷଦ ସଦସ୍ୟ ମଧ୍ୟରୁ ୭୬୬ ଜିଲାପରିଷଦ ଜିଲା ୩୦ଟି ଜିଲାପରିଷଦ ଅଧ୍ୟକ୍ଷ ପଦବୀ ମୁଖ୍ୟମନ୍ତ୍ରୀ ହାତେଇଛନ୍ତି । ଡବଲ ଇଞ୍ଜିନ ଭଳି ବିଜେଡିକୁ ଭୋଟ ଦେଲେ ରାଜ୍ୟର ବିକାଶ ଦ୍ୱିଗୁଣିତ ହେବ ବୋଲି ସୂଚାଇଛନ୍ତି । ବିଧାୟକ ଅଶ୍ୱିନୀ ପାତ୍ର ଗତ ବିଧାନସଭା ନିର୍ବାଚନରେ ବିଜେଡିକୁ ଅଧିକ ୩୫୫୦୦ ଭୋଟ ମିଳିଥିବା ବେଳେ ଗତ ପଂଚୟତ ନିର୍ବାଚନରେ ଏହା ୫୫ ହଜାରରେ ପହଞ୍ଚିଛି । ଜଳେଶ୍ୱରରେ ୨ଟି ରେଳ ଓଭରବ୍ରିଜି, ବିଜୁ ପଟନାୟକ ମଲ୍ଟି ଇଣ୍ଡୋର ଷ୍ଟାଡିୟମ, ଜଳେଶ୍ୱର ରିଂ ବନ୍ଧ, ସୁବର୍ଣ୍ଣରେଖାରେ ପୋଲ ଇତ୍ୟାଦି ଜଳେଶ୍ୱର ବିକାଶ ସଂପର୍କରେ କହିଥିବା ବେଳେ ବିଜେଡି ଶାସନରେ ଲୋକଙ୍କ ଭୋକ, ଭୟ, ଭ୍ରଷ୍ଟାଚାର ଦୂର ହୋଇଛି ବୋଲି କହିଥିଲେ । ଏହି ସଭାରେ ପୌରପାଳିକା ଅଧ୍ୟକ୍ଷ ପ୍ରାର୍ଥୀ ପ୍ରତୀପ କୁମାର ପ୍ରଧାନ, କାଉନସିଲର ପ୍ରାର୍ଥୀ ଗୋବିନ୍ଦ ସାହୁ, ସତ୍ୟରଂଜନ ଦାସ ମହାପାତ୍ର, ଅନନ୍ତ ଦାସ ବକ୍ତବ୍ୟ ରଖିଥିଲେ । ସେହିପରି ୧ ନଂ ୱାର୍ଡ ପ୍ରାର୍ଥି ସେକ୍ ସୌଫୁଦ୍ଦିନଓ ୨ନଂ ୱାର୍ଡ ସୁରଜ ଚୌରାସିଆ ଓ ପୌରଧ୍ୟକ୍ଷ ପ୍ରାର୍ଥି ପ୍ରତୀପ ପ୍ରଧାନଙ୍କ ଉପସ୍ଥିତିରେ ଶ୍ରୀ ଦେବ, ଶ୍ରୀ ପାତ୍ର, ରଣଜିତ୍ ମହାପାତ୍ର, ତାପସ ପରିଡା, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ସୁରଜିତ ଘୋଷ ବକ୍ତବ୍ୟ ରଖିଥିବା ବେଳେ ଅବଦୁଲ ରହିମ ମଂଚ ସଂଚାଳନ କରିଥିଲେ । ମାଧୁରୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟ୍ରେନ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଭଦ୍ରକ, ୧୬/୦୩ (ନି.ପ୍ର): ଆଜି ସ୍ଥାନୀୟ ଭଦ୍ରକ ରାନ୍ଧିଆ ବ୍ରିଜ୍ ନିକଟରେ ଏକ ରେଳ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଏବଂ ରେଳ ଧାରଣାରେ ପଡିଛି ମହିଳାଙ୍କ ମୃତଦେହ । ଏଯାଏଁ ମହିଳାଙ୍କ ପରିଚୟ ମିଳିପାରିନାହିଁ । ଖବର ଅନୁସାରେ ରେଳ ଧାରଣା ନିକଟରେ ଜଣେ ମହିଳାଙ୍କ ମୃତଦେହ ପଡିଥିବାର ସ୍ଥାନୀୟ ଲୋକେ ଦେଖିଥିଲେ । ଏହାପରେ ତୁରନ୍ତ ପୁଲିସ୍‌କୁ ଖବର ଦେଇଥିଲେ । ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି । ତେବେ ମହିଳାଙ୍କ ମୃତ୍ୟୁ କିପରି ହୋଇଥିଲା, ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ ।

## ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ବାଲିଆପାଳ, ୧୬/୦୩ (ନି.ପ୍ର): ବାଲିଆପାଳ ବ୍ଲକ ସୁନାରୁଇ ସ୍ଥିତ ଗଦାଧର ଗିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ରଙ୍କର ଏକ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଧକ୍ଷତା କକରିଥିବା ବେଳେ ପୂର୍ବତନ ପ୍ରଧାନ ଶିକ୍ଷକ ବରେନ୍ଦ୍ର ନାୟକ, ପୂର୍ବତନ ଶିକ୍ଷକ, ଶ୍ରୀକାନ୍ତ ପାଳ,ଶଶଧର ପରିଡା,ନବୀନ କୁମାର ସିଂ, ସସ୍ମିତା ଦେ ଏବଂ ବର୍ତମାନର ଶିକ୍ଷକ ମାନସ ପୁହାଣ, ଶିକ୍ଷୟିତ୍ରୀ ଅପରାଜିତା ରଣା, ତୁଳସୀ ବେହେରା ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ପୁରାତନ ଛାତ୍ର ଛାତ୍ରୀମାନେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜର ଅଭିଭାଷଣରେ ପୁରୁଣା ସ୍ମୃତିବଖାଣିବା ସହ ପୁରାତନ ଛାତ୍ରଛାତ୍ରୀଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ପୁରାତନ ଛାତ୍ରଛାତ୍ରୀମାନେ ସ୍କୁଲ ଜୀବନର ଅଭୁଲା ସ୍ମୃତିକୁ ଉପସ୍ଥାପନା କରିଥିଲେ । ଏହି ବନ୍ଧୁମିଳନ ଉତ୍ସବରେ ପୁରାତନ ଛାତ୍ର ଦୀପକ ସେନାପତି, ସନ୍ତୋଷ ସେଠୀ, ନିହାର ରଞ୍ଜନ ଜେନା, ବିଶ୍ୱଜିତ ପାଣିଗ୍ରାହୀ, ମହେଶ ଜେନା, ରବିଶଙ୍କର ଜେନା, ଅଶ୍ୱିନୀ ନାଥ ହରିଶ ସାହୁ, ମଣ୍ଟୁ ଦଲାଇ, ମନୋରଞ୍ଜନ ଦଲାଇ, ଅଭୟ ପାତ୍ର, ସୂର୍ଯ୍ୟକାନ୍ତ ପାତ୍ର,ବଳରାମ ପାତ୍ର, ସୁନୀଲ ନାୟକ, ଶତ୍ରୁଘ୍ନ ବେହେରା, ନାଶିରୁଦ୍ଦିନ ସାହା, ରାଜେନ୍ଦ୍ର ମାଝୀ, ବିଶ୍ୱଜିତ ପଣ୍ଡା ଛାତ୍ରୀ ସୁଭଦ୍ରା ଜେନା, ରାଧାରାଣୀ ମହାନ୍ତି, ଜୁଲିରାଣି ପାତ୍ର, ପାୟଲ ଦାସ ଅଧିକାରୀ, ରୀତାରାଣି ପାତ୍ର, ଗୌରୀ ମୁର୍ମୁ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo